JUNE 13, 2026
SATURDAY, BHUBANESWAR

ଜୁନ୍ ୧୩, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 281 ବର୍ଷ- ୧ ● ସଂଖ୍ୟା- ୨୮୧ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-



‘ଓଡ଼ିଶାର କୌଣସି ପରିବାର ଭୋକରେ ରହିବେ ନାହିଁ, କୌଣସି ଶିଶୁ ଅପପୁଷ୍ଟିର ଶିକାର ହେବେ ନାହିଁ ଏବଂ କୌଣସି ବୟୋଜ୍ୟେଷ୍ଠ ଅନ୍ନାଭାବରୁ କଷ୍ଟ ପାଇବେ ନାହିଁ। ଏହି ମହାନ ଲକ୍ଷ୍ୟ ଓ ଜନକଲ୍ୟାଣକାରୀ ଦୃଷ୍ଟିକୋଣକୁ ନେଇ ‘ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା’ର ଶୁଭାରମ୍ଭ କରାଯାଇଛି।’

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ
ଓଡ଼ିଶା ସରକାର

୨ ବର୍ଷରେ ଗୁଣା ବିକାଶ

## ଖାଦ୍ୟ ସୁରକ୍ଷାର ଗ୍ୟାରେଣ୍ଟି

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (MAPY)



‘ମୋହନ ସରକାର ହେଉଛି ଅନ୍ତ୍ୟୋଦୟର ସରକାର। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ନିକଟରେ ସରକାରୀ ସୁବିଧା ଓ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମେ ଦୃଢ଼ ପ୍ରତିବଦ୍ଧ। ଏକ ଭୋକମୁକ୍ତ, ଭୟମୁକ୍ତ ଓ ସମୃଦ୍ଧ ସମାଜ ଗଠନ ଲକ୍ଷ୍ୟରେ ଆମ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛି।’

**କୃଷ୍ଣଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ
ଓଡ଼ିଶା ସରକାର




























## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଡବଲ୍ ଇଞ୍ଜିନର ଦ୍ରୁତ...

ଦିଆଯାଉଛି । ମହିଳାଙ୍କ ବିକାଶ ପାଇଁ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଏଏସଜିକୁ ବ୍ୟାଙ୍କ ଋଣ ପ୍ରଦାନ, ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି । ଚାଷିଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନାରେ ଧାନ ସଂଗ୍ରହ କରାଯାଉଛି । କୃଷି ବିଦ୍ୟାର୍ଥୀ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ୧୦୦ ମଡେଲ୍ ମଣ୍ଡି, ଗୋଟିଏ ସପ୍ ଗୋଟିଏ ଷ୍ଟପ୍ ଇତ୍ୟାଦି କରାଯାଉଛି । ସେହିପରି ଆଜିଠାରୁ ''ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'' ଆରମ୍ଭ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ଦ୍ୱାରା ସମସ୍ତ ହିତାଧିକାରୀଙ୍କୁ ମୁଣ୍ଡ ପିଛା ପ୍ରତି ମାସରେ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ପ୍ରଦାନ କରାଯିବ । ଏଥିପାଇଁ ବାର୍ଷିକ ୮୮୧୩ କୋଟି ଟଙ୍କା ଖର୍ଚ୍ଚ ହେବ ।  ସେହିପରି ଶିକ୍ଷା ପାଇଁ ସରକାର ଜାତୀୟ ଶିକ୍ଷା ନୀତି ଓ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଗତ ୨ ବର୍ଷ ମଧ୍ୟରେ ୨୬ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି । ସେହିପରି ୪୩୩ ଗୋଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ୧୧୪ ଗୋଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବାବେଳେ ୬୪ଟି ପ୍ରକଳ୍ପର ଉଦଘାଟନ ହୋଇଛି । ସେହିପରି ପୂର୍ବ ସରକାରରେ ଅନେକ ଅପରାଧିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ମୁଖ୍ୟମନ୍ତ୍ରୀ ଏହାର ଜବାବ ବିରୋଧୀ ଦଳକୁ ମାଗିଛନ୍ତି । ସେହିପରି ବିଜେପି ସରକାରରେ ରାଜ୍ୟ ମାଓ ମୁକ୍ତ ହୋଇଛି । ମହିଳା ବିରୋଧୀ ହିଂସାରେ ଅହେତୁକଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ମହିଳା ବିରୋଧୀ ହିଂସାରେ ୨୦୨୩ରେ ଦଣ୍ଡହାର ମାତ୍ର ୬.୭ ପ୍ରତିଶତ ଥିବାବେଳେ ୨୦୨୫ ଜୁନ ସୁଦ୍ଧା ୬୨ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟ ନ୍ୟାସ ସଂହିତା ଲାଗୁ ହେବା ପରେ ସାମଗ୍ରିକ ଦଣ୍ଡବିଧାନ ହାର ୧୧ ପ୍ରତିଶତରୁ ବୃଦ୍ଧି ପାଇ ୮୭.୬ ପ୍ରତିଶତରେ ପହଁଚିଛି ।  ଭୁବନେଶ୍ୱରରେ ୭୭ ଏକର ଜମିରେ ସାଇନ୍ସ ସିଟି  କରିବାକୁ ଯାଉଛନ୍ତି ସରକାର ।  ତିନୋଟି ସେମିକଣ୍ଡକଟର କରାଯାଇଛି । ୧ ହଜାର ୭୫ଟି ରାଜସ୍ୱ ଗ୍ରାମ କରାଯାଇଛି । ୨୮ହଜାର ୫୭୧ ଜଣଙ୍କୁ ବସୁନ୍ଧରାରେ ଜମି ଦିଆଯାଇଛି । ବ୍ରିକ୍ସ ରାଷ୍ଟ୍ର ସମୂହ ଆମ ସରକାରଙ୍କୁ ପ୍ରଶଂସା ମିଳିଛି । ଗତ ସରକାର ସମୟରେ ରାଜୀବ ଭବନକୁ ଠିକାଦାରଙ୍କ ଆଡାସ୍ଥଳୀ ରେ ପରିଣତ କରାଯାଇଥିଲା । ସେଥିରୁ ଆମ ସରକାର ମୁକ୍ତ କରିଛନ୍ତି । ୧୫ହଜାର ହେକ୍ଟର ଜମିକୁ ୪ବର୍ଷରେ ଜଳସେଚନ ହେବ । ଅନୁସୂଚିତ ଜନଜାତି ଉନ୍ନତି ହେବା ଆବଶ୍ୟକ । କାହିଁକିନା ଜନସଂଖ୍ୟାର ୪୦ ପ୍ରତିଶତ ସେହି ସମ୍ପ୍ରଦାୟରୁ ଆସୁଛନ୍ତି । ଗତ ୧୩ବର୍ଷରେ ଦୁଇରୁ ତିନିଟି ଟିଏସି ବୈଠକ ହୋଇଥିଲା କିନ୍ତୁ ଆମ ସରକାର ଆସିବା ଦିନଠାରୁ ବୈଠକ କରି ବିସ୍ତାର ରୂପରେଖ ପ୍ରସ୍ତୁତ କରୁଛୁ । ୮୦ବର୍ଷରୁ ଅଧିକ କିମ୍ବା ୮୦ ପ୍ରତିଶତ ଭିନ୍ନ କ୍ଷମ ବ୍ୟକ୍ତିଙ୍କୁ ୩୧ଶହ ଟଙ୍କା ଦେଉଛୁ । ୬ଲକ୍ଷ ହିତାଧିକାରୀଙ୍କୁ ସେଚୁରନ ମୋଡରେ ଭତାରେ ଦେଉଛୁ । ଗଲା ଦୁଇ ମାସରୁ ଅଧିକ ସମୟ ହେବ ଭତ୍ତା ଦିଆଯାଇ ନଥିବା ସମସ୍ୟା ଆସିଛି କିନ୍ତୁ ଏହା କେନ୍ଦ୍ର ସରକାରଙ୍କର ସମସ୍ୟା । ଟେକ୍ନିକାଲ ସମସ୍ୟା ପାଇଁ ଅର୍ଥ ପ୍ରଦାନ କରାଯାଇ ପାରୁ ନାହିଁ ।ଗୋଟେ ମାସର ନୁହେଁ ଏକକାଳୀନ ତାଙ୍କୁ ତିନି ମାସର ଭତ୍ତା ଦେବେ ସରକାର । ୩୫ଲକ୍ଷ ଯୋଗ୍ୟ ଲୋକଙ୍କୁ ପକ୍କା ଘର ଦିଆଯିବ । ପ୍ରତ୍ୟେକ ବର୍ଷ ୧୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ରାଜ୍ୟକୁ ଯୋଗାଇବେ କେନ୍ଦ୍ର । ୪୫୫୧ ଜଣ ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କୁ ଆସି ଦର୍ଶନ କରିଛନ୍ତି । ଫାଷ୍ଟ ଡେଷ୍ଟିନେଶନ କରିବେ ସରକାର । ୨ ବର୍ଷରେ କୌଣସି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହୋଇନାହିଁ । ୨୦୨୭ ସୁଦ୍ଧା ସବୁ ଗାଁକୁ ବିଜୁଳି ଯୋଗାଇବେ ସରକାର । ୨୪ବର୍ଷ ଶାସନରେ ଗଲା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତାଙ୍କ ଗୁହାରି ଶୁଣାଇ ପାରୁ ନଥିଲେ । ଆମ ସରକାର ଆସିବା ମାତ୍ରେ ଶୁଣାଣି କରୁଛନ୍ତି ଲୋକଙ୍କ ସମସ୍ୟା । ୧୪ହଜାରରୁ ଅଧିକ ଅଭିଯୋଗ ଆସିଛି ତନ୍ ମଧ୍ୟରୁ ୯୫ ପ୍ରତିଶତ ସମାଧାନ କରାଯାଇଛି । ସବୁ ବିଭାଗରେ ପଦ ପଦବୀ ପୂର୍ବ ସରକାର କରିନଥିଲେ ଠିକରେ ନିଯୁକ୍ତି ଦେଇ ଚଳାଉଥିଲେ ।  ଲୋକସେବା ଭବନ ହେଉ କି ବିଧାନସଭା ଭବନରେ କଟକଣା ଗଣମାଧ୍ୟମ ପାଇଁ ଲଗାଇଥିଲେ ପୂର୍ବ ସରକାର । ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ । ୪ହଜାର ୧୨୪କୋଟି ଟଙ୍କା ସରକାର ସେଥିପାଇଁ ରଖିଛନ୍ତି । ଆର୍ଥିକ ସୁପରିଚାଳନାରେ ଆମେ ଶୃଙ୍ଖଳା ରକ୍ଷା କରିଛୁ । ଜାତୀୟ ହାରଠାରୁ ଆମର ଅଭିବୃଦ୍ଧି ଅଧିକ ରହିଛି ।  ବିରୋଧୀ ଦଳ ଦୁଇ ବର୍ଷ ହେବ ପଚାରୁଛନ୍ତି ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପାଇଲା କ'ଣ ? ଯାହାର ଜବାବରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ମୁଁ କହୁଛି ସେମାନେ ଶୁଣନ୍ତୁ ଦୀଘାର ଜଗନ୍ନାଥ ଧାମରୁ ଧାମ ଶବ୍ଦ ଉଠାଇବାରେ ଆମ ସରକାର ସଫଳ ହୋଇଛନ୍ତି । ଦାରୁକୁ ନେଇ ମଧ ପ୍ରଶ୍ନ କରିଥିଲେ । ମମତାଙ୍କ ଅଂହ ଭଙ୍ଗ ହୋଇଛି । ଭୁବନେଶ୍ୱରକୁ ଗେଟର ଭୁବନେଶ୍ୱର ବନାଇ ଦିଆଯିବ । ଓଡ଼ିଶାର ସମସ୍ତ ଆଧାତ୍ମିକତା କ୍ଷେତ୍ରକୁ ବିକାଶ କରାଯିବ । ଫାଇଲରେ ବି ଏବେ ଓଡ଼ିଆ ଭାଷାରେ କାର୍ଯ୍ୟ କରାଯାଉଛି । ତାହାକୁ ସତ ପ୍ରତିଶତ କରାଯିବ ।  ପୂର୍ବ ସରକାର ଚଳାଉଥିବା ବ୍ୟକ୍ତି କିମ୍ବା ନେତାଙ୍କର ଓଡ଼ିଆ ପ୍ରତି ଭଲ ପାଇବା ନଥିଲା । ସେଥିପାଇଁ ୨୪ ବର୍ଷିଆ ଶାସନରେ ଲଗାଇ ନଥିଲେ । ଆମ ସରକାର ଲୋକଙ୍କ ସହ ଅଛନ୍ତି ସେଥିପାଇଁ ତ ଲୋକଙ୍କ ସରକାର କହୁଛନ୍ତି । ୨୪ ବର୍ଷିଆ ଶାସନରେ ବିକାଶକୁ କେବଳ ପ୍ରଚାର ପ୍ରସାରରେ ସେମିତି ଥିଲା । ଗଲା ଶାସନରେ ହୁଇନ୍ସ ଆଣ୍ଡ ଫ୍ୟାନ୍ସି ଗୋଟିଏ ବ୍ୟକ୍ତି ପାଇଁ ପାଇଥିଲା । ଯାହାର ଉଦାହରଣ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେମିତି ଆଉ କାହା ରଚନାରେ ହେଉଥିଲା । ବିଗତ ସରକାରଙ୍କ ଅପାରଗତା କାରଣରୁ ବିକାଶରେ ଏବେ ବି ବାଧା ସୃଷ୍ଟି ହେଉଛି । ଆମ ସରକାର ପ୍ରତିକ୍ରିୟା ଶିଳ ନ ହୋଇ ସମସ୍ୟାକୁ ନେଇ ତାହାକୁ ସମାଧାନ କରିବା କ୍ଷେତ୍ରରେ ଆଗେଇ ଯାଉଛି ଆମ ସରକାର । ସାଲିଆ ସାହି ଓ ଚୁକୋଲି ଗାଁରେ ବସ୍ତି ଉଚ୍ଛେଦ ଯୋଗୁଁ କାମ ହୋଇ ପାରୁନଥିଲା । ତେବେ ସରକାର ବେଆଇନ ଭାବେ ରହିଥିବା ବସ୍ତି ବାସିନ୍ଦାଙ୍କୁ ବିଭିନ୍ନ ସମୟରେ ଉଚ୍ଛେଦ କରିଥିଲେ । ଯାହାକୁ ନେଇ ପ୍ରବଳ ଉତ୍ତେଜନା ମଧ୍ୟ ଦେଖାଦେଇଥିଲା । ଏହି ଅବସରରେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ ।

### ଗରିବ ପିଲାଙ୍କ ପାଇଁ...

ରାଜ୍ୟର ବିକାଶକୁ ନୂଆ ଦିଗ ମିଳିଛି ବୋଲି ସେ ଦାବି କରିଛନ୍ତି । ଦୁଇ ବର୍ଷ ପୂର୍ତ୍ତିରେ ଶିକ୍ଷା ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ଏହି ବଡ଼ ଘୋଷଣା ରାଜ୍ୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଏବେ ସମସ୍ତଙ୍କ ନଜର ରହିଛି, ଏହି ଘୋଷଣା କେତେ ଶୀଘ୍ର ଓ କିଭଳି ଭାବେ ଭୂମିସ୍ତରରେ କାର୍ଯ୍ୟକାରୀ ହେଉଛି ।

### ମାଗଣାରେ ମିଳିବ ୧୦...

କହିଥିଲେ । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ଏହି ଯୋଜନା ରାଜ୍ୟର ଗରିବ ଓ ଅସହାୟ ଲୋକଙ୍କ ପାଇଁ ଏକ ବଡ଼ ଆଶ୍ୱାସନ । ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ସରକାରୀ ସୁବିଧା ପହଞ୍ଚାଇବା ହେଉଛି ମୋହନ ସରକାରଙ୍କ ମୂଳ ଲକ୍ଷ୍ୟ । ''ଆମ ସରକାର ହେଉଛି ଅନ୍ତ୍ୟୋଦୟର ସରକାର । ଭୋକମୁକ୍ତ ଓ ଭୟମୁକ୍ତ ସମାଜ ଗଠନ ପାଇଁ ଆମେ ପ୍ରତିବଦ୍ଧ । ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ପରିବାରଙ୍କ ଖାଦ୍ୟ ସୁରକ୍ଷା ଆହୁରି ସୁଦୃଢ଼ ହେବ,'' ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ୧୦୮.୨୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମାଥେମାଟିକ୍ସରୁ ଇନ୍ଫୋସିଟି ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ୧୩ କିଲୋମିଟର ଦୈର୍ଘ୍ୟର ୬ ଲେନ୍ ରାସ୍ତାକୁ ଲୋକାର୍ପଣ କରାଯାଇଥିଲା । ୯୪୯ କୋଟି ଟଙ୍କା ବ୍ୟୟ ଅଟକଳରେ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ଫ୍ଲାଇଓଭର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା । ଏହା ରାଜଧାନୀର ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ କରିବ । ଦୁଇ ବର୍ଷରେ ଜନକଲ୍ୟାଣ, ଖାଦ୍ୟ ସୁରକ୍ଷା ଓ ଭିତ୍ତିଭୂମି ବିକାଶକୁ ନେଇ ମୋହନ ସରକାର ନେଇଥିବା ପଦକ୍ଷେପ ମଧ୍ୟରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'କୁ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି । ଗରିବଙ୍କ ଭାତ ଥାଳିକୁ ସୁରକ୍ଷିତ କରିବା ସହିତ ଏହି ଯୋଜନା ରାଜ୍ୟର ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

### ଡବଲ ଇଞ୍ଜିନ ସରକାରର...

ମହିଳା ଓ ଯୁବବର୍ଗଙ୍କ ଜୀବନମାନରେ ସକାରାତ୍ମକ ପରିବର୍ତ୍ତନ ଆସିଛି । ସେହିପରି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ଲୋକଙ୍କ ବିଶ୍ୱାସ ଜିତି ସ୍ୱଚ୍ଛ ଓ ଜବାବଦେହୀ ପ୍ରଶାସନ ମାଧ୍ୟମରେ ବିକାଶର ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି । ଢେଙ୍କାନାଳ ଜିଲ୍ଲା ମଧ ଡବଲ ଇଞ୍ଜିନ ସରକାରର ସମନ୍ୱିତ ପ୍ରୟାସ ଫଳରେ ଦ୍ରୁତ ବିକାଶ ପଥରେ ଆଗେଇ ଚାଲିଛି ।' ସମାବେଶର ମୁଖ୍ୟବକ୍ତା ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ରନାରାୟଣ ପାଣୀ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ, ବିକାଶମୂଳକ ପଦକ୍ଷେପ ଏବଂ ଆଗାମୀ ଦିନରେ ଓଡ଼ିଶାକୁ ଏକ ସମୃଦ୍ଧ ଓ ଆତ୍ମନିର୍ଭର ରାଜ୍ୟରେ ପରିଣତ କରିବା ପାଇଁ ସରକାରଙ୍କ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ମତ ରଖିଥିଲେ । ଏହି ଅବସରରେ ପରଜଙ୍ଗ ବିଧାୟକ ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଡ଼. ଅରୁଣ ନାୟକ, ବରିଷ୍ଠ ନେତା ମାତୃପ୍ରସାଦ ନନ୍ଦ, ପ୍ରେମାନନ୍ଦ ଜେନା, ଜଗବନ୍ଧୁ ପୃଷ୍ଟିଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ରହି ସମାବେଶକୁ ସମ୍ବୋଧିତ କରିଥିଲେ । ସମାବେଶର ସବୁଠାରୁ ବଡ଼ ଆକର୍ଷଣ: ଭୁବନ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ବିଜେଡି କର୍ମୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଦଳୀୟ ନେତୃତ୍ୱଙ୍କ ଉପସ୍ଥିତିରେ ବିଜେପିର ପତାକା ଗ୍ରହଣ କରି ଦଳରେ ସାମିଲ ହୋଇଥିଲେ । ବିକାଶ, ସୁଶାସନ ଓ ସଂଗଠନର ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗଦେଇଥିବା ଦଳ ପକ୍ଷରୁ କୁହାଯାଇଛି । ଏହି ଯୋଗଦାନକୁ କାମାକ୍ଷାନଗର ଅଞ୍ଚଳରେ ବିଜେପି ସଂଗଠନର ଶକ୍ତିବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି । ସମାବେଶରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଲକ୍ଷ୍ୟ କରାଯାଇଥିଲା । ବିକାଶ, ସୁଶାସନ ଓ ଜନକଲ୍ୟାଣର ବାର୍ତ୍ତାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ କେବଳ ଏକ ରାଜନୈତିକ ସମାବେଶରେ ସୀମିତ ନ ରହି ବିକାଶମୁଖୀ ଜନଆନ୍ଦୋଳନର ରୂପ ନେଇଥିବା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଭୁବନରେ ଏତେ ବୃହତ୍ ଜନସମାଗମ ଓ ବିରୋଧୀ ଦଳର କର୍ମୀଙ୍କ ବ୍ୟାପକ ଯୋଗଦାନକୁ ନେଇ କାମାକ୍ଷାନଗର ଓ ଭୁବନ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ରାଜନୈତିକ ବିଶ୍ଳେଷକଙ୍କ ମତରେ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମାବେଶ ସ୍ଥାନୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିବା ସହିତ ଆଗାମୀ ଦିନର ରାଜନୈତିକ ଦିଗ ନିର୍ଦ୍ଧାରଣରେ ମଧ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିପାରେ । ଭୁବନର ଏହି ବିକାଶ ସଂକଳ୍ପ ସମାବେଶ ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲାର ରାଜନୈତିକ ପରିସରରେ ଏକ ପ୍ରମୁଖ ଆଲୋଚନାର ବିଷୟ ପାଲଟିଛି ।

### ୨୦୧୬ର ଅଧୁରା...

ଆନ୍ତରିକତା ନ ଥିଲେ ଏହା ସମ୍ଭବ ହୋଇପାରିନଥାଆନ୍ତା । ଏଥିପାଇଁ ପୂର୍ତ୍ତ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ, ମେୟର ଏବଂ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୨୦୧୬ରେ ଏକାମ୍ର କାନନ-ଆଇଏମ୍ଏ ରାସ୍ତାର ଯୋଜନା କରାଯାଇଥିଲା । ଯାହାର ଲମ୍ବା  ୨୦୦ ଫୁଟ ରହିଛି । ୧୦ କୋଟି ୭୭ ଲକ୍ଷ ବିନିମୟରେ ଏହି ୬ ଥାକିଆ ରାସ୍ତା ନିର୍ମାଣ କରାଯାଇଛି । ହାତିଆଣ୍ଟୁଣୀଠୁ ଓଇଆରସି ଯାଏଁ କାମ ଶେଷ ହୋଇଥିଲା । ପଥରଗାଡିଆଠୁ ଆଇଏମଏ ଯାଏଁ କାମ ସରିଥିଲା । କିନ୍ତୁ ମାତ୍ର

### ରେଳ ମନ୍ତ୍ରୀଙ୍କ ବଡ଼...

କରି କେନ୍ଦ୍ର ମନ୍ତ୍ରୀ ବୈଷ୍ଣବ କହିଥିଲେ, ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟାର ଲହରୀ ଇଓ ଦ୍ୱାରା ପରିଚାଳିତ ହେଉଥିଲେ ମଧ, ପରବର୍ତ୍ତୀ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ତରଙ୍ଗ କ୍ୱାଣ୍ଟମ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ହେବ । ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରହଣ କରାଯାଇଥିବା କାର୍ଯ୍ୟ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଏହି ପ୍ରୟୋଗଶାଳା ଛକଉ ରେ ମଧ ଗବେଷଣା କରିବ, ଯାହାକୁ ଜଣେ କ୍ଷେତ୍ର ଅଧିକାରୀ ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି ।

---

କେବେ ସୁଧୁରିବ ବ୍ରାହ୍ମଣୀଗାଁ ନେଟୱାର୍କ ସମସ୍ୟା

## ବିଦ୍ୟୁତ୍ ଚାଲିଗଲେ ନେଟୱର୍କ ସେବା ଅଚଳ

ଦାରିଙ୍ଗବାଡ଼ି :୧୨/୦୬ (ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ରେ ଏକ ମାତ୍ର ବି ଏସ୍ ଏନ୍ ଏଲ୍ ସଂସ୍ଥା ଇଣ୍ଟରନେଟ ସେବା ଯୋଗାଇ ଆସୁଥିବା ବେଳେ ଅଞ୍ଚଳ ବାସୀ  ସ୍ଥିର ନେଟୱାର୍କ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।  କାଳ ବୈଶାଖୀ ପ୍ରଭାବ ରେ ବ୍ରାହ୍ମଣୀଗାଁ ଅଞ୍ଚଳ ରେ  ବାରମ୍ ?ାର ବିଦ୍ୟୁତ ସେବା ପ୍ରଭାବିତ ହୋଉଥିବା ବେଳେ ସବୁ ଠିକ୍ ଠାକ୍ ଥାଇ ମଧ ବିଦ୍ୟୁତ୍ ଅଭାବ ରୁ ଇଣ୍ଟରନେଟ ସେବା ବନ୍ଦ ରହୁଛି । ବିଦ୍ୟୁତ ନଥିଲେ ବ୍ୟାଟେରୀ କିମ୍ବା ଜେନେରେଟର ବ୍ୟବହାର କରି ନେଟୱାର୍କ ଯୋଗାଇବା ର ବ୍ୟବସ୍ଥା ରହିଥିବା ବେଳେ ଏଠାରେ କିଛି ଅଲଗା ଦେଖିବାକୁ ମିଳୁଛି, କୌଣସି କାରଣ ରୁ ଜେନେରେଟର ବ୍ୟବହାର କରାଯାଉ ନ ଥିବା ବେଳେ ବ୍ୟାଟେରୀ ବେକପ୍ ରହୁନାହିଁ, ସ୍ଥାନୀୟ ଅପରେଟର ଙ୍କୁ ପଚାରିବାରୁ ବ୍ୟାଟେରୀ ବେକ୍ ଅପ୍ ରହୁନାହିଁ ବୋଲି କହିଛନ୍ତି । ଅନ୍ୟ ପକ୍ଷରେ ବିକଳ୍ପ ନେଟୱାର୍କ ଭାବେ ଜିଓ ଟାୱାର ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଦାବୀ ହୋଇଥିଲେ ସୁଦ୍ଧା ଶୁଣିବାକୁ କେହି ନାହିଁ । ଏହି ସମସ୍ୟା ର ସମାଧାନ ପାଇଁ ବାରମ୍ୱାର ଦାବୀ ହୋଇ ଆସୁଥିଲେ ମଧ ବିଭାଗୀୟ ଅଧିକାରୀ ଙ୍କ ଉଦାସୀନ ମନୋଭାବ ଯୋଗୁଁ ତାହା କାର୍ଯ୍ୟକାରି ହୋଇ ପାରୁ ନାହିଁ, ଫଳରେ ଦିନ କୁ ଦିନ ଜନ ଅସନ୍ତୋଷ ବଢିବାରେ ଲାଗିଛି, ତୁରନ୍ତ ନୂତନ ବ୍ୟାଟେରୀ ସଂଯୋଗ କରି ନେଟୱାର୍କ ସେବା ଯୋଗାଇ ଦେବାକୁ ଗ୍ରାମ ତଥା ଅଞ୍ଚଳ ବାସୀ ଦାବୀ କରିଛନ୍ତି, ନଚେତ୍ ଆଗାମୀଦିନରେ କଞ୍ଜୁମର କେଶ୍ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ପକ୍ଷରୁ ଜରୁରୀ କାଳୀନ ବୈଠକ

କଟକ ସଦର,୧୨।୬(ଅକ୍ଷର ଓଡ଼ିଶା): କଟକ ସଦର ବ୍ଲକ୍ ଅନ୍ତର୍ଗତ କଳପଡ଼ାସ୍ଥିତ କଦମ୍ବେଶ୍ ?ର ମନ୍ଦିର ପୀଠ ପ୍ରାଙ୍ଗଣରେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ୩ ଦିନ ଧରି 'ରଜ ମହୋତ୍ସବ' କିପରି ଶାନ୍ତି ଶୃଙ୍ଖଳା ଭାବେ ପାଳନ କରାଯିବ ଏ ନେଇ ଏକ ଜରୁରୀ କାଳୀନ ପ୍ରସ୍ତୁତି ବୈଠକ ଉକ୍ତ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୧୧ଟି ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି 'ରଜ ମହୋତ୍ସବ' ପ୍ରସ୍ତୁତି ବୈଠକରେ ସଭାପତି ତଥା ଶିକ୍ଷାବିତ ମନୋଜ କୁମାର ନାୟକ ଜଣାଇଛନ୍ତି । ଏତତ ବ୍ୟତୀତ ଏହି ମହୋତ୍ସବ ୩ ଦିନ ଧରି ସକାଳ ୮ ଘଟିକା ରୁ ଆରମ୍ଭ ହୋଇ ରାତ୍ର ୧୦ ଘଟିକା ରେ ଶେଷ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସ୍ଥିର ହୋଇଛି । ଏଥିରେ ସଙ୍ଗଠନର ଉପଦେଷ୍ଟା ବିଜୟ କୁମାର ନାୟକ ଓ ଅନ୍ୟ କର୍ମକର୍ତ୍ତା ମାନେ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନୂଆପଡ଼ାରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଭବ୍ୟ ଶୁଭାରମ୍ଭ

ନୂଆପଡ଼ା, ୧୨/୦୬( ଅକ୍ଷର ଓଡିଶା )ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଅବସରରେ ଗରିବ ଓ ଅଭାବୀ ପରିବାରଙ୍କ ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ସ୍ଥାନୀୟ ନ୍ୟାସନାଲ କଲେଜ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ମାଧ୍ୟମରେ ନୂଆପଡ଼ା ଜିଲ୍ଲାର ୫ ଲକ୍ଷ ୫୬ ହଜାର ୯୩୨ ଜଣ ହିତାଧିକାରୀ ଅତିରିକ୍ତ ମାଗଣା ଚାଉଳ ପାଇବେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଅତିଥି ଓ ହିତାଧିକାରୀମାନେ ଭୁବନେଶ୍ୱରସ୍ଥ ଆଇଡିକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ସମାରୋହର ସିଧାପ୍ରସାରଣ ଅବଲୋକନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

---

# ଜନଜାତି ବିକାଶ ନାଁରେ କୋଟି କୋଟି ଟଙ୍କାର ହିସାବ ଅସ୍ପଷ୍ଟ

## ୫୨୩ କୋଟି ଅନୁଦାନ, ୬୧ କୋଟି ବ୍ୟୟର ୟୁସି ନାହିଁ, ଓପିଲିପି କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ




ଭୁବନେଶ୍ୱର:୧୨ଓକ୍ଟ୬(ଗୌରୀପ୍ରସାଦ ପାତ୍ର)ପିଭିଟିଜି ବିକାଶ ଆଳରେ ଅଟକିଲା କୋଟି କୋଟି ର ଅନୁଦାନଓଜନଜାତି ବିକାଶ ନାଁରେ କୋଟି କୋଟି ଟଙ୍କାର ହିସାବ ଅସ୍ପଷ୍ଟ ଥିବା ଜଣାପଡିଛି ଓ ଓପିଲିପି ଠାରେ ଏଭଳି ପରିଚାଳନାଗତ ତ୍ରୁଟି ର ତଥ୍ୟ ସବୁ ବର୍ତ୍ତମାନ ସାମ୍ନା କୁ ଆସିଛି ଓ ରାଜ୍ୟର ୧୭ଟି ଏମପିଏ ସମେତ ରାୟଗଡା ର ଚାଟିକୋଣା, ପାର୍ସାଲୀ ଓ ପୁଟାସିଂରେ ଓପିଲିପି କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ୨୦୧୯-୨୪ ମଧ୍ୟରେ ବିଭିନ୍ନ ଯୋଜନା ଅଧୀନରେ ଓପିଲିପି କାର୍ଯ୍ୟକ୍ରମ ପାଇଁ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ପକ୍ଷରୁ ୩୯୯.୧୮ ସମେତ ପୂର୍ବବର୍ତ୍ତୀ ବର୍ଷର ଅବଶିଷ୍ଟ ରାଶି ୧୨୪.୦୮ ସହିତ ମୋଟ ୫୨୩.୨୬ କୋଟି ଟଙ୍କାର ଅନୁଦାନ ଗୃହୀତ କରାଯାଇଥିଲା ଓ ମୋଟ ୪୬୧.୭୧ କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ, ମାତ୍ର ୪୦୧.୩୧ କୋଟି ଟଙ୍କାର ୟୁସି ଦାଖଲ କରିଛନ୍ତି ଓ ଅବଶିଷ୍ଟ ୬୦.୪୦ କୋଟିର ୟୁସି ଦାଖଲ କରାଯାଇନଥିବା ଜଣାପଡିଛି । ଏଥି ସହ ୨୦୧୯-୨୪ ମଧ୍ୟରେ ରାୟଗଡା ର ଚାଟିକଣା, ପାର୍ସାଲୀ ଏବଂ ପୁଟାସିଂ ସମେତ ରାଜ୍ୟ ର ୧୭ଟି ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି (ଏମପିଏ) ମୋଟ ୪୬୧.୪୪ କୋଟି ଟଙ୍କା ମଧ୍ୟରୁ ୪୨୪.୬୨ କୋଟି ଟଙ୍କା ବ୍ୟୟ କରିଥିବା ବେଳେ ୩୬.୮୨ କୋଟି ଟଙ୍କା ଖର୍ଚ୍ଚ କରାଯାଇପାରିନଥିଲା ଓ ଏହି ବ୍ୟୟ ବିପରୀତରେ (ଏମପିଏ)ଗୁଡ଼ିକ କେବଳ ୩୬୩.୧୪ କୋଟି ର ୟୁସି ଦାଖଲ କରିପାରିଥିବା ବେଳେ ୬୧.୪୮ କୋଟି ଟଙ୍କା ବ୍ୟୟ ସମ୍ବନ୍ଧୀୟ କୌଣସି ୟୁସି ଦାଖଲ କରାଯାଇପାରି ନାହିଁ ଓଏତେ ମାତ୍ରା ରେ ବ୍ୟୟ ସତ୍ତ୍ୱେ ସମ୍ପ୍ରତି ୟୁସି ଦାଖଲ ନ ହେବାର କାରଣ ନେଇ ସନ୍ଦେହ ସୃଷ୍ଟି ହୋଇଛି ଓ ସେହିପରି ପ୍ରକଳ୍ପ ପରିଚାଳନା ୟୁନିଟ ପକ୍ଷରୁ ଏମପିଏ ଗୁଡ଼ିକୁ ଅନୁଦାନ ଦିଆଯିବା ପରେ ପ୍ରକୃତ ବ୍ୟୟ ନିଶ୍ଚିତ ନକରି ବିଭାଗ ନିକଟରେ ଅତିରଞ୍ଜିତ ୟୁସି ଦାଖଲ କରାଯାଇଥିବା ତଥ୍ୟ ମଧ ସାମ୍ନା କୁ ଆସିଛି । ଅନୁରୂପ ଭାବେ ପିଭିଟିଜି ସମୁଦାୟଙ୍କ ଜୀବିକା ବିକାଶ ପାଇଁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ ସୁବିଧା ନିମନ୍ତେ 'ପିଭିଟିଜି ସଶକ୍ତିକରଣ ପାଣ୍ଠି' (ପିଇଏଫ) ଗଠନ କରାଯାଇଥିଲା । ଏହି ଯୋଜନା ଅଧୀନରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଫେଡେରେସନ (ଜିପିଏଲଏଫ) ମାଧ୍ୟମରେ ଏସଏଚଜି ଗୁଡ଼ିକୁ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା ଓ ଏହି କ୍ରମରେ ରାଜ୍ୟ ର ୧୭ଟି ଏମପିଏ ଅଧୀନରେ ୨,୧୧୩ଟି ପିଭିଟିଜି ଏବଂ ଅଣ ପିଭିଟିଜି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୧୯.୩୪ କୋଟି ଟଙ୍କାର ପିଇଏଫ ସହାୟତା ପ୍ରଦାନ କରାଯାଇଥିଲା । ମୋଟ ଋଣ ରାଶିରୁ ୮.୭୬ କୋଟି ଟଙ୍କା ୪୫% ପରିଶୋଧ ହୋଇଥିବା ବେଳେ ୭୦୯ଟି ଏସଏଚଜି ଠାରୁ ୧୦.୫୮ କୋଟି ଟଙ୍କା ଆଦାୟ ନ ହୋଇ ପଡି ରହିଛି । ଏଥି ସହ ରାଜ୍ୟ ର ମୋଟ ୧,୪୩୭ଟି ପିଭିଟିଜି ସ୍ୱୟଂ ସହାୟକ ଗୋଷ୍ଠୀ କୁ ୧୨.୯୫ କୋଟି ଋଣ ପ୍ରଦାନ କରାଯାଇଥିବା ବେଳେ ମାତ୍ର ୫.୮୬ କୋଟି ଟଙ୍କା (୨୦୨୪ ମାର୍ଚ୍ଚ ସୁଦ୍ଧା) ଗୋଷ୍ଠୀ ଗୁଡ଼ିକ ପରିଶୋଧ କରିଛନ୍ତି । ଋଣ ପରିଶୋଧରେ ମୟୂରଭଞ୍ଜ ଜିଲ୍ଲାର ମୋରଡା ଏମପିଏ ୯୨% ବିଫଳ ରହିଥିବା ବେଳେ ୮୬% ସହ ରାୟଗଡ଼ାର ଡିକେଡିଏ, ଚାଟିକୋଣା ରହିଥିବା ଜଣାପଡିଛି ଓ ଏଥି ସହ ଶିଶୁ ବିବାହ ରୋକିବା ଏବଂ ବିଳମ୍ବିତ ବିବାହକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୨୦୨୦ରେ 'ପିଭିଟିଜି ପରିବାର ପାଇଁ ବିଳମ୍ବିତ ବିବାହ ପ୍ରୋତ୍ସାହନ ଯୋଜନା' ଆରମ୍ଭ କରାଯାଇଥିଲା । ଯୋଜନା ଅନୁଯାୟୀ ୧୮ ବର୍ଷ ବୟସ ପରେ ବିବାହ କରୁଥିବା ପ୍ରତ୍ୟେକ ପିଭିଟିଜି ଝିଅଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ର ବ୍ୟବସ୍ଥା ରହିଥିଲା । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ, ମାଲକାନଗିରି ଜିଲ୍ଲାରେ ଶିଶୁ ବିବାହ ହାର ସର୍ବାଧିକ ୩୯.୩୦%, ନବରଙ୍ଗପୁରରେ ୩୭.୯୦%, ମୟୂରଭଞ୍ଜରେ ୩୫%, କୋରାପୁଟରେ ୩୪.୭୦% ଏବଂ ରାୟଗଡ଼ାରେ ୩୪.୪୦% ରହିଛି ଓ ଏହି କାରଣ ରୁ ଜନଜାତି ସମୁଦାୟର ଘନବସତି ଥିବା ଜିଲ୍ଲାଗୁଡ଼ିକରେ ଶିଶୁ ବିବାହ ହାର ଅଧିକ ଥିବା ତଥ୍ୟ ସାମ୍ନାକୁ ଆସିଥିଲା । ତେବେ ରାଜ୍ୟ ର ପାର୍ସାଲୀ, ପୁଟାସିଂ ସମେତ ୫ଟି ଏମପିଏ କୁ ଛାଡିଦେଲେ କୌଣସି ଏମପିଏ ପାଖରେ ସେମାନଙ୍କ ଅଧୀନସ୍ଥ ଗ୍ରାମ ଗୁଡ଼ିକରେ ଘଟୁଥିବା ଶିଶୁ ବିବାହ ସମ୍ପର୍କିତ ତଥ୍ୟ କିମ୍ବା ରେକର୍ଡ ଉପଲବ୍ଧ ନଥିବା ସୂଚନା ରହିଛି ଓ ଡିକେଡିଏ ଚାଟିକଣା ପାଖରେ ମଧ ଏ ସମ୍ପର୍କିତ କୌଣସି ତଥ୍ୟ ନ ଥିବା ବିଷୟ ସାମ୍ନା କୁ ଆସିବା ପରେ ସଂସ୍ଥାର କାର୍ଯ୍ୟକାରିତା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା କୁହାଯାଉଛି ଓ

---

### ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

# ଏଣିକି ହିତାଧିକାରୀ ପାଇବେ ୧୦ କିଲୋଗ୍ରାମ ଚାଉଳ

କେନ୍ଦ୍ରାପଡ଼ା,୧୨/୦୬(ଅକ୍ଷର ଓଡ଼ିଶା): ଜିଲ୍ଲା ସଂସ୍କୃତି ଭବନ, କେନ୍ଦ୍ରାପଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜନହିତକର ପଦକ୍ଷେପ "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା" ର ଶୁଭାରମ୍ଭ ଅବସରରେ ଭର୍ଚୁଆଲ ମାଧ୍ୟମରେ  ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ କେନ୍ଦ୍ରାପଡ଼ା ଜିଲ୍ଲା ଯୋଡ଼ି ହୋଇଥିଲା । ଏହି ଯୋଜନା ଅଧୀନରେ ପୂର୍ବରୁ ହିତାଧିକାରୀମାନେ ୫ କିଲୋଗ୍ରାମ ଚାଉଳ ପାଉଥିବା ବେଳେ ବର୍ତ୍ତମାନ ଅତିରିକ୍ତ ୫ କିଲୋଗ୍ରାମ ସହ ମୋଟ ୧୦ କିଲୋଗ୍ରାମ ଚାଉଳ ପାଇବେ ।କାର୍ଯ୍ୟକ୍ରମରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରିବା ସହ ଯୋଗ୍ୟ ଅଙ୍ଗନବାଡି କର୍ମୀମାନଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିଥିଲେ ।ଏହି ଅବସରରେ  ମନ୍ତ୍ରୀ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଉପରେ ଆଲୋକପାତ କରି କହିଥିଲେ ଯେ, "ବିକାଶର ଧାରା, ଓଡ଼ିଶା ସାରା" ସଂକଳ୍ପକୁ ସାକାର କରିବା ପାଇଁ ସରକାର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଫଳତାର ସହ ପହଞ୍ଚାଇ ପାରିଛନ୍ତି ।ସେ ଆହୁରି କହିଥିଲେ ଯେ ଜନସାଧାରଣଙ୍କ ସହଯୋଗ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ସମ୍ଭବ ହୋଇପାରିଛି, ଯାହା ଚାଷୀଙ୍କ ଆର୍ଥିକ ସଶକ୍ତିକରଣର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଏହା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ



ଏବଂ ଉଚ୍ଚ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ସହାୟତା ଓ ପଦକ୍ଷେପ ଗ୍ରହଣ କରିଥିବା ସେ ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ  ବିଧାୟକ, କେନ୍ଦ୍ରାପଡ଼ା ଗଣେଶ୍ୱର ବେହେରା, ମାନ୍ୟବର ବିଧାୟକ, ମହାକାଳପଡ଼ା ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ  ଦୁର୍ଗା ପ୍ରସନ୍ନ ନାୟକ, ମାନ୍ୟବର ସାଂସଦଙ୍କ ପ୍ରତିନିଧି  କିଶୋର ଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ  ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ  ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)  ନବକୃଷ୍ଣ ଜେନା, ଜିଲ୍ଲା ଯୋଗାଣ ଅଧିକାରୀ  ବେଣୁଧର ପାଣିଗ୍ରାହୀଙ୍କ ସମେତ ବହୁ ଜନପ୍ରତିନିଧି, ଅଧିକାରୀ ଓ ହିତାଧିକାରୀ ଉପସ୍ଥିତ ଥିଲେ ।

### ବାଇକ ପାଇଁ ଦୁଇ ଶ୍ରମିକଙ୍କ ମଧ୍ୟରେ ବଚସା

# ଜଣଙ୍କ ଛୁରା ମାଡ଼ରେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଆହତ

ମାଲକାନଗିରି ୧୨/୦୬ (ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି ।ଓର୍କେଲ ଥାନା ପଛପଟେ ହାଉସିଂ ବୋର୍ଡ ପକ୍ଷରୁ ନିର୍ମାଣ କରାଯାଉଥିବା ଏକ ନୂତନ କୋଠା କାର୍ଯ୍ୟରେ ନିୟୋଜିତ ଥିବା ମାଲକାନଗିରି ଥାନା ଅଧୀନ ଏମଭି-୮ ନମ୍ବର ଗ୍ରାମର ଶ୍ୟାମ ସୁନ୍ଦର ସରକାର ଏବଂ ମୋଟୁ ଥାନା ଅଧୀନ ଏମପିଭି -୮୧ ଗ୍ରାମର ବିଶ୍ୱନାଥ ସର୍ଦାରଙ୍କ ମଧ୍ୟରେ କୌଣସି କାରଣରୁ ଏକ ବାଇକକୁ ନେଇ ଦୁଇଜଣ ଶ୍ରମିକଙ୍କ ମଧ୍ୟରେ କିଛି ସମୟ ଧରି ବଚସା ଲାଗି ରହିବା ପରେ ହଠାତ ଉତକ୍ଷିପ୍ତ ହୋଇ ବିଶ୍ୱନାଥ ହଠାତ ଏକ ଛୁରିରେଶ୍ୟାମ ସୁନ୍ଦରଙ୍କୁ ଭୁସି ଦେଇଥିଲା । ଯାହା ଫଳରେ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିବା ଶ୍ୟାମ ସୁନ୍ଦରଙ୍କୁ ସ୍ଥାନୀୟ ଲୋକେ ସେଠାରୁ ଉଦ୍ଧାର କରି  ଚିକିତ୍ସା ନିମନ୍ତେ ପ୍ରଥମେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ । ଶ୍ୟାମ ସୁନ୍ଦରଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉଚ୍ଚ ଚିକିତ୍ସା ନିମନ୍ତେ ଡାକ୍ତର ତାଙ୍କୁ ମାଲକାନଗିରି ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ ।ଏ ନେଇ ଆହତ ଥିବା ଶ୍ୟାମ ସୁନ୍ଦରଙ୍କ ଭାଇ  ରାଜେଶ ସରକାର ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ ।


**AFFIDAVIT**

By virtue of an Affidavit sworn before Shri R Das Executive Magistrate, Bhubaneswar, Bearing No-84AA 548552 ,Dated 11-06-2026, I Nabaji Rana, Age about 35 Years,W/O Prasanti Rana ,Peramanent Resident At-Nakatiguda, PO/PS- Bhawanipatna ,Dist-Kalahandi, PIN- 766001,Odisha vide Aadhar No-5064 8465 9741. " I declare that My Daughter's Actual and Correction Name Arnapurna Rana vide Birthday Certificate No- 7973/2015 and Aadhar No-8295 2085 1874 and wrongly mentioned her adhar card Name Aran Purna. Aran Purna And Arnapurna Rana is one and same person .

AO-A26/138

**ଶପଥପତ୍ର**

ମୁଁ, ସୁଭଜିତ ରାଉତ, ପିତା – ଶ୍ରୀ ସୁରେନ୍ଦ୍ରନାଥ ରାଉତ, ସ୍ଥାୟୀ ବାସିନ୍ଦା – ଗ୍ରାମ/ଡାକଘର: ନରସିଂହପୁର, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍ – ୭୫୪୨୧୫, ଓଡ଼ିଶା, ଏହି ମର୍ମରେ ଶପଥପତ୍ର ନଂ ୦୯୦୬ଇଇ ୨୪୫୦୦, ତାରିଖ ୦୯.୦୬.୨୦୨୬ ଅନୁଯାୟୀ ଘୋଷଣା କରୁଅଛି ଯେ, ଆଜିଠାରୁ ମୋର ନାମ "ସୁଭ୍ରଜିତ ରାଉତ" ଭାବରେ ପରିଚିତ ହେବ ଏବଂ ଭବିଷ୍ୟତରେ ସମସ୍ତ ସରକାରୀ, ବେସରକାରୀ ଓ ଆଇନଗତ କାର୍ଯ୍ୟରେ ମୋର ନାମ "ସୁଭ୍ରଜିତ ରାଉତ" ଭାବରେ ବ୍ୟବହୃତ ହେବ ।

(ପୂର୍ବ ନାମ: ସୁଭଜିତ ରାଉତ)
(ନୂତନ ନାମ: ସୁଭ୍ରଜିତ ରାଉତ)

AO-A26/139

JUNE 13, 2026
SATURDAY, BHUBANESWAR

ଜୁନ୍ ୧୩, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 281 ବର୍ଷ- ୧ ● ସଂଖ୍ୟା- ୨୮୧ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

# ଡବଲ୍ ଇଞ୍ଜିନର ଦ୍ରୁତ ଗତି, ବଦଳୁଛି ଓଡ଼ିଶାର ସ୍ଥିତି ଓ ପ୍ରଗତି

## ୨୦୨୭ ସୁଦ୍ଧା ସବୁ ଗାଁକୁ ବିଜୁଳି ଓ ମୌଳିକ ସୁବିଧା: ବିଜେପି ସରକାରଙ୍କ ମିଶନ ଯୁଦ୍ଧକାଳୀନ

ଭୁବନେଶ୍ୱର, ୧୨/୦୬ - ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାର ଦୁଇ ବର୍ଷ ପୂରଣ କରିଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ବର୍ଷର ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି । ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରିପୋର୍ଟ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣରୁ ରିପୋର୍ଟ କାର୍ଡ ଦେଇଛନ୍ତି । ଏହା ସହିତ କୃଷି, ଶିକ୍ଷା, ସାସ୍ଥ୍ୟ, ଅର୍ଥ, ଗମନାଗମନ, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ଆଲୋକପାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ସାମ୍ବାଦିକଙ୍କର ଗୋଟିଏ ଗୋଟିଏ ପ୍ରଶ୍ନର ଉତ୍ତର ରଖିଛନ୍ତି ।



- ଦୁଇ ବର୍ଷର ବିଶ୍ୱାସ, ସମୃଦ୍ଧ ଓଡ଼ିଶାର ଦୃଢ଼ ପ୍ରତିଶ୍ରୁତି
- ସୁଭଦ୍ରାରୁ ଅନ୍ନପୂର୍ଣ୍ଣା: ମହିଳା ସଶକ୍ତିକରଣ ଓ ଗରିବ କଲ୍ୟାଣର ନୂଆ ପର୍ବ
- ୨ ବର୍ଷରେ ୧୨୧ ନୂଆ ଯୋଜନା
- ମାଓ ମୁକ୍ତ ଓଡ଼ିଶା, ଅପରାଧମୁକ୍ତ ସମାଜ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇସାରିଛି । ସେହି ଲକ୍ଷ୍ୟ ହାସଲ ଦିଗରେ ସରକାର କାମ କରୁଛନ୍ତି । ଓଡ଼ିଶାବାସୀ ବର୍ତ୍ତମାନ ନିଜ ଭବିଷ୍ୟତକୁ ନେଇ ପୂର୍ବ ଅପେକ୍ଷା ଅଧିକ ଆଶାବାଦୀ ହୋଇଛନ୍ତି । ଦୁଇ ବର୍ଷ ଭିତରେ ୧୨୧ଟି ନୂତନ ଯୋଜନା ଘୋଷଣା କରାଯାଇଛି । ଯାହା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟର ନିକଟତର କରିପାରିଛି । ସାମ୍ବାଦିକମାନେ ଖୋଲା ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିପାରୁଛନ୍ତି । ଯାହାକି ୨୪ ବର୍ଷର ସରକାରରେ ହୋଇନଥିଲା । ଆଜିବି ବିଭିନ୍ନ ଗ୍ରାମରେ ମୌଳିକ ସୁବିଧା ପହଁଚି ନାହିଁ । ବିଦ୍ୟୁତ, ପାନୀୟ ଜଳ, ଗାଁକୁ ରାସ୍ତାଟିଏ ଦେଇ ପାରିନ ଥିଲେ ପୂର୍ବ ସରକାର । ଏଥିପାଇଁ ମିଶନ୍ ପାୱାର ଜରିଆରେ ଯୁଦ୍ଧକାଳୀନ ଭିତ୍ତିରେ ମୌଳିକ ସୁବିଧା ଯୋଗାଇ ଦେବାକୁ କାମ ଜାରି ରହିଛି । ୨୦୨୭ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ କରାଯିବ ।

ପ୍ରଧାନମନ୍ତ୍ରୀଙ୍କ ରେଖାଙ୍କିତ ଚାରି ବର୍ଗ, ଗରିବ, ମହିଳା, ଅନ୍ନଦାତା ଏବଂ ଯୁବ ବର୍ଗଙ୍କୁ ପ୍ରାଥମିକତା ☞ପୃଷ୍ଠା-୨



## ଟଙ୍କା ଅଭାବରୁ ଅଧାରେ ରହିବନି ସ୍ୱପ୍ନ
# ଗରିବ ପିଲାଙ୍କ ପାଇଁ ଶିକ୍ଷା ଏବେ ସମ୍ପୂର୍ଣ୍ଣ ମାଗଣା

ଭୁବନେଶ୍ୱର, ୧୨/୦୬- ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ପାଇଁ କରିଛନ୍ତି ଏକ ବଡ଼ ଘୋଷଣା । ଆର୍ଥିକ ଅନଗ୍ରସର ପରିବାରର ପିଲାମାନଙ୍କୁ ଏଣିକି କେଜିରୁ ପିଜି ପର୍ଯ୍ୟନ୍ତ ମିଳିବ ଦେୟମୁକ୍ତ ଶିକ୍ଷା । ଏହି ଐତିହାସିକ ପଦକ୍ଷେପ ସହ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହେବାକୁ ଯାଉଛି, ଯେଉଁଠି ଯୋଗ୍ୟ ଛାତ୍ରଛାତ୍ରୀମାନେ ସ୍କୁଲରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ମାଗଣାରେ ପାଠପଢ଼ିବାର ସୁଯୋଗ ପାଇବେ ।ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଗରିବ ଓ ଆର୍ଥିକ ଭାବେ ପଛୁଆ ପରିବାରମାନଙ୍କ ଉପରେ ପାଠପଢ଼ାର ଆର୍ଥିକ ବୋଝ ଅନେକ ହାରେ କମିବ । ଟଙ୍କା ଅଭାବରୁ ଆଉ କୌଣସି ପିଲାଙ୍କ ସ୍ୱପ୍ନ ଅଧାରେ ରହିବ ନାହିଁ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି ।ବିଜେପି ସରକାରର ଦୁଇ ବର୍ଷର ସଫଳତା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ତାଙ୍କ ସରକାର ସବୁବେଳେ ଲୋକକଲ୍ୟାଣ ଓ ଅନ୍ତ୍ୟୋଦୟକୁ ପ୍ରାଧାନ୍ୟ ଦେଇଆସୁଛି । କେବଳ ଶିକ୍ଷା ନୁହେଁ, ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଲୋକଙ୍କ ପାଇଁ ବଡ଼ ଘୋଷଣା କରାଯାଇଛି । ହିତାଧିକାରୀମାନଙ୍କୁ ଏକାଥରକେ ତିନି ମାସର ଭତ୍ତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।ଚାଷୀଙ୍କ କଥା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ସରକାର ଚାଷୀଙ୍କୁ ଅବହେଳା କରିଥିବାବେଳେ ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାର କୃଷକଙ୍କ ଉନ୍ନତିକୁ ପ୍ରାଥମିକତା ଦେଇଛି । ଆଧାତ୍ମିକ ସ୍ଥଳୀର ବିକାଶ, ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଓ ଜନକଲ୍ୟାଣମୂଳକ ଯୋଜନା ମାଧ୍ୟମରେ ☞ପୃଷ୍ଠା-୨

- ମୋହନ ଚରଣ ମାଝୀଙ୍କ ଦୁଇ ବର୍ଷ ପୂର୍ତ୍ତିର ମେଗା ଉପହାର
- କେଜିରୁ ପିଜି ମାଗଣା ଶିକ୍ଷା
- ମାଗଣା ଶିକ୍ଷା ସହ ଏକାଥରକେ ମିଳିବ ୩ ମାସର ଭତ୍ତା
- ହିତାଧିକାରୀଙ୍କୁ ବଡ଼ ଆଶ୍ୱସ୍ତି, ଏକାସଙ୍ଗେ ମିଳିବ ତିନି ମାସର ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା

## ଫିଟିଲା ବିକାଶର ନୂଆ ରାସ୍ତା...
# ୨୦୧୬ର ଅଧୁରା ସ୍ୱପ୍ନ ୨୦୨୬ରେ ପୂରଣ

**ଏକାମ୍ର କାନନରୁ ଇନଫୋସିଟି ମାତ୍ର ୧୫ ମିନିଟ୍‌ରେ**

ଭୁବନେଶ୍ୱର: ୧୨/୦୬- ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜଧାନୀ ବାସିନ୍ଦାଙ୍କୁ ବଡ଼ ଉପହାର ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ବହୁ ପ୍ରତିକ୍ଷିତ ଏକାମ୍ର କାନନ ରାସ୍ତା ଉଦ୍‌ଘାଟନ କରିଛନ୍ତି । ଏହି ରାସ୍ତା ଗଣିତ ପ୍ରତିଷ୍ଠାନରୁ ଇନ୍‌ଫୋସିଟି ଦେଇ ଏକାମ୍ର କାନନ ଯାଏ ଲମ୍ବିଛି । ଏହି ନୂଆ ରାସ୍ତା ଯୋଗୁଁ ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ଭିଡ଼ ହ୍ରାସ ପାଇବ । ମାତ୍ର ୧୫ ମିନିଟ୍ ରେ ବିନା ଟ୍ରାଫିକରେ ସିଆରପି ଛକରୁ ବାହାରି ଇନଫୋସିଟିରେ ପହଞ୍ଚିଯିବେ । ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ରାସ୍ତା ଅତ୍ୟନ୍ତ ଜରୁରୀ ଥିଲା, ଆଜିର ଦିନ ଏକ ଐତିହାସିକ ଦିନ । ସେ ନିଜେ ମଧ୍ୟ ଏହି ଟ୍ରାଫିକ୍ ସମସ୍ୟା ଭୋଗିଛନ୍ତି । ବସ୍ତି ବାସିନ୍ଦାଙ୍କ ସହିତ ସରକାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହା ପରେ ସମାଧାନର ରାସ୍ତା ମଧ୍ୟ ଫିଟିଥିଲା । ସମସ୍ତଙ୍କର ☞ପୃଷ୍ଠା-୨





## ଅନ୍ନପୂର୍ଣ୍ଣାର ମହାଉପହାର
# ମାଗଣାରେ ମିଳିବ ୧୦ କିଲୋ ଚାଉଳ
## ଗରିବଙ୍କ ମୁହଁରେ ହସ ଫୁଟାଇବା ହିଁ ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୬- ଓଡ଼ିଶାରେ ଭୋକମୁକ୍ତ ସମାଜ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଏହି ବହୁ ପ୍ରତୀକ୍ଷିତ ଯୋଜନାର ଘୋଷଣା କରାଯାଇଥିଲା ।

ଏହି ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀ ବର୍ତ୍ତମାନ ପାଉଥିବା ୫ କିଲୋଗ୍ରାମ ଚାଉଳ ସହିତ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ନିଶୁଳ୍କରେ ପାଇବେ । ଫଳରେ ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୧୦ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ବିନାମୂଲ୍ୟରେ ମିଳିବ । ଏହି ଯୋଜନା ମାଧ୍ୟମରେ ରାଜ୍ୟର ୧ କୋଟି ୬ ଲକ୍ଷ ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ସଦସ୍ୟ, ଅର୍ଥାତ୍ ପ୍ରାୟ ୮୦ ପ୍ରତିଶତ ଜନସଂଖ୍ୟା ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୮,୮୧୩ କୋଟି ଟଙ୍କା ବ୍ୟୟ କରିବେ । ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, "ଓଡ଼ିଶାର କୌଣସି ପରିବାର ଭୋକରେ ରହିବେ ନାହିଁ, କୌଣସି ଶିଶୁ ଅପପୁଷ୍ଟିର ଶିକାର ହେବେ ନାହିଁ ଏବଂ କୌଣସି ବୟୋଜ୍ୟେଷ୍ଠ ଅନ୍ନ ଅଭାବରୁ କଷ୍ଟ ପାଇବେ ନାହିଁଏହି ମହାନ ଲକ୍ଷ୍ୟକୁ ନେଇ ଆମେ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରିଛୁ ।" ସେ ଆହୁରି କହିଥିଲେ ଯେ, ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଗରିବ ଜନସାଧାରଣଙ୍କ ପ୍ରତି ସରକାରଙ୍କ ସମ୍ବେଦନଶୀଳତା ଓ ଜନକଲ୍ୟାଣ ପ୍ରତି ଅଙ୍ଗୀକାରର ଏକ ପ୍ରତୀକ । "ଗରିବଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହି ବ୍ୟୟ ଆମ ପାଇଁ ଖର୍ଚ୍ଚ ନୁହେଁ, ଏହା ଏକ ପବିତ୍ର ସାମାଜିକ ନିବେଶ," ବୋଲି ସେ ☞ପୃଷ୍ଠା-୨



- ୮୦ ପ୍ରତିଶତ ଜନସଂଖ୍ୟାଙ୍କୁ ସିଧାସଳଖ ଲାଭ
- 'ଅନ୍ତ୍ୟୋଦୟରୁ ଅନ୍ନପୂର୍ଣ୍ଣା': ଖାଦ୍ୟ ସୁରକ୍ଷାକୁ ନୂଆ ଦିଗ
- ଭୁବନେଶ୍ୱରକୁ ମିଳିଲା ମେଗା ବିକାଶ ଉପହାର

# ରେଳ ମନ୍ତ୍ରୀଙ୍କ ବଡ଼ ଘୋଷଣା: ସ୍ଲୋ ସର୍ଭରକୁ ବାଏ-ବାଏ

**କ୍ୟାପ୍‌ଚା ଝିଞ୍ଜଟରୁ ମିଳିବ ମୁକ୍ତି**

ନୂଆଦିଲ୍ଲୀ,୧୨।୬: ରେଳ ଟିକେଟ ବୁକ କରୁଥିବା ଲୋକଙ୍କ ପାଇଁ ଏକ ଖୁସି ଖବର । ଏକ ନୂତନ IRCTC ୱେବସାଇଟ ଖୁବ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଲୋକମାନେ ପ୍ରାୟତଃ ଓଜଓଝଓ ମାଧ୍ୟମରେ ଟିକେଟ ବୁକ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଜୟପୁରର ଛାତ୍ରମାନଙ୍କ ଅଭିଯୋଗ ପରେ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି, ନୂତନ IRCTC ୱେବସାଇଟ ଜୁଲାଇ ୧୫ ସୁଦ୍ଧା ଆରମ୍ଭ ହେବ ।ଜୟପୁରର ମାଲବ୍ୟ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନରେ ଛାତ୍ରମାନଙ୍କ ସହ ଆଲୋଚନା ସମୟରେ କେନ୍ଦ୍ର ମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ସୋସିଆଲ ମିଡିଆରେ ଶୀଘ୍ର ଭାଇରାଲ ହୋଇଥିବା ଏକ ଭିଡିଓରେ, ଜଣେ ଛାତ୍ର ମନ୍ତ୍ରୀଙ୍କୁ କହୁଥିବା ଦେଖାଯାଉଛି, ମହାଶୟ, ଦୟାକରି IRCTCରେ CAPTCHA ସମସ୍ୟାର ସମାଧାନ କରନ୍ତୁ । ପରବର୍ତ୍ତୀ ସମୟରେ, ରେଳ ମନ୍ତ୍ରୀ ଜଣେ ବିଭାଗୀୟ ଅଧିକାରୀଙ୍କୁ ଡାକି କହିଲେ,ସମସ୍ତ ଛାତ୍ର ଏକ ନୂତନ IRCTC ୱେବସାଇଟ ଦାବି କରିଛନ୍ତି ଏବଂ ୩୦ ଦିନ ମଧ୍ୟରେ ଏପରି ଏକ ୱେବସାଇଟ ତିଆରି କରିବା ସମ୍ଭବ କି ? ଏହାପରେ ଜୁଲାଇ ୧୫ ସୁଦ୍ଧା ଏକ ନୂତନ ଓଜଓଝଓ ୱେବସାଇଟ ଆରମ୍ଭ ହେବ । ଏହି ଘୋଷଣା ପରେ ଛାତ୍ରମାନେ ତାଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଉତ୍ସାହର ସହିତ କରତାଳି ଦେଇଥିଲେ ।ବୁକିଂ ସମୟରେ CAPTCHA ସମସ୍ୟା ବ୍ୟତୀତ, ବ୍ୟବହାରକାରୀମାନେ ପ୍ରାୟତଃ ୱେବସାଇଟ ଧୀରେ ଚାଲୁଥିବା, ପିକ ଆୱାରରେ କ୍ରାସ ଏବଂ ବିଭ୍ରାଟ, ହଠାତ୍ ସେସନ ସମାପ୍ତି ଏବଂ ଅପ୍ରତ୍ୟାଶିତ ଲଗଆଉଟ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି । ବ୍ୟବହାରକାରୀମାନେ ସିଟ ଚୟନ ପରେ ପେମେଣ୍ଟ ବିଫଳତା, ଲଗଇନ ସମସ୍ୟା, ପୁନରାବୃତ୍ତି ତ୍ରୁଟି ବାର୍ତ୍ତା ଏବଂ ଢଞଚ-ସମ୍ବନ୍ଧୀୟ ଜଟିଳତା ଭଳି ସମସ୍ୟାର ମଧ୍ୟ ସମ୍ମୁଖୀନ ହୁଅନ୍ତି । ଏହା ବ୍ୟତୀତ,'ତତ୍କାଳ' ବୁକିଂ ସମୟରେ ଅତ୍ୟଧିକ ଟ୍ରାଫିକ ଯୋଗୁ ବାଧା ସୃଷ୍ଟି ହୁଏ, ଏବଂ ବଟ, ଏଜେଣ୍ଟ ଏବଂ IRCTC ୱେବସାଇଟକୁ ଅନଧିକୃତ ପ୍ରବେଶ ସହିତ ଜଡିତ ସମସ୍ୟା ମଧ୍ୟ ଦେଖାଯାଏ । ଅଶ୍ୱିନୀ ବୈଷ୍ଣବ କନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି । କାର୍ଯ୍ୟକ୍ରମ ସମୟରେ, MNITରେ ଏକ 'ଆଡଭାନ୍ସଡ କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ କ୍ୱାଣ୍ଟମ ଯୋଗାଯୋଗ ଲ୍ୟାବ' ପ୍ରତିଷ୍ଠା ଘୋଷଣା କରିଥିଲେ । ଏହି ଲ୍ୟାବ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (MeitY) ର ଇଲେକ୍ଟ୍ରୋନିକ୍ସ ଏବଂ ଓଉଞ ଏକାଡେମିକ ପ୍ରୋଜେକ୍ଟ ଅଧୀନରେ ପ୍ରତିଷ୍ଠିତ ହେବ ଏବଂ କ୍ୱାଣ୍ଟମ କୀ ବିତରଣ (QKD), କ୍ୱାଣ୍ଟମ କମ୍ପ୍ୟୁଟିଂ ସିମୁଲେସନ ଏବଂ କ୍ୱାଣ୍ଟମ ସେନ୍ସିଂ ହାର୍ଡୱେର୍ ଉପାଦାନଗୁଡ଼ିକରେ ସ୍ୱଦେଶୀ କ୍ଷମତା ବିକାଶ ଉପରେ ଧ୍ୟାନ ଦେବ । ଛାତ୍ର ଏବଂ ଅଧ୍ୟାପକମାନଙ୍କୁ ସମ୍ବୋଧିତ ☞ପୃଷ୍ଠା-୨



## ବ୍ୟଙ୍ଗ ବିଚାର

**ଡ.ଗିରୀଶ ରଂଜନ**

ବିଜେପି ପାଳୁଛି ଦୁଇ ବର୍ଷ ଖୁସି
ବିଜେଡ଼ି କରୁଛି ନିନ୍ଦା
ଅଭିଯୋଗ କରେ ସବୁ ଖାଇ ଗଲେ
ସାଜିକି ପିମ୍ପୁଡି ଜନ୍ଦା
ତମେ କଣ ? ସବୁ ସାଧା
ତୁମ ସମୟରେ ଖାଉଥିଲ ପରା
ମାରିକି ଚାପୁଡ଼ା ବିଧା

## ମୋଦୀ-ମୋହନଙ୍କ ବିକାଶ ଯାତ୍ରାରେ ସାମିଲ ହେଲା ଭୁବନ
# ଡବଲ ଇଞ୍ଜିନ ସରକାରର ସଫଳତା ବଖାଣିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନ, ୧୨ ଜୁନ (ନନ୍ଦ କିଶୋର ନାଏକ): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ୧୨ ବର୍ଷର ସଫଳ ଶାସନ ଓ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୁବନସ୍ଥିତ ପ୍ରସିଦ୍ଧ ବାବା ବୁଦ୍ଧେଶ୍ୱର ପୀଠ ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ 'ବିକାଶ ସଂକଳ୍ପ ସମାବେଶ' ଆୟୋଜିତ ହୋଇଯାଇଛି । ଏହି ସମାବେଶରେ ପ୍ରାୟ ୧୫ ହଜାରରୁ ଅଧିକ ଲୋକଙ୍କ ସମାଗମ ଘଟିଥିବା ଦଳ ପକ୍ଷରୁ ଦାବି କରାଯାଇଛି । କାମାକ୍ଷାନଗର ବିଧାୟକ ଶ୍ରୀ ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ମହାସମାବେଶ ଆରମ୍ଭରୁ ହିଁ ଉତ୍ସାହ, ଉଦ୍ଦୀପନା ଓ ଜନସମର୍ଥନର ପରିବେଶ ସୃଷ୍ଟି କରିଥିଲା । ଭୁବନ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ ସମେତ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ, ଦଳୀୟ କର୍ମୀ ଓ ସମର୍ଥକମାନେ ଯୋଗଦେଇ ସମାବେଶକୁ ଏକ ଜନସମୁଦ୍ରର ରୂପ ଦେଇଥିଲେ । ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ର ସରକାରଙ୍କ ୧୨ ବର୍ଷର ବିକାଶମୂଳକ ଯାତ୍ରା, ଗରିବ କଲ୍ୟାଣ ଯୋଜନା, ମହିଳା ସଶକ୍ତୀକରଣ, କୃଷକ କଲ୍ୟାଣ, ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି ଓ ଦେଶର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ସଫଳତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ ।

ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, 'ଗତ ୧୨ ବର୍ଷ ମଧ୍ୟରେ ଭାରତ ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଗରିବ, କୃଷକ, ☞ପୃଷ୍ଠା-୨



- ମନ୍ତ୍ରୀଙ୍କ ନେତୃତ୍ୱରେ ବିଶାଳ ସଂକଳ୍ପ ସମାବେଶ
- ୧୫ ହଜାରର ଜନସମୁଦ୍ରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କ ହୁଙ୍କାର
- ଶତାଧିକ ବିଜେଡି କର୍ମୀ ଧରିଲେ ପଦ୍ମ ପତାକା
- ବୁଦ୍ଧେଶ୍ୱର ପୀଠରୁ ବିକାଶର ଶଙ୍ଖନାଦ






ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଭୂତଳ ଜଳ

ରାଜ୍ୟକୁ ଏବେ ମୌସୁମୀ ଆସିବାର ସମୟ। ଏହି ସମୟରେ ବର୍ଷାଜଳ ଅମଳ କରି ଭୂତଳ ଜଳସ୍ତରକୁ ବଢ଼ାଇବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଭିନବ ପ୍ରୟାସ ଆରମ୍ଭ ହୋଇଛି।ଯାଜପୁରରେ ସ୍କୁଲ ଛାତ ହେଉ ବା କଟକରେ ବିଭିନ୍ନ ଗାଁର ପୋଖରୀ ଏବଂ ଗଞ୍ଜାମରେ ଅନେକ ରିଚାର୍ଜ କୂଅ ମାଧ୍ୟମରେ ସାରା ରାଜ୍ୟରେ ଏଥିପାଇଁ ଯେମିତି ଏକ ନୀରବ ଭୂତଳ ଜଳ ବିପ୍ଲବ ଚାଲିଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଏବଂ 'ଜଳ ସଞ୍ଚୟ, ଜନ ଭାଗିଦାରୀ' ମଧ୍ୟରେ ପ୍ରତିଫଳିତ' ସମଗ୍ର ସରକାର ଓ ସମଗ୍ର ସମାଜ' ର ଆଭିମୁଖ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶା ଏହି ମୌସୁମୀ ବର୍ଷା ଜଳକୁ ଏକ ସ୍ଥାୟୀ ଜଳ ସୁରକ୍ଷାର ଉତ୍ସରେ ରୂପାନ୍ତରିତ କରିବାକୁ ଯାଉଛି। ବର୍ଷା ଜଳ ଯେଉଁଠି ପଡୁଛି ସେଠାରେ ତାକୁ ସଂରକ୍ଷିତ କରିବା ଏବଂ ଭୂତଳ ଜଳସ୍ତରର ପୁନଃଭରଣ ବା ରିଚାର୍ଜ ପ୍ରକ୍ରିୟାକୁ ସହଜ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ଓଡ଼ିଶା ପ୍ରତ୍ୟେକ ମୌସୁମୀ ବର୍ଷାକୁ ନିଜର ଭୂତଳ ଜଳ ସଂରକ୍ଷଣକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଜଳ ସଙ୍କଟର ସାମ୍ନା କରିବା ପାଇଁ ଏକ ବଡ଼ ସୁଯୋଗରେ ପରିଣତ କରୁଛି।

ଏହି ପ୍ରକ୍ରିୟାରେ ସାରା ରାଜ୍ୟରେ ସ୍କୁଲ, କଲେଜ, ସରକାରୀ ଅଫିସର ଛାତରୁ ବର୍ଷା ଜଳ ସଂଗ୍ରହ କରାଯାଇ, ତାକୁ ଫିଲ୍ଟର୍ କରାଯାଉଛି ଏବଂ ରିଚାର୍ଜ କୂଅଗୁଡ଼ିକ ମଧ୍ୟକୁ ଛଡ଼ାଯାଉଛି, ଯାହାଦ୍ୱାରା ହ୍ରାସ ପାଉଥିବା ଭୂତଳ ଜଳସ୍ତରର ପୁନଃଭରଣ ସମ୍ଭବ ହୋଇପାରୁଛି। ଏଥିସହିତ, ପୋଖରୀ, ପୋଖରୀ ସଦୃଶ ଜଳାଶୟ ଏବଂ ଅନ୍ୟାନ୍ୟ ଜଳାଶୟ ମଧ୍ୟରେ ତିଆରି ହୋଇଥିବା ରିଚାର୍ଜ କୂଅ ମୌସୁମୀ ବର୍ଷାର ବଳକା ଜଳକୁ ଭୂପୃଷ୍ଠରେ ବହିଯାଇ ନଷ୍ଟ ହେବାକୁ ନଦେଇ ମାଟିର ବହୁ ଗଭୀରକୁ ଭେଦିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପଗୁଡ଼ିକ ଭୂତଳ ଜଳସ୍ତରକୁ ସୁଧାରିବାରେ, ଶୁଖିଲା ଦିନରେ ଜଳର ଉପଲବ୍ଧତା ବୃଦ୍ଧି କରିବାରେ ଏବଂ ଜଳ ସଂରକ୍ଷଣର ଏକ ସ୍ଥାୟୀ ମଡେଲ୍ ସୃଷ୍ଟି କରିବାରେ ସାହାଯ୍ୟ କରୁଛି, ଯାହା ସରକାରୀ କାର୍ଯ୍ୟାନୁଷ୍ଠାନ ସହିତ ସମୁଦାୟର ଅଂଶଗ୍ରହଣକୁ ଯୋଡ଼ିଥାଏ ଏବଂ ଏହା ହିଁ 'ଜଳ ସଞ୍ଚୟ, ଜନ ଭାଗିଦାରୀ'ର ମୂଳ ଆତ୍ମାକୁ ପ୍ରତିଫଳିତ କରେ। ଜଳ ସଞ୍ଚୟ, ଜନ ଭାଗିଦାରୀ' ଯୋଜନା ଅଧୀନରେ ବୈଜ୍ଞାନିକ ପଦ୍ଧତିରେ ଭୂତଳ ଜଳ ପରିଚାଳନା କ୍ଷେତ୍ରରେ ଯାଜପୁର ଜିଲ୍ଲା ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବେ ଉଭା ହୋଇଛି।

୨୦୨୨-୨୩ ଏବଂ ୨୦୨୫-୨୬ ମଧ୍ୟରେ, ଯାଜପୁର ଜିଲ୍ଲାର କୋରେଇ, ବିଞ୍ଝାରପୁର, ବାରୀ, ରସୁଲପୁର, ଦଶରଥପୁର ଏବଂ ଯାଜପୁର ଭଳି ଉଚ୍ଚ ପ୍ରାଥମିକତା ବିଶିଷ୍ଟ ବ୍ଲକଗୁଡ଼ିକରେ ବର୍ଷାଜଳ ଅମଳ ପଦକ୍ଷେପଗୁଡ଼ିକୁ ରଣନୀତିକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। 'ଅରୁଆ' (ARUA) ଯୋଜନା ଅଧୀନରେଏହି ଜିଲ୍ଲାରେ ୧୧୭ଟି ରିଚାର୍ଜ କୂଅ ନିର୍ମାଣ କରାଯାଇଛି ଏବଂ ବିଭିନ୍ନ ସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ପରିସରରେ 'ଛାତ' ଯୋଜନା ଅଧୀନରେ ୧୧୪ଟି ରୁଫ୍‌ଟପ୍ ରେନ୍‌ୱାଟର୍ ହାର୍ଭେଷ୍ଟିଂ ସିଷ୍ଟମ୍ ମାଧ୍ୟମରେ ଛାତ ଉପର ବର୍ଷା ଜଳ ସଂଗ୍ରହ ପ୍ରକ୍ରିୟା ସ୍ଥାପନ କରାଯାଇଛି। ବୈଜ୍ଞାନିକ ଉପାୟରେ ଜଳସ୍ତରର ନିରୀକ୍ଷଣ ଏବଂ ଆକଳନ ସୁନିଶ୍ଚିତ କରିବା ପାଇଁ, ଜିଲ୍ଲା ପକ୍ଷରୁ ୪୭ଟି ଡିଜିଟାଲ୍ ୱାଟର୍ ଲେଭଲ୍ ରେକର୍ଡର୍ ଷ୍ଟେସନ ଏବଂ ୭୨ଟି ପର୍ଯ୍ୟବେକ୍ଷଣ କୂଅକୁ ନେଇ ଏକ ସୁଦୃଢ଼ ଭୂତଳ ଜଳ ନିରୀକ୍ଷଣ ନେଟୱାର୍କ ପ୍ରତିଷ୍ଠା କରାଯାଇଛି।

# 'ଉଲ୍‌ଗୁଲାନ୍'ର ମହାନାୟକ




ଦଶରଥ ହେମ୍ବ୍ରମ୍
ବାଲେଶ୍ୱର, ମୋ-୯୩୩୭୪୦୪୨୫୪


ଆଦିଭୂମି ଭାରତରେ ରହୁଥିବା ଆଦିବାସୀଙ୍କ ନିଜ ଧର୍ମ, ଜଳ, ଜମି ଏବଂ ଜଙ୍ଗଲ ଅଧିକାର ପାଇଁ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଉଲ୍‌ଗୁଲାନ୍ ମହାଆନ୍ଦୋଳନର ସୂତ୍ରଧର ହେଉଛନ୍ତି ଧରତୀ ଆବା ବିର୍ସା ମୁଣ୍ଡା। ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀ ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନର ଗାଥା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଭାରତୀୟ ସାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ୨୦୨୧ ମସିହାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫ ତାରିଖକୁ 'ଜନଜାତୀୟ ଗୌରବ ଦିବସ' ଭାବରେ ପାଳନ କରାଯାଉଛି।

ଭଗବାନ ବିର୍ସା ମୁଣ୍ଡା ଥିଲେ ଆଦିବାସୀ ସମ୍ପ୍ରଦାୟର ଗର୍ବ ଓ ଗୌରବ। ଆଦିବାସୀଙ୍କ ପରିଚୟ ଏବଂ ଅସ୍ମିତାର ପ୍ରତୀକ। ସେ ଭାରତର ଜଣେ ସୁଯୋଗ୍ୟ ସନ୍ତାନ। ମହାନ୍ ଆଦିବାସୀ ନେତା ତଥା ବିପ୍ଲବର ଅନ୍ୟ ନାମ ବିପ୍ଳବୀ ବିର୍ସା ମୁଣ୍ଡା ନିଜ ଜୀବନକୁ ବାଜି ଲଗାଇ ବ୍ରିଟିଶ ସରକାର କବଳରୁ ଭାରତ ମାଟିକୁ ମୁକ୍ତ କରିବା ପାଇଁ ଯେଉ ମହାବିଦ୍ରୋହ ଉଲ୍‌ଗୁଲାନ୍ କରି ବଳିଦାନ ଦେଇଛନ୍ତି, ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ସେ ଜଣେ ଦୟାଳୁ, ପରୋପକାରୀ, ଧାର୍ମିକ, ଆଧାତ୍ମିକ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତିତ୍ୱ ଯୋଗୁଁ ବିଦେଶୀ ଧର୍ମକୁ ବିରୋଧ କରି ନିଜ ମୂଳ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଦିବାସୀଙ୍କୁ ଆହ୍ୱାନ କରିଥିଲେ। ସେତବଳେ ଅନେକ ଆଦିବାସୀ ବିଦେଶୀ ଧର୍ମ ତ୍ୟାଗ କରି ମୂଳ ଭାରତୀୟ ଧର୍ମକୁ ଫେରିଥିଲେ। ସେଦିନଠାରୁ ବିର୍ସା ମୁଣ୍ଡା ହେଇଯାଇଥିଲେ 'ଧରମ ବାବା', 'ଧରତୀ ଆବା' ତଥା 'ଭଗବାନ'।

ଆଦିବାସୀ ସମ୍ପ୍ରଦାୟ ସବୁବଳେ ନିଜର ସାଭିମାନ ସହ ବଞ୍ଚତ୍ୱା ଶିଖିଛି, କିନ୍ତୁ ଏହାର ପରମ୍ପରା ଓ ସଂସ୍କୃତିକୁ ଯେତବଳେ ନଷ୍ଟ କରିବାକୁ ପ୍ରୟାସ ଆରମ୍ଭ ହୋଇଛି ସେତବଳେ ଭଗବାନ ବିର୍ସା ମୁଣ୍ଡାଙ୍କ ପରି ମହାନାୟକମାନେ ଏ ପୁଣ୍ୟଭୂମି ଭାରତରେ ଜନ୍ମଗ୍ରହଣ କରିଛନ୍ତି। ସେମାନେ ଆଦିବାସୀ ସଂସ୍କୃତି, ଇତିହାସ, ଐତିହ୍ୟ, ପରମ୍ପରା ଆଦିର ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି। ଜଳ, ଜମି ଏବଂ ଜଙ୍ଗଲ ଅଧିକାର ତଥା ଭାରତ ମାତାକୁ ସୁରକ୍ଷା ଦେବା ପାଇଁ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ମହାସଂଗ୍ରାମ କରି କେତେଜଣ ଯେ ପ୍ରାଣ ତ୍ୟାଗ କରିଛନ୍ତି ତା'ର ହିସାବ ନାହିଁ। ତଥାପି, ଭାରତକୁ ଇଂରେଜ ମୁକ୍ତ କରିବା ପାଇଁ ସର୍ବଦା ମୁଣ୍ଡ ଟେକିଥିଲା ଆଦିବାସୀ ସମ୍ପ୍ରଦାୟ। ପରିଶେଷରେ ଅଗଷ୍ଟ ୧୫, ୧୯୪୭ ମସିହାରେ ଆଦିଭୂମି ଭାରତ ସାଧୀନତା ପାଇଥିଲା।

ଉଲ୍‌ଗୁଲାନର ମହାନାୟକ ଭଗବାନ୍ ବିର୍ସା ମୁଣ୍ଡାଙ୍କ ଆହ୍ୱାନ ଥିଲା -ଆବୁଆ ରାଜା ଇତେ ଜାନା, ମହାରାନୀ ରାଜ୍ ଟୁଡୁ ଜାନା ଅର୍ଥାତ୍ ମହାରାଣୀଙ୍କ ସାମ୍ରାଜ୍ୟ ପତନ ହେଉ, ଆମ ସାମ୍ରାଜ୍ୟ ପ୍ରତିଷ୍ଠା ପାଉ। ଭଗବାନ ବିର୍ସା ମୁଣ୍ଡାଙ୍କ ଉଦ୍ଦେଶ୍ୟ ଥିଲା, ଖୁବ ଶୀଘ୍ର ବ୍ରିଟିଶମାନଙ୍କୁ ଭାରତରୁ ବିତାଡ଼ିତ କରି ଭାରତରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରାଯିବ, ଏହାକୁ କେହି ବି ଅଟକାଇ ପାରିବେ ନାହିଁ। ଆମ ଦେଶରେ ଆମେ ରାଜା। ତେଣୁ ବିର୍ସାଙ୍କ ଆହ୍ୱାନ କ୍ରମେ ଅନେକ ଆଦିବାସୀ ଯୁବକ ଉଲ୍‌ଗୁଲାନ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆରମ୍ଭ ହୋଇଥିଲା ଇଂରେଜ ବିରୁଦ୍ଧରେ ଭଗବାନ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ 'ଉଲ୍‌ଗୁଲାନ୍' ମହାବିଦ୍ରୋହ। ୧୮୯୪ ଅକ୍ଟୋବର ୧ ତାରିଖ, ବିର୍ସା କେତେଜଣ ଆଦିବାସୀଙ୍କୁ ନେଇ ଚାଇଁବସ ସ୍ଥିତ କଚେରିରେ ପହଞ୍ଚିଥିଲେ। ଇଂରେଜ ସରକାରର ଅନ୍ୟାୟ ନୀତି ବନ୍ଦ ଲାଗି ଦାବି କରାଯାଇଥିଲା କିନ୍ତୁ ତାହାକୁ କର୍ଣ୍ଣପାତ ନ କରି ସେମାନଙ୍କୁ ଗିରଫ କରାଗଲା। ୧୮୯୬ରେ ରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବା ପୂର୍ବରୁ ବିର୍ସା ସମେତ ଅନ୍ୟମାନଙ୍କୁ କାରଗାରରୁ ମୁକ୍ତି କରାଗଲା। ସେତବଳେ ସାରା ଦେଶରେ ମରୁଡ଼ିର କରାଳଛାୟା ଘେରି ରହିଥାଏ। ସରକାରଙ୍କ ସିପାହୀ ଗାଁ ଗାଁ ବୁଲି ଜବରଦସ୍ତ ଚାଉଳ, ଧାନ ଓ ଖଜଣା ଅସୁଲ କଲେ। ଖଜଣା ନ ହେଲେ ସ୍ତ୍ରୀମାନଙ୍କ ଦେହରୁ ଗହଣା ଲୁଟ୍ କରି ନେଉଥିଲେ। ଏସବୁ ବିର୍ସା ଦେଖି ସହି ନପାରି ନିଜର ସାଙ୍ଗସାଥୀମମାନଙ୍କୁ ଏକାଠି କରି ସମସ୍ତଙ୍କ କାନ୍ଧରେ କୁରାଢ଼ି ଓ ହାତରେ ଧନୁଶର ଧରିବାକୁ ନିବେଦନ କଲେ। ସେମାନଙ୍କ ସହିତ ବିଦ୍ରୋହ କରିବାକୁ ହେବ। ସେହି ସମୟର ଇଂରେଜ ସରକାରଙ୍କର ମୁଖ୍ୟ ଦାରୋଗା ୟୁସୁଫ୍ ଖାଁ ଆଦିବାସୀ କୁରାଢ଼ି ଚୋଟରେ ପ୍ରାଣ ହରାଇଲା। ତୀର ମାଡ଼ରେ ଅନ୍ୟତମ ଇଂରେଜ ଦାରୋଗା ଗୁଲାବ୍ ଖାଁ ମଧ୍ୟ ମରିଗଲା। ରାଞ୍ଚିତ୍‌ଠାରେ ଅବସ୍ଥାପିତ ଡେପୁଟି କମିଶନର ଷ୍ଟ୍ରେଟ୍ ଫିଲ୍ଡ ବିଚଳିତ ହୋଇ ପଡ଼ିଲେ। ନରହତ୍ୟା ଅପରାଧରେ ବିର୍ସା ମୁଣ୍ଡାଙ୍କୁ ଗିରଫ କରିବା ଲାଗି ପର୍ୱାନା ଜାରିକରାଗଲା। ଏଇଠୁ ତେଜି ଉଠିଲା ବିର୍ସା ମୁଣ୍ଡାଙ୍କ ବିଦ୍ରୋହର ଅଗ୍ନିଶିଖା।

ବିର୍ସା ମୁଣ୍ଡାଙ୍କ ପ୍ରଧାନ ସହଯୋଗୀ ଥିଲେ ଗୟା ମୁଣ୍ଡା। ତାଙ୍କୁ ଗିରଫ କରିବା ପାଇଁ ଖୁଣ୍ଟି ଥାନାର କେତେଜଣ ସିପାହୀଙ୍କୁ ପଠାଇ ଦିଆଗଲା। ଗୟା ମୁଣ୍ଡାଙ୍କୁ ଧରିବା ପୂର୍ବରୁ ସିପାହୀ ଜୟରାମ ଓ ବୁଦୁରାମଙ୍କର ଜୀବନ ବିଦ୍ରୋହୀମାନଙ୍କ ଦ୍ୱାରା ନିଆଗଲା। ଏ ଖବର ଶୁଣି ଇଂରେଜ ସରକାରଙ୍କର ଚିନ୍ତା ବଢ଼ିଯାଇଥିଲା। ବିର୍ସା ମୁଣ୍ଡାଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ଇଂରେଜ ସରକାରଙ୍କ ଦ୍ୱାରା ପାଞ୍ଚ ଶହ ଟଙ୍କା ଅର୍ଥ ପୁରସ୍କାର ଘୋଷଣା କରାଗଲା। ଏହା ବ୍ୟତୀତ ବିର୍ସାଙ୍କୁ ସରକାରୀ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇଲେ। କିନ୍ତୁ ବିର୍ସା ମୁଣ୍ଡା ଇଂରେଜ ସରକାରଙ୍କ କୌଣସି ପ୍ରଲୋଭନରେ ନପଡ଼ି ଇଂରେଜମାନଙ୍କୁ ଚେତାବନୀ କରି ସେତବଳେ କହିଥିଲେ, ''ମୋର ଦରକାର ପୂର୍ଣ୍ଣ ସରାଜ। ସରାଜ ହାସଲ କରିବା ପାଇଁ ମୁଁ ମୋ ଜୀବନ ଦେବାକୁ ପ୍ରସ୍ତୁତ। ଇଂରେଜ ଶାସନ ହଟାଇ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ମୋ ଲକ୍ଷ୍ୟ।''

୧୯୦୦ ମସିହା ଜାନୁଆରି ୯ ତାରିଖରେ ଡୋମ୍‌ବାରୀ ଗୁଳିକାଣ୍ଡ ଘଟିଲା। ବ୍ରିଟିଶ ସରକାରଙ୍କ ତରଫରୁ ଡେପୁଟି କମିଶନର ଷ୍ଟ୍ରେଟ୍ ପିଲ୍ଡଙ୍କ ନିର୍ଦ୍ଦେଶରେ ମୁକ୍ତିକାମୀ ବିଦ୍ରୋହୀଙ୍କ ଉପରକୁ ଗୁଳି ଚାଳନା କରାଗଲା। ଦୁଇ ହଜାରରୁ ଅଧିକ ଆଦିବାସୀ ବିଦ୍ରୋହୀ ପୋଲିସ ଗୁଳିରେ ସହିଦ ହେଲେ। ଏହି ଗୁଳିକାଣ୍ଡରୁ ବିର୍ସା ମୁଣ୍ଡା ଖସି ପଳାଇଥିଲେ। ତାଙ୍କ ଦ୍ୱାରା ପରିଚାଳିତ ବିଦ୍ରୋହ ସିଂହଭୂମି ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ବିର୍ସାଙ୍କୁ ଧରିବା ପାଇଁ ପୋଲିସର ଆଦିବାସୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର କଲେ। ସେମାନଙ୍କ ଘରରେ ନିଆଁ ଲଗାଇଦେଲେ। ରକ୍ଷା କରିବା ପାଇଁ ବିର୍ସାଙ୍କର ଦୁଇ ସହଯୋଗୀ ଡେନକା ମୁଣ୍ଡା ଏବଂ ମାଝିଆ ମୁଣ୍ଡା ଆତ୍ମସମର୍ପଣ କଲେ। ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଦୁଇଜଣ ବିଶ୍ୱାସଘାତକ ଶଶୀଭୂଷଣ ରାୟ ଏବଂ ମାଝିତା ମାରିଆ ପାଞ୍ଚ ଶାହ ଟଙ୍କା ଲୋଭରେ ବିର୍ସାଙ୍କୁ ପୋଲିସ ହାତରେ ଧରେଇଦେବାରୁ ତାଙ୍କୁ ଜଙ୍ଗଲରୁ ଗିରଫ କରାଗଲା। ବିର୍ସା ମୁଣ୍ଡାଙ୍କ ପରି ଏକ ମହାବଳ ବାଘକୁ ଖୋଲାରେ ନେବା ସରକାରଙ୍କ ପକ୍ଷେ ସମ୍ଭବ ନଥିଲା। ତେଣୁ ତାଙ୍କ ହାତରେ ହାତକଡ଼ି, ଅଣ୍ଟାରେ ଲୁହା ଶିକୁଳି ଓ ପାଦରେ ଲୁହା ବେଡ଼ି ଦିଆଯାଇଥିଲା। ସେତବଳେ ବିର୍ସା ମୁଣ୍ଡାଙ୍କ ମୁଣ୍ଡରେ ଏକ ଧଳା ପଗଡ଼ି ବନ୍ଧା ଯାଇଥିଲା। ସେ ହସିହସି ପୋଲିସ୍ ସହିତ କଦମ ପକାଇ ଆଗେଇ ଯାଉଥିଲେ। ନ୍ୟାୟଳୟରେ ବିଚାର ଆରମ୍ଭ ହେଲା। କାଠଗଡ଼ାରେ ବିର୍ସା ଚେତାଶୂନ୍ୟ ହେଲେ। ଜେଲ୍‌କୁ ଫେରାଇ ଆଣି ତାଙ୍କୁ ଔଷଧ ଦିଆଗଲା। ପରେ ତାଙ୍କ ଖାଦ୍ୟରେ ବିଷ ଔଷଧ ଦେଇ ଭଗବାନ ବିର୍ସାଙ୍କୁ ମାରି ଦିଆଯାଇଥିଲା। ସେଦିନ ଥିଲା ୧୯୦୦ ମସିହା ଜୁନ ୯ ତାରିଖ। ଶବ ବ୍ୟବଚ୍ଛେଦ ପରେ ରାଞ୍ଚିତ୍ ଜେଲ୍‌ରେ ଥିବା ସହବନ୍ଦୀମାନଙ୍କ ସାହାଯ୍ୟରେ ବିର୍ସା ମୁଣ୍ଡାଙ୍କର ଶବ ସତ୍କାର କରାଗଲା। ବିର୍ସା ମୁଣ୍ଡା କେବଳ ଆଦିବାସୀ ସଂସ୍କୃତିର ବାର୍ତ୍ତାବହ ନଥିଲେ ବରଂ ତାଙ୍କର ସ୍ୱଳ୍ପ ଜୀବନ କାଳରେ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ କ'ଣ ରହିବା ଆବଶ୍ୟକ ତାହା କରି ଦେଖାଇଥିଲେ। ଧର୍ମ ପରିବର୍ତ୍ତନ ବିରୋଧରେ ଦୃଢ଼ତାର ସହ ଛିଡ଼ା ହେବାର ସଂକଳ୍ପ ଏବଂ ସାହସିକତା ତାଙ୍କୁ ଭାରତବର୍ଷର ମହାନ ଜନନାୟକ ତଥା ଶ୍ରେଷ୍ଠ ମୁକ୍ତି ଆନ୍ଦୋଳନର ଯୁଦ୍ଧାର ପରିଚିୟ ରହିଛି। ଭଗବାନ ବିର୍ସା ମୁଣ୍ଡା ଧର୍ମ, ସଂସ୍କୃତି ଓ ଦେଶର ରକ୍ଷା ପାଇଁ ନିଜକୁ ସମର୍ପିତ କରି ଦେଶବାସୀଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି।

# କୋଟିଆ ଓଡିଶାର ଅବିଚ୍ଛେଦ୍ୟ ଅଙ୍ଗ

ଓଡ଼ିଶାର ଦକ୍ଷିଣ ସୀମାନ୍ତରେ ଅବସ୍ଥିତ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜି ଆଜି କେବଳ ଏକ ସାଧାରଣ ସୀମାନ୍ତ ଅଂଚଳ ହୋଇ ରହିନାହିଁ, ବରଂ ଏହା ସମଗ୍ର ଓଡିଆ ଜାତିର ସାଭିମାନ, ଅସ୍ମିତା ଏବଂ ଆଂଚଳିକ ଅଖଣ୍ଡତାର ଏକ ଜ୍ୱଳନ୍ତ ପ୍ରତୀକ ସଦୃଶ ଉଭା ହୋଇଛି, ଯାହା ଉପରେ ପଡୋଶୀ ଆନ୍ଧ୍ରପ୍ରଦେଶ ସରକାର ଓ ତାଙ୍କର ପ୍ରଶାସନିକ କଳ ଦୀର୍ଘ ଦଶନ୍ଧି ଧରି ନିଜର ଲୋଲୁପ ଏବଂ ଗ୍ରାସୀ ଦୃଷ୍ଟି ପକାଇ ଆସିଛନ୍ତି। ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ସମୟରୁ ହିଁ କୋଟିଆର ଏହି ୨୧ଟି ଗ୍ରାମ ଓଡିଶାର ପ୍ରଶାସନିକ ଏବଂ ଭୌଗୋଳିକ ସୀମରେଖା ମଧ୍ୟରେ ସୁରକ୍ଷିତ ଭାବେ ରହିଆସିଛି, ଯାହାର ସମସ୍ତ ସରକାରୀ ଦସ୍ତାବିଜ ଓ ଐତିହାସିକ ପ୍ରମାଣ ଓଡିଶା ସରକାରଙ୍କ ପାଖରେ ସୁରକ୍ଷିତ ଅଛି, କିନ୍ତୁ ଅତ୍ୟନ୍ତ ପରିତାପ ଓ କ୍ଷୋଭର ବିଷୟ ଯେ ସର୍ବୋଚ୍ଚ ନ୍ୟାୟାଳୟର ସ୍ଥିତାବସ୍ଥା ବଜାୟ ରଖିବା ନିର୍ଦ୍ଦଶେକୁ ସମ୍ପୂର୍ଣ୍ଣ ବେଖାତିର କରି ଆନ୍ଧ୍ରପ୍ରଦେଶର ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ବାହିନୀ ବାରମ୍ବାର ଓଡ଼ିଶାର ଆଭ୍ୟନ୍ତରୀଣ ସୀମା ମଧ୍ୟକୁ ବେଆଇନ ଭାବେ ଅନୁପ୍ରବେଶ କରି ଚାଲିଛନ୍ତି।

ଏହି ଅନୁପ୍ରବେଶକାରୀମାନେ କୋଟିଆର ଓଡିଆ ମାଟିରେ ଆସି ବେଧଡକ ଭାବେ ନିଜର ସରକାରୀ ବୈଠକ କରୁଛନ୍ତି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଏବଂ ସେଠାରେ ରହୁଥିବା ସରଳ, ନିରୀହ ଗିରିଜନ ତଥା ଆଦିବାସୀ ଭାଇଭଉଣୀମାନଙ୍କୁ ବିଭିନ୍ନ ପ୍ରକାରର ମାଗଣା ସରକାରୀ ସୁବିଧା, ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ ଏବଂ ଆନ୍ଧ୍ରର ନାଗରିକତ୍ୱ ପ୍ରଦାନର ପ୍ରଲୋଭନ ଦେଖାଇ ଓଡିଶା ବିରୁଦ୍ଧରେ ଉସକାଇବାକୁ ଏକ ହୀନ ଓ ପ୍ରାଣୀବଦ୍ଧ ଷଡଯନ୍ତ୍ର ଚଳାଇଛନ୍ତି, ଯାହା ଦେଶର ସଂଘୀୟ ବ୍ୟବସ୍ଥା, ସାମ୍ବିଧାନିକ ମର୍ଯ୍ୟାଦା ଏବଂ ପଡୋଶୀ ରାଜ୍ୟ ସହିତ ସହଭାଗିତାରେ ସମସ୍ତ ସୀମାକୁ ଲଙ୍ଘନ କରିସାରିଛି। ସ୍ଥାନୀୟ ଅଂଚଳରେ ଏହାକୁ ନେଇ କ୍ରମାଗତ ଭାବେ ତୀବ୍ର ପ୍ରତିବାଦ, ହୋହାଲ୍ଲା, ଜନଆକ୍ରୋଶ ଏବଂ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ସତ୍ତ୍ୱେ ଆନ୍ଧ୍ରର ଏହି ଉଦ୍ଧତ, ଅହଂକାରୀ ଏବଂ ଆକ୍ରମଣାତ୍ମକ ମନୋଭାବ ସେମାନଙ୍କର ଅତିରିକ୍ତ ଭୂମି ଲୋଭ ଏବଂ ସାମ୍ରାଜ୍ୟବାଦି ଚିନ୍ତାଧାରାକୁ ସ୍ପଷ୍ଟ ଭାବରେ ପ୍ରମାଣିତ କରୁଛି, ଯାହା ସାଧୀନ ଭାରତର ଗଣତାନ୍ତ୍ରୀକ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସଦୃଶ। କୋଟିଆବାସୀ ଜନ୍ମରୁ ଓଡିଆ, ସେମାନଙ୍କର ସାଂସ୍କୃତିକ ଚେତନା, ପରମ୍ପରା, ଭାଷା ଏବଂ ଭାବପ୍ରବଣତା ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ସହିତ ଜଡିତ ଏବଂ ସେମାନେ ପ୍ରତିଟି ପଂଚାୟତ ଓ ସାଧାରଣ ନିର୍ବାଚନରେ ଓଡିଶାର ମତଦାତା ଭାବେ ଗର୍ବର ସହ ନିଜର ଗଣତାନ୍ତ୍ରୀକ ଅଧିକାର ସାବ୍ୟସ୍ତ କରିଆସୁଛନ୍ତି, ଏହା ସତ୍ତ୍ୱେ ଆନ୍ଧ୍ର ସରକାର ସେଠାରେ ନିଜର ଜନକଲ୍ୟାଣକାରୀ ଯୋଜନାର ଥୋପ ପକାଇ ଲୋକଙ୍କ ଭିତରେ ଦ୍ୱନ୍ଦ ଏବଂ ବିଭାଜନ ସୃଷ୍ଟି କରିବାକୁ ଯେଉ ଅପଚେଷ୍ଟା କରୁଛନ୍ତି ତାହା ସେମାନଙ୍କର ମାନସିକ ଦେବାଳିଆପଣକୁ ଦର୍ଶାଉଛି। ଓଡ଼ିଶା ସରକାର କୋଟିଆର ସର୍ବାଙ୍ଗୀନ ବିକାଶ ପାଇଁ ଗତ କିଛି ବର୍ଷ ମଧ୍ୟରେ ଶହ ଶହ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ଉନ୍ନତ ରାସ୍ତାଘାଟ, ବିଦ୍ୟୁତୀକରଣ, ଆଦର୍ଶ ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପାନୀୟ ଜଳର ସବିଧା ଯୋଗାଇ ଦେଇ ସ୍ଥାନୀୟ ଲୋକଙ୍କ ଭିତରେ ବିଶ୍ୱାସ ସୃଷ୍ଟି କରିଛନ୍ତି, କିନ୍ତୁ ଆନ୍ଧ୍ରର ଏହି ଅଯାଚିତ ଓ ଅନ୍ୟାୟପୂର୍ଣ୍ଣ ହସ୍ତକ୍ଷେପ କେବଳ ବିବଦାକୁ ଜୀବିତ ରଖିବା ଏବଂ ଓଡ଼ିଶାର ପବିତ୍ର ଭୂଖଣ୍ଡକୁ ବଳପୂର୍ବକ ଓ କୌଶଳକ୍ରମେ ହଡପ କରିବାର ଏକ ସୁଚିନ୍ତିତ ଷଡଯନ୍ତ୍ର ଛଡ଼ା ଆଉ କିଛି ନୁହେଁ। ଯେତବଳେ ସୀମା ବିବାଦର ଏହି ସମ୍ବେଦନଶୀଳ ମାମଲା ଦେଶର ସର୍ବୋଚ୍ଚ ଅଦାଲତରେ ବିଚାରଧୀନ ଅଛି, ସେତବଳେ ଜଣେ ପଡେଶୀ ରାଜ୍ୟର ଦାୟିତ୍ୱବାନ ମନ୍ତ୍ରୀ ଓ ସଚିବ ସ୍ତରୀୟ ଅଧିକାରୀମାନେ ସୀମା ପାର ହୋଇ ଓଡିଶା ମାଟିରେ ସଭାସମିତି କରିବା, ସ୍ଥାନୀୟ ପ୍ରଶାସନକୁ ଚ୍ୟାଲେଞ୍ଜ କରିବା ଏବଂ ଓଡିଶାର ସାର୍ବଭୌମତ୍ୱ ପ୍ରତି ଆଙ୍ଗୁଠି ଦେଖାଇବା ସମ୍ପୂର୍ଣ୍ଣ ଗେରଆଇନ, ଅସାମ୍ବିଧାନିକ ଏବଂ ସଂଘୀୟ ସଂସ୍କୃତିର ଚରମ ଅବମାନନା। ଏହି ନିରନ୍ତର ଏବଂ ଦୁସାହସିକ ଅନୁପ୍ରବେଶ ଓଡ଼ିଶାର ଆଇନ ଶୃଙ୍ଖଳା ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତି ଏକ ବିରାଟ ଆହ୍ୱାନ ସୃଷ୍ଟି କରୁଛି ଏବଂ ସ୍ଥାନୀୟ ଆଦିବାସୀ ଜନଜୀବନରେ ଏକ ପ୍ରକାରର ଅସ୍ଥିରତା, ଭୟ ଏବଂ ଅସୁରକ୍ଷିତ ଭାବନା ସୃଷ୍ଟି କରୁଛି, ଯାହା ଗ୍ରାମୀଣ ଅର୍ଥନୀତି ଓ ସାମାଜିକ ସନ୍ତୁଳନକୁ ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟାସ୍ତ କରିପକାଉଛି।

ଏହି ଗୁରୁତର ସୀମାନ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଓଡିଶାର ପ୍ରଶାସନ, ଗୃହ ବିଭାଗ ଏବଂ ସୁରକ୍ଷା ବାହିନୀକୁ ଏବେ ଅଧିକ ଆକ୍ରମଣାତ୍ମକ, ସତର୍କ ଏବଂ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପଡିବ, ଯେପରି ଆଗାମୀ ଦିନରେ ଆନ୍ଧ୍ରର କୌଣସି ପ୍ରତିନିଧି କିମ୍ବା ସରକାରୀ ଗାଡି ଓଡିଶାର ସୀମା ଭିତରକୁ ପ୍ରବେଶ କରିବାକୁ ସାହସ ସୁଦ୍ଧା କରିବେ ନାହିଁ। କୋଟିଆର ଗରିବ ଲୋକଙ୍କ ସରଳତା ଓ ଆର୍ଥିକ ଅନଗ୍ରସରତାର ଅସଦୁପଯୋଗ କରି ଆନ୍ଧ୍ର ଯେଉ ରାଜନୈତିକ ଖେଳ ଖେଳୁଛି, ତାହାର ସମୟ ଏତେ ସରିଯାଇଛି, କାରଣ ସମଗ୍ର ଓଡିଶାର ସାଢେ ଚାରି କୋଟି ଓଡିଆ ଜନସାଧାରଣ ଏବେ କୋଟିଆର ସୁରକ୍ଷା, ମାଟିର ସମ୍ମାନ ଏବଂ ସୀମାର ରକ୍ଷା ପାଇଁ ଦଳମତ, ଜାତି, ଧର୍ମ ନିର୍ବିଶେଷରେ ଏକଜୁଟ ହୋଇ ରାଜପଥକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଲେଣି। ଆନ୍ଧ୍ର ଶାସକ ଏବଂ ଅଫିସରମାନଙ୍କୁ ଏହା ସ୍ପଷ୍ଟ ଭାବେ ଏବଂ ଶାଣିତ ଶବ୍ଦରେ ବୁଝିବାକୁ ହେବ ଯେ ଓଡିଶାର ଶାନ୍ତିପ୍ରିୟ, ଧୈର୍ଯ୍ୟବାନ ଏବଂ ସହନଶୀଳ ମନୋଭାବକୁ ସେମାନେ ନିଜର ଦୁର୍ବଳତା ବୋଲି ଭାବିବା ଏକ ଐତିହାସିକ ଭୁଲ ହେବ, କାରଣ ନିଜର ଜନ୍ମମାଟି, ଭାଷା ଏବଂ ସୀମାନ୍ତ ଅଂଚଳର ସୁରକ୍ଷା ପାଇଁ ଓଡିଆ ଜାତି ଅତୀତରେ ଅସୀମା ସଂଗ୍ରାମ ଓ ବଳିଦାନ ଦେଇଛି ଏବଂ ଆବଶ୍ୟକ ପଡ଼ିଲେ କୋଟିଆର ପ୍ରତିଟି ଧୂଳିକଣାକୁ ରକ୍ଷା କରିବା ପାଇଁ ଯେକୌଣସି ରକ୍ତ ଯାଇ ଲଢେଇ କରିବାକୁ ଏହି ବୀର ମାଟିର ସନ୍ତାନମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏହି ବାରମ୍ବାର ଘଟୁଥିବା ଉତେଜନା ପରିସ୍ଥିତିକୁ ଚିରଦିନ ପାଇଁ ରୋକିବା ପାଇଁ ଓଡିଶା ସରକାର ସୀମାନ୍ତ ଅଂଚଳରେ ସ୍ଥାୟୀ ସଶସ୍ତ୍ର ପୋଲିସ କ୍ୟାମ୍ପ ସ୍ଥାପନ କରିବା, ନିରନ୍ତର ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଏବଂ ଓଡିଶାର ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟଗୁଡିକର ଉପସ୍ଥିତି ଓ ସକ୍ରିୟତାକୁ କୋଟିଆରେ ଆହୁରି ଦ୍ୱିଗୁଣିତ କରିବା ଆବଶ୍ୟକ, ଯେପରି ଆନ୍ଧ୍ରର କୌଣସି ଅଧିକାରୀ ସୀମା ଉଲ୍‌ଘଂନ କରିବା ମାତ୍ରେ ସେମାନଙ୍କୁ ତୁରନ୍ତ ସେହି ମାଟିରେ ହିଁ ଗିରଫ କରାଯାଇ ଦୃଢ ଆଇନଗତ ଆକ୍ସନ ଗ୍ରହଣ କରାଯାଇପାରିବ।

ଆନ୍ଧ୍ରର ମନ୍ତ୍ରୀମାନେ ଓଡିଶା ସୀମା ଭିତରେ ପଶି ଶସ୍ତା ଏବଂ ଗ୍ରାମୀଣ ରାଜନୀତିର ପ୍ରଲୋଭନକାରୀ ବଜାର ଖୋଲିବା ବନ୍ଦ କରି ନିଜ ରାଜ୍ୟର ଅସମାପ୍ତ ବିକାଶ ଓ ଆଭ୍ୟନ୍ତରୀଣ ସମସ୍ୟା ଉପରେ ଧ୍ୟାନ ଦେବା ଉଚିତ, କାରଣ ଓଡିଶାର ଜଳ, ସୁନ୍ଦର ପ୍ରକୃତି ଏବଂ ମାଟିର ମମତାରେ ପରିପୁଷ୍ଟ କୋଟିଆ କେବେ ହେଲେ କୌଣସି ବାହ୍ୟ ଶକ୍ତି ପାଇଁ ପର ହୋଇପାରିବ ନାହିଁ। ଏହି ସମ୍ପାଦକୀୟ ସ୍ତମ୍ଭ ମାଧ୍ୟମରେ ଆନ୍ଧ୍ର ପ୍ରଶାସନ ଏବଂ ତାଙ୍କର ଉଦ୍ଧତ ନେତୃବୃନ୍ଦଙ୍କୁ ଏକ ଶେଷ, ଚୂଡାନ୍ତ ଏବଂ ଦୃଢ ଚେତାବନୀ ଦିଆଯାଉଛି ଯେ ସେମାନେ ଓଡିଶାର ସହନଶୀଳତାର ପରୀକ୍ଷା ନେବା ତୁରନ୍ତ ବନ୍ଦ କରନ୍ତୁ, ନଚେତ୍ ଏହି ସୀମାନ୍ତ ବିବଦର ସାମାଜିକ ରାଜନୈତିକ ପରିଣତି ଆଗାମୀ ଦିନରେ ଦୁଇ ରାଜ୍ୟ ମଧ୍ୟରେ ଅତ୍ୟନ୍ତ ଭୟାବହ ଏବଂ କଟୁ ହେବ, ଯେଉଥିପାଇଁ କେବଳ ଆନ୍ଧ୍ର ସରକାରଙ୍କ ଆକ୍ରୋଶମୂଳକ ଜିଦ୍, ସାମ୍ରାଜ୍ୟବାଦୀ ଅହଂକାର ଏବଂ ବେଆଇନ କାର୍ଯ୍ୟକଳାପ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବ।

-ସୌଭାଗ୍ୟ ରଂଜନ ମହାନ୍ତି

# ଜ୍ଞାନର ସଂଚୟ




ମନୋଜ କୁମାର ବେହେରା
ଭୁବନେଶ୍ୱର, ୭୯୭୮୮୩୦୬୧୧


ଜୀବନକୁ ସୁଚାରୁ ରୂପରେ ଚଳେଇବା ପାଇଁ ଲୋକମାନେ ନାନା ପ୍ରକାରର ଭୌତିକ ସଂସାଧନର ସଂଚୟ କରିଥାନ୍ତି । ଯଦ୍ୟପି ଏହି ବସ୍ତୁର ଉପରେ ଗୋଟିଏ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ସଂଚୟ ମଧ୍ୟ ସେତିକି ଆବଶ୍ୟକ ହୋଇଥାଏ ଆଉ ତାହା ହେଲା ଜ୍ଞାନର ସଂଚୟ । ଧନର ସଂଚୟ ଆପଣଙ୍କୁ ଅଭିମାନ ତ ବସ୍ତୁଙ୍କର ସଂଚୟ ଆପଣଙ୍କୁ ଲୋଭୀ ବନେଇ ଦିଏ । କିନ୍ତୁ ଜ୍ଞାନର ସଂଚୟ ଆପଣଙ୍କୁ ଏହି ଦୁର୍ଗୁଣରୁ ସର୍ବଦା ଦୂରରେ ରଖିଥାଏ । ଜ୍ଞାନ ଚକ୍ଷୁ ସର୍ବଦା ଖୋଲା ରହୁ,ସେଥିପାଇଁ ଆବଶ୍ୟକ ଅଟେ କି ଆମେ ଜ୍ଞାନ ରୂପୀ ସାଗରରେ ସର୍ବଦା ପହଁରିବା । ଯେଉଠି ଜ୍ଞାନର ସମାଗମ ହେବ,ସେଠାରେ କେବଳ ଏହାର ଶ୍ରବଣ ହିଁ କରିବନି,ଅପିତୁ ଏହାକୁ ନିଜର ଅନ୍ତଃକରଣରେ ଆତ୍ମସାତ୍ କରିବାକୁ ପଡିବ ।

ସମୟର ସହିତ ଭୌତିକ ସଂସାଧନ ତ ନଷ୍ଟ ହୋଇପାରେ,କିନ୍ତୁ ଅର୍ଜିତ ଜ୍ଞାନକୁ କେହି ଆପଣଙ୍କ ଠାରୁ ଛଡେଇ ନେଇ ପାରିବେନି । ଜ୍ଞାନର୍ଜନ ସହିତ ଏହା ମଧ୍ୟ ସ୍ମରଣ ରହୁ କି ଆମର ଭିତର ଅଭିମାନର ଯୋଗ ନହେଇ ପାରୁ । କାହିଁକି ଜ୍ଞାନ ଯେତବଳେ ଅଭିମାନର ଜାମା ପିନ୍ଧି ନିଏ ତାହଲେ ଆମର ସେହି ସଂଚୟର କ୍ଷୟ ହେବାକୁ ଲାଗିଥାଏ । ଜ୍ଞାନର ସଂଚୟ କ୍ଷୟ ହେବା ଏହି କଥାର ମଧ୍ୟ ସୂଚକ ଅଟେ କି ଆମେ ଏହି ଅମୂଲ୍ୟ କଥାକୁ ଧାରଣ କରିବାର ଯୋଗ ଏବେ ରଖନ୍ତି ନାହିଁ । ଜ୍ଞାନ ପ୍ରାପ୍ତିର କୌଣସି ବୟସ ସୀମା ନଥାଏ । ଆଉ ଏହାର ଆଦାନ-ପ୍ରଦାନ ଅନ୍ତ ସମୟ ପର୍ଯ୍ୟନ୍ତ ସମ୍ଭବ ଅଟେ । ରାବଣ ମଧ୍ୟ ମରିବା ସମୟରେ ଲକ୍ଷ୍ମଣଙ୍କୁ ଜ୍ଞାନରେ ସମୃଦ୍ଧ କରିଥିଲେ ।

ଭୀଷ୍ମ ପିତାମହ ମଧ୍ୟ ମୃତ୍ୟୁ ଶଯ୍ୟା ଉପରେ ନିଜର ପ୍ରିୟଜନଙ୍କୁ ଜୀବନର କିଛି ଉପଯୋଗୀ ସୂତ୍ର ଦେଇଥିଲେ । ଯେତବଳେ କାହାଠୁ କିଛି ଜ୍ଞାନ ଶ୍ରବଣ କରିବାକୁ ହୋଇଥାଏ ଆଉ ସେଥିରେ କୃତଜ୍ଞତାର ଭାବ ନିଁଶ୍ଚିତ ହି ହେବା ଜରୁରୀ । କାହିଁକି ସେତବଳେ କିଏ ନିଜର ସମୟ ଆଉ ଉର୍ଜାରେ ଆପଣଙ୍କୁ ମାର୍ଗଦର୍ଶନ କରାଉଥିବ । ଜ୍ଞାନ ହିଁ ଆପଣଙ୍କ ସବୁ ସମସ୍ୟାର ଚାବି ଅଟେ । ତେଣିକି ଯେତେ କଠିନ ପରିସ୍ଥିତି ଆପଣଙ୍କର ସାମନାରେ ହେଉ । ଜ୍ଞାନ ଅନୁଭୂତିର ଭାବ ବ୍ୟକ୍ତିକୁ ସଠିକ୍ ମାର୍ଗରେ ବିଚଳିତ ହେବାକୁ ଦିଏନି । ସମୟର ସହିତ ବଢୁଥିବା ଅନୁଭବ ମଧ୍ୟ ଜ୍ଞାନର ଧାରାକୁ ଆହୁରି ପ୍ରଖର ବନେଇ ଥାଏ । ଯାହା ଜୀବନର ନୌକାକୁ ଆଗକୁ ବଢେଇବାରେ ସହାୟକ ହୋଇଥାଏ ।

# କୁନି ପାଦେ ଶିକୁଳି !




ଅଧ୍ୟାପକ ରାଜେଶ ରାୟ
ଜୟପୁର, ୬୩୭୧୫୫୫୯୪୦


ଆଜି ଆନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ। ଏହି ଦିନଟି ଆସିଲେ କାହିଁକି କେଜାଣି ସେହି ନୀରିହ, ନିଷ୍ପାପ ଜୀବନ ପ୍ରତି ମାୟାବୀ ସ୍ନେହ ଗୁଡ଼ିକ ଅଜାଡ଼ି ହୋଇପଡ଼େ। ଆପଣ ରାସ୍ତାରେ ଗଲାବେଳେ ଯେଉଁ ହୋଟେଲ ବା ରେଷ୍ଟୁରାଣ୍ଟରେ ଖାଇବା ପାଇଁ ଅଟକନ୍ତି ସେଠି କାମ କରୁଥିବା ଶିଶୁକୁ ଦେଖି କେବେ ପଚାରିଛନ୍ତି କି , ' ଯେଉଁ ହାତରେ ତୁ ବୋତି ଖଟୁଛୁ ସେଥିରେ ତୁ କଲମ ଧରିବା ଦରକାର' । ଛାଡ଼ନ୍ତୁ ଏକଥା , କେବେ ସେହି କୁନି ପିଲାଟିକୁ ଦେଖି ଆପଣଙ୍କ ଘରର ପିଲା କଥା ମନେ ପଡ଼େନି ? ଆଜ୍ଞା ଏଠି ସମସ୍ତେ ନିଜ ନିଜ ପରିସ୍ଥିତି ସହ ବନ୍ଧା । ସେ ହୋଟେଲରେ କାମ କରୁଥିବା ପିଲାଟି କଥା କୁହନ୍ତୁ କିମ୍ବା ଇଟାଭାଟିରେ ବେଠି ଖଟୁଥିବା ପିଲା । ସମସ୍ତେ ପରିସ୍ଥିତିର ଦାସ ହୋଇ ଏମିତି କରିବାକୁ ବାଧ ହୁଅନ୍ତି। ଏଥିପାଇଁ ଆମ ବ୍ୟବସ୍ଥା ଦାୟୀ ! ଗୋଟିଏ ଶିଶୁ ସମାଜକୁ ଭଲଭାବେ ବୁଝିବା ଆଗରୁ କାହିଁକି ତାର କଅଁଳ ହାତରେ ଶ୍ରମର ଚାପକୁ ଆପଣେଇ ନେଉଛି ? କାରଣ ତା ପାଖେ ପ୍ରଶାସନ କିମ୍ବା ସରକାରୀ ସୁବିଧାମାନ ପହଞ୍ଚି ପାରୁନାହିଁ । ଜାତିସଂଘ ଦ୍ୱାରା ରଚିତ ସ୍ଥାୟୀ ବିକାଶ ଲକ୍ଷ୍ୟର ଅଷ୍ଟମ ଭାଗରେ ଶିଶୁ ଶ୍ରମିକ ବିରୋଧୀ ସଂକଳ୍ପ ଲିପିବଦ୍ଧ ରହିଛି। ଭାରତ ସରକାରଙ୍କ ଅଫିସିଆଲ୍ ତଥ୍ୟ ଅନୁଯାୟୀ ୨୦୨୫ ମସିହାରେ ଭାରତରେ ପାଖାପାଖି ୧୦.୧ ମିଲିଅନ ଶିଶୁ ଶ୍ରମିକ (ଯାହାଙ୍କ ବୟସ ୫ ରୁ ୧୪ ବର୍ଷ ମଧ୍ୟରେ) କାର୍ଯ୍ୟ କରୁଛନ୍ତି। ବାସ୍ତବିକ୍ ରୂପେ ଏହାକୁ ଦେଖିଲେ ସଂଖ୍ୟା ଅଧିକ ହେବ। ବିଶେଷ କରି ମହାରାଷ୍ଟ୍ର , ବିହାର, ଉତ୍ତରପ୍ରଦେଶ , ତେଲେଙ୍ଗାନା, ଓ ରାଜସ୍ଥାନ ପରି ରାଜ୍ୟରେ ଶିଶୁ ଶ୍ରମିକ ସଂଖ୍ୟା ବହୁତ୍ ଅଧିକ। ଆନ୍ତର୍ଜାତୀୟ ଶ୍ରମିକ ସଂଗଠନ ୨୦୨୫ ମସିହାରେ କରିଥିବା ସର୍ବେକ୍ଷଣ କହୁଛି ସମଗ୍ର ବିଶ୍ୱରେ ପାଖାପାଖି ୧୩୮ ମିଲିଅନ ଶିଶୁ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ରୂପେ କାର୍ଯ୍ୟରତ ଅଛନ୍ତି ତନ୍ମଧ୍ୟରୁ ୫୪ ମିଲିଅନ ଶିଶୁ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ। ୨୦୨୪-୨୫ ମସିହାରେ କିଛି ସାମାଜିକ ସଂଗଠନ ଦ୍ୱାରା ଭାରତରେ ଶିଶୁ ଶ୍ରମିକକୁ ଚିହ୍ନଟ କରିବା ପାଇଁ ଏକ ଅପରେସନର ଆରମ୍ଭ କରାଯାଇଥିଲା। ଶୁଣିଲେ ଆଶ୍ଚର୍ଯ୍ୟ ହେବେ , ସେହି ଅପରେସନରେ ସମୁଦାୟ ୪୪ ହଜାର ୯୦୨ ଜଣ ଶିଶୁ ଭାରତର ଅଲଗା ଅଲଗା ସ୍ଥାନରୁ ଉଦ୍ଧାର ହୋଇଥିଲେ। ଶିଶୁ ଶ୍ରମିକଙ୍କ କ୍ଷେତ୍ରକୁ ଜାଣିବା ନିମନ୍ତେ ବିଲ୍ଡିଂ ଦି କେସ ଫର୍ ଜିରୋ ନାମରେ ଅନ୍ୟ ଏକ ସର୍ବେକ୍ଷଣ କରାଯାଇଥିଲା । ସେଥିରୁ ଯେଉଁ ତଥ୍ୟ ଆସିଲା ତାହା ଅତ୍ୟନ୍ତ ହୃଦୟବିଦାରକ ! ଉଦ୍ଧାର ହୋଇଥିବା ମୋଟ ୪୦ ହଜାର ୪୧୪ ଜଣ ଶିଶୁ ଶ୍ରମିକଙ୍କ ମଧ୍ୟରୁ ୨୯୭୧ ଜଣ ଯୌନ କେଲେଙ୍କାରୀରେ ଲିପ୍ତ ଥିଲେ , ସେହିପରି ୧୫୧୭ ଜଣ ଚୋରି କାର୍ଯ୍ୟରେ ନିୟୋଜିତ ଥିଲେ ଏବଂ ୮୭୪୯ ଜଣ ନିଖୋଜ ଥିବାର ସୂଚନା ମିଳିଥିଲା । ଭାରତର ରାଜଧାନୀ ନୂଆଦିଲ୍ଲୀରେ ପ୍ରତିଦିନ କେହିନା କେହି ଶିଶୁ ନିଖୋଜ ହେଉଥିବାର ଖବର ଜାତୀୟ ଗଣମାଧ୍ୟମରେ ସାମ୍ନାକୁ ଆସିବା ପରେ ଏହି ପ୍ରଥାର ନଗ୍ନତା ପଦାରେ ପଡ଼ିଛି। ଭାରତୀୟ ସମ୍ବିଧାନର ଧାରା ୨୪ ଅନୁଯାୟୀ ୧୪ ବର୍ଷ ବୟସରୁ କମ ବର୍ଷ ଥିବା ଶିଶୁ ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ଧାରା ୨୧ (କ) ଅନୁସାରେ ୬ରୁ ୧୪ ବର୍ଷ ମଧ୍ୟରେ ଥିବା ସମସ୍ତ ଶିଶୁ ମାନଙ୍କୁ ମାଗଣା ତଥା ନିଶ୍ଚିତ ଶିକ୍ଷା ଦେବା ଜରୁରୀ। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଶିଶୁ ଶ୍ରମିକଙ୍କ ଚିତ୍ର ଦେଖିବାକୁ ମିଳୁଛି। କିଛିଦିନ ପୂର୍ବେ ମୁଁ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ଜଳଖିଆ ଖାଉଥିବା ସମୟରେ ହଠାତ୍ ମୋ ପଛପଟେ ଅଲୋଡ଼ା, ଅଖୋଜା, ଜୀର୍ଣ୍ଣ ଶରୀରକୁ ଧରି ଶିଶୁଟିଏ ଆସି ଟଙ୍କା ମାଗିଲା । ତାର ଖୁସିହୀନ ମୁହଁକୁ ଦେଖି ତାକୁ ପେଟଭରି ଖାଇବାକୁ ଦେଲି । ପରବର୍ତ୍ତୀ ସମୟରେ ଅନୁଧ୍ୟାନ କରିବାରୁ ଜଣାପଡ଼ିଲା ଯେ ସେହି ପିଲାଟିର ବାପାମାଆ ତାକୁ ଏହିପରି କାର୍ଯ୍ୟ କରିବାକୁ ପଠାଇଛନ୍ତି। କେବଳ ସିଏ ନୁହେଁ , ବରଂ ତାଙ୍କ ପରିବାରର ସମସ୍ତେ ଏହି କାମରେ ଅଛନ୍ତି। ଏହିକଥା ଜାଣିବା ପରେ ଭାରି ଦୁଃଖ ଲାଗିଲା। ଏହିଭଳି କ୍ଷେତ୍ରରେ ପ୍ରଶାସନିକ ବ୍ୟବସ୍ଥାକୁ ଦୃଢ଼ ଭାବେ ପ୍ରୟୋଗ କରି ପିତାମାତାଙ୍କୁ ସାବାଡ଼ କଲେ ଯାଇ ଏଥିରେ ଅଙ୍କୁଶ ଲାଗିପାରିବ। ଚଳିତବର୍ଷ ଆନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ବାର୍ତ୍ତା ରହିଛି 'ଶିଶୁ ହାତରେ ଶ୍ରମ ନୁହେଁ, ଶିକ୍ଷା ଓ ସ୍ୱପ୍ନ ଥାଉ ଏବଂ ବୟସ୍କ ମାନଙ୍କୁ ମିଳୁ ସମ୍ମାନଜନକ କାମ'। ଏଥରେ ଶିଶୁ ଶ୍ରମିକ ପ୍ରଥାକୁ ବିଲୁପ୍ତ କରିବା ପାଇଁ ଯେଉଁପରି ସଂକଳ୍ପ ନିଆଯାଇଛି ଠିକ୍ ସେହିପରି ଭାବେ ବୟସ୍କ ମାନଙ୍କୁ ସମ୍ମାନ ପୂର୍ବକ ଉଚିତ୍ କାରଣ ଦେବାପାଇଁ ମଧ୍ୟ କୁହାଯାଇଛି । ଆମେ ୨୦୩୬ ମସିହାରେ ବିକଶିତ ଓଡ଼ିଶା ଏବଂ ୨୦୪୭ ମସିହାରେ ବିକଶିତ ଭାରତର ଯେଉଁ ଦିବାସ୍ୱପ୍ନ ଦେଖୁଛୁ ସେଥିରେ ଶିଶୁ ଶ୍ରମିକ ପ୍ରଥାକୁ ବିନାଶ କରିବା ପାଇଁ ଉପଯୁକ୍ତ ଖସଡ଼ା ପ୍ରସ୍ତୁତ କରି ସଠିକ୍ ଦିଗରେ କାର୍ଯ୍ୟକାରୀ ହେଲେ ହୁଏତ ବାସ୍ତବିକ୍ ଆଶାର ମର୍ଯ୍ୟାଦା ରୁହନ୍ତା।



ଶନିବାର ୧୩।୬।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଗୃହିଣୀରୁ ସଫଳ କ୍ୟାଟରିଂ ବ୍ୟବସାୟୀ 'ସୁକାନ୍ତୀ ନାୟକ'

## ଗୃହଲକ୍ଷ୍ମୀ ସମବାୟ ସମିତି ସହାୟତାରେ ମାସିକ କାରବାର ୧ ଲକ୍ଷ ଟଙ୍କା

ମେରାମଣ୍ଡଳୀ, ୧୨।୬ (ଅକ୍ଷର ଓଡ଼ିଶା): କ୍ୟାଟେରିଂ ବ୍ୟବସାୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ସଞ୍ଚପଡ଼ା ଗ୍ରାମର ସୁକାନ୍ତି ନାୟକ। ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଗୃହଲକ୍ଷ୍ମୀ ସମବାୟ ସମିତିରୁ ମାତ୍ର ୧୫ ହଜାର ଟଙ୍କାର ପ୍ରାଥମିକ ଋଣ ନେଇ ଆରମ୍ଭ କରିଥିବା ବ୍ୟବସାୟରେ ଏବେ ମାସିକ କାରବାର ୧ଲକ୍ଷରୁ ଅଧିକ ହେଉଥିବା ବେଳେ ପାଖାପାଖି ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ବାହାରୁଛି। ରୋଷେଇ ପ୍ରତି ଥିବା ନିଜର ଆଗ୍ରହକୁ ସେ ଏକ ସଫଳ ବ୍ୟବସାୟରେ ପରିଣତ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

୫ ଜଣିଆ ପରିବାରରେ ସ୍ୱାମୀ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ, ପରିବାରକୁ ଆର୍ଥିକ ସହଯୋଗ କରିବା ସହ ପୁଅର ଉଚ୍ଚଶିକ୍ଷା ପାଇଁ କିଛି କରିବାକୁ ସୁକାନ୍ତିଙ୍କ ଇଚ୍ଛା ଥିଲା। ସେହି ସମୟରେ ଗ୍ରାମର କେତେଜଣ ମହିଳା ଗୃହଲକ୍ଷ୍ମୀ ସମବାୟ ସମିତିର ବୈଠକରେ ଯୋଗ ଦେଉଥିବା ଦେଖି ସୁକାନ୍ତି ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ। ସେଠାରେ ନିଜର ରୋଷେଇ ପ୍ରତି ଥିବା ଆଗ୍ରହକୁ ବ୍ୟବସାୟରେ ପରିଣତ କରିବା ପାଇଁ ସ୍ଥିର କରିଥିଲେ।ସୁକାନ୍ତିଙ୍କ ଏହି ଉତ୍ସାହ ଦେଖି 'ଗୃହଲକ୍ଷ୍ମୀ' ଟିମ୍ ପକ୍ଷରୁ ତାଙ୍କୁ ଆବଶ୍ୟକ ମାର୍ଗଦର୍ଶନ ସହ ବ୍ୟବସାୟ ଆରମ୍ଭ କରିବା ପାଇଁ ୧୫,୦୦୦ ଟଙ୍କାର ପ୍ରାଥମିକ ଋଣ ମିଳିଥିଲା। ସ୍ୱାମୀ, ପୁଅ ଓ ପରିବାର ସଦସ୍ୟଙ୍କ ସହଯୋଗରେ ସେ ନିଜର କ୍ୟାଟରିଂ ବ୍ୟବସାୟ ଆରମ୍ଭ କରିଥିଲେ। ବର୍ତ୍ତମାନ ଫୋନ୍ କଲ୍ ଏବଂ



ହ୍ୱାଟସ୍ଆପ୍ ବୁକିଂ ମାଧ୍ୟମରେ ସେ ସଞ୍ଚପଡ଼ା, ଖଲିବେରଣା, କୁରୁଣ୍ଟି ଏବଂ ମଙ୍ଗଳପୁର ଅଞ୍ଚଳରେ ସ୍ୱଳ୍ପ ମୂଲ୍ୟରେ ସୁସ୍ ?ାଦ ଖାଦ୍ୟ ଯୋଗାଇ ଦେଉଛନ୍ତି।ବର୍ତ୍ତମାନ ସୁକାନ୍ତି ଦୈନିକ ହାରାହାରି ୭୦ଟି ମିଲ୍ ଯୋଗାଉଥିବା ବେଳେ ଅନେକ ସମୟରେ ଏହା ପ୍ରାୟ ୨୦୦ ରୁ ଅଧିକ ମିଲ୍ ବିକ୍ରି କରିପାରୁଛନ୍ତି । ଟାଟା ଷ୍ଟିଲ୍ ମେରାମଣ୍ଡଳୀ କାର୍ଯ୍ୟାଳୟର ବିଭିନ୍ନ ବୈଠକ ପାଇଁ ମଧ୍ୟ ସେ ଖାଦ୍ୟ ଯୋଗାଉଛନ୍ତି । ବ୍ୟବସାୟର ପ୍ରଥମ ମାସରେ ପ୍ରାୟ ୮୫,୦୦୦ ଟଙ୍କାର କାରବାର ହୋଇଥିବା ବେଳେ, ବର୍ତ୍ତମାନ ଏହା ୧ ଲକ୍ଷ ଟଙ୍କାକୁ ବୃଦ୍ଧି ଘଟିଛି । ସେଥିମଧ୍ୟରୁ ସେ ମାସିକ ପ୍ରାୟ ୫୫,୦୦୦ ଟଙ୍କାର ଲାଭ କରୁଛନ୍ତି। ସୁକାନ୍ତି ଆଗାମୀ ଦିନରେ ଏହି ବ୍ୟବସାୟ କୁ ଆହୁରି ବୃଦ୍ଧି କରିବା ସହ ସ୍ଥାନୀୟ ଅଞ୍ଚଳର ଅନ୍ୟ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରେରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଚିତ୍ ସମୟରେ ଆବଶ୍ୟକ ପରାମର୍ଶ ମିଳିଲେ ସୁକାନ୍ତିଙ୍କ ଭଳି ଗ୍ରାମାଞ୍ଚଳର ଅନ୍ୟ ମହିଳାମାନେ ମଧ୍ୟ ସମାଜରେ ବ ? ପରିବର୍ତ୍ତନ ଆଣିପାରିବେ।

# ଅନ୍ଧ ଭିନ୍ନକ୍ଷମ ସତ୍ୟମଙ୍କ ଦୁଃଖଭରା କାହାଣୀ



ନାରାୟଣପାଟଣା, ୧୨।୬ (ଗିରିଧର ଖରା): ସରକାରୀ ଭତ୍ତା ହିଁ ଥିଲା ପରିବାର ଚଳାଇବାର ଏକମାତ୍ର ଭରସା। କିନ୍ତୁ ତିନି ମାସ ଧରି ଭତ୍ତା ବନ୍ଦ ହୋଇଯିବା ପରେ ଆଜି ଭିକ୍ଷା ମାଗିବାକୁ ବାଧ୍ୟ ହୋଇଛନ୍ତି ଜଣେ ଅନ୍ଧ ଭିନ୍ନକ୍ଷମ ବ୍ୟକ୍ତି। ହାତରେ ତାଟିଆ ଓ ବ୍ୟାଗ୍ ଧରି ଗାଁ ଗାଁ ବୁଲୁଛନ୍ତି, କେବଳ ପରିବାରର ପେଟ ଚାଖଣ୍ଡେ ଭରିବା ପାଇଁ। କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତର ମାର୍ଷିଝଲା ଗ୍ରାମର ସତ୍ୟମ ମିଣିଆକା ଜନ୍ମରୁ ଅନ୍ଧ। ତାଙ୍କ ସ୍ତ୍ରୀ ସନାଇ ମିଣିଆକା ମଧ୍ୟ ଭିନ୍ନକ୍ଷମ। ଦୁଇ ବର୍ଷର ଝିଅ ଶିବାନୀଙ୍କୁ ନେଇ ଏହି ଦମ୍ପତିଙ୍କ ସଂସାର। ପୂର୍ବରୁ ସରକାରଙ୍କ ଭିନ୍ନକ୍ଷମ ଭତ୍ତାରେ କଷ୍ଟେମଷ୍ଟେ ଘର ଚାଲୁଥିଲା। ହେଲେ ଗତ ତିନି ମାସ ଧରି ଭତ୍ତା ନମିଳିବାରୁ ପରିବାର ଦୁର୍ଦ୍ଦଶାରେ ପଡ଼ିଛି।

ସତ୍ୟମଙ୍କ କହିବା ଅନୁସାରେ, ପୂର୍ବରୁ ଜଙ୍ଗଲରୁ ଆମ୍ବ ଆଣି ଲୁଣ-ମରିଚ ସହ ଭାତ ଖାଉଥିଲେ। ବର୍ତ୍ତମାନ ଘରେ ତରକାରୀ ତ ଦୂରର କଥା, କେବଳ ଲୁଣ, ପିଆଜ ଓ ମରିଚରେ ଭାତ ଖାଇ ଦିନ କାଟୁଛନ୍ତି। ଛୋଟ ଝିଅ ଡାଲି କିମ୍ବା ଅଣ୍ଡା ଖାଇବାକୁ କାନ୍ଦୁଥିଲେ ମଧ୍ୟ ତାହା ଯୋଗାଇବାକୁ ସେ ଅସମର୍ଥ।ଦୋକାନରୁ ବାକିରେ ସାମଗ୍ରୀ ମାଗିଲେ ମିଳୁନାହିଁ, କାହାଠାରୁ ଋଣ ମାଗିଲେ ମଧ୍ୟ ସାହାଯ୍ୟ ମିଳୁନାହିଁ। ଏଭଳି ସ୍ଥିତିରେ ବାଧ୍ୟ ହୋଇ ଭିକ୍ଷା ମାଗିବାକୁ ବାହାରୁଥିବା କହିଛନ୍ତି ସତ୍ୟମ। ''ମୁଁ ଅନ୍ଧ ଲୋକ, ମୋତେ କିଏ କାମ ଦେବ ? ମୁଁ ଗାଁ ଛାଡ଼ି ଅନ୍ୟତ୍ର ମଧ୍ୟ ଯାଇପାରିବି ନାହିଁ। ଭତ୍ତା ଟଙ୍କା ହିଁ ଆମର ଜୀବନର ଭରସା,'' ବୋଲି ସେ ଭାବବିହ୍ୱଳ ହୋଇ କହିଛନ୍ତି।କେବଳ ସତ୍ୟମ ନୁହେଁ, ଭତ୍ତା ବିଳମ୍ବ ଯୋଗୁଁ ବ୍ଲକର ଅନେକ ବୃଦ୍ଧ, ବିଧବା, ଅବିବାହିତ ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଅସୁବିଧାରେ ପଡ଼ିଛନ୍ତି। ସରକାର କେବେ ବକେୟା ଭତ୍ତା ପ୍ରଦାନ କରିବେ ସେନେଇ ସମସ୍ତଙ୍କ ମନରେ ଅନିଶ୍ଚିତତା ଦେଖାଦେଇଛି। ଏବେ ପ୍ରଶ୍ନ ଉଠୁଛି, ସମାଜର ସବୁଠାରୁ ଅସହାୟ ଓ ଦୁର୍ବଳ ବର୍ଗ ପାଇଁ ଉଦ୍ଦିଷ୍ଟ ସହାୟତା ଯଦି ସମୟରେ ପହଞ୍ଚିବ ନାହିଁ, ତେବେ ସେମାନଙ୍କ ଜୀବନ କିପରି ଚାଲିବ ? ସତ୍ୟମଙ୍କ ଭଳି ଲୋକଙ୍କ ଆଖିର ଲୁହ କି ସମ୍ପୃକ୍ତ ପ୍ରଶାସନଙ୍କୁ ଦେଖାଯିବ ? ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ବିପଦ ସଂକୁଳ ଅବସ୍ଥାରେ ରହିଛି ଶୁଖିଲା ଗଛ



ଦାରିଙ୍ଗବାଡି, ୧୨।୬(ମୃତ୍ୟୁଞ୍ଜୟ ପ୍ରଧାନ): ରାସ୍ତା କଡ଼ରେ ଦୀର୍ଘ ଦିନ ହେବ ଶୁଖିଲା ଅବସ୍ଥାରେ ଠିଆ ହୋଇ ରହିଛି ଦାସିଙ୍ଗବାଡ଼ି ପଞ୍ଚାୟତ କାଣ୍ଡାପା ଘାଟି ରେ ଏକ ବିରାଟ ଗଛ, ଯାହା ଏବେ ସ୍ଥାନୀୟ ବାସିନ୍ଦା ଏବଂ ପଥିକମାନଙ୍କ ପାଇଁ ସାଜିଛି ମରଣଯନ୍ତା। ଯେକୌଣସି ମୁହୂର୍ତ୍ତରେ ଏହି ଗଛଟି ଭାଙ୍ଗି ପଡ଼ି ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି। ଏହାକୁ ସୁରକ୍ଷିତ ଭାବେ କାଟିବା ପାଇଁ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ।ମିଳିଥିବା ସୂଚନା ମୁତାବକ, ଏହି ମୁଖ୍ୟ ରାସ୍ତା ଦେଇ ଦାରିଙ୍ଗବାଡି ରୁ ବ୍ରହ୍ମପୁର କୁ ପ୍ରତିଦିନ ଶତାଧିକ ଗାଡ଼ିମୋଟର ଏବଂ ଜନସାଧାରଣ ଯାତାୟାତ କରନ୍ତି। ରାସ୍ତା କଡ଼ରେ ଥିବା ଏହି ବୃକ୍ଷଟି ସମ୍ପୂର୍ଣ୍ଣ ରୂପେ ଶୁଖିଯାଇ ଖୋଲ ହୋଇଗଲାଣି।ବିଶେଷ କରି ରାତ୍ରି ସମୟରେ ଏହି ବାଟ ଦେଇ ଯାଉଥିବା ବାଇକ୍ ଚାଳକମାନେ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଏଭଳି ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି:'ଆମେ ଏହି ବିପଦପୂର୍ଣ୍ଣ ଗଛ ସମ୍ପର୍କରେ ସ୍ଥାନୀୟ କର୍ତ୍ତୃପକ୍ଷ ଓ ଜଙ୍ଗଲ ବିଭାଗକୁ ଅବଗତ କରାଇଛୁ। ମାତ୍ର ପ୍ରଶାସନ କୌଣସି ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛି କି ? ଗଛଟି ଶୀଘ୍ର ନକଟାଗଲେ ଯଦି କାହାର ଧନଜୀବନ ହାନି ହୁଏ, ତେବେ ସେଥିପାଇଁ ଦାୟୀ କିଏ ରହିବ ?ତେଣୁ କୌଣସି ଅପ୍ରୀତିକର ପରିସ୍ଥିତି ଘଟିବା ପୂର୍ବରୁ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ଶୁଖିଲା ଗଛକୁ କାଟି ରାସ୍ତା ସଫା କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# ଲୋକଙ୍କ ସମସ୍ୟା ବୁଝିଲେ ଥାନାଧିକାରୀ

ବାଲୁଗାଁ, ୧୨।୬ (ଅକ୍ଷର ଓଡ଼ିଶା): ପୋଲିସ ଓ ଜନତାଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ବାଲୁଗାଁ ଥାନା ଆଇଆଇସି ଶ୍ରଦ୍ଧା ନାୟକ ବିଭିନ୍ନ ଗାଁ ବୁଲି ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଛନ୍ତି। ସକାଳୁ ବାଲୁଗାଁ ଥାନା ଅଞ୍ଚଳର କିଛି ଗାଁରେ ପହଞ୍ଚି ସେ ମହିଳା, ବୟସ୍କ ଓ ଯୁବକମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ନିଶା କାରବାର, ଚୋରି ଉପରେ ଲୋକେ ମୁଖ୍ୟତଃ ଅଭିଯୋଗ କରିଥିଲେ.ଆଇଆଇସି ନାୟକ କହିଛନ୍ତି, 'ଥାନାକୁ ଆସିବାକୁ



ଅନେକ ଲୋକ ଡରନ୍ତି କିମ୍ବା ସମୟ ପାଆନ୍ତି ନାହିଁ। ସେଥିପାଇଁ ଆମେ ନିଜେ ଗାଁକୁ ଯାଇ ସେମାନଙ୍କ କଥା ଶୁଣିବାକୁ ସ୍ଥିର କରିଛୁ। ସବୁ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରାଯିବ।' ସେ ମହିଳା ସୁରକ୍ଷା, ସାଇବର ଠକେଇ ଓ ହେଲପଲାଇନ ନମ୍ବର ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ. ସ୍ଥାନୀୟ ଯୁବକମାନଙ୍କୁ ନିଶା ଠାରୁ ଦୂରେଇ ରହିବାକୁ ଓ ପୋଲିସକୁ ସହଯୋଗ କରିବାକୁ ଅପିଲ କରିଥିଲେ.ଗାଁ ଲୋକେ ଆଇଆଇସିଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି. ଗାଁ ଲୋକ କହିଥିଲେ 'ମ୍ୟାଡାମ ନିଜେ ଆସି ଆମ କଥା ଶୁଣିଲେ। ଏବେ ଲାଗୁଛି ପୋଲିସ ଆମ ସାଥୀରେ ଅଛି। ବାଲୁଗାଁ ଥାନା ପକ୍ଷରୁ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ନିୟମିତ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

# ନଟରାଜ କଳା ପ୍ରତିଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ



କଟକ, ୧୧।୬ (ଅକ୍ଷର ଓଡ଼ିଶା): ରାଣୀପଡ଼ା, ବିରିଡି ରୋଡ ସ୍ଥିତ ନଟରାଜ କଳା ପ୍ରତିଷ୍ଠାନ ଓ ସରସ୍ୱତୀ ଷ୍ଟୁଡେଣ୍ଟସ କେୟାରର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କଳା, ସଂସ୍କୃତି, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଶ୍ରୀଯୁକ୍ତ ନେତ୍ରାନନ୍ଦ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ, ଅନିତା ମଣ୍ଡଳ, ଦେବୀପ୍ରସାଦ ତ୍ରିପାଠୀ, ରାଜକିଶୋର ବେହେରା, ଦିପ୍ତୀରଂଜନ ପରିଡା, କ୍ଷିତୀଶ କୁମାର ଜେନା, ଅଧକ୍ଷକ୍ଷ ଲକ୍ଷ୍ମୀପ୍ରିୟ ମହାନ୍ତି, ସମ୍ପାଦକ ସତ୍ୟବ୍ରତ ଉଦ୍ଦରାୟ, ନୃତ୍ୟ ଗୁରୁ ନମିତା ରାଣୀ ଉଦ୍ଦରାୟ, ସମ୍ମାନିତ ବ୍ୟକ୍ତି ମାନଙ୍କ ମଧ୍ୟରେ ସୁଧାକର ସ୍ୱାଇଁ, ହୀରାଲାଲ, ଶୁବଦର୍ଶିନି ନାୟକ ଓ ସାଇ ଶୁଭସ୍ମିତା ସ୍ୱାଇଁ ଉପସ୍ଥିତ ଥିଲେ। ପରିଶେଷରେ ନଟରାଜ କଳା ପ୍ରତିଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ସମସ୍ତ କର୍ମକର୍ତ୍ତା ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ରେ ସହାୟତା କରିଥିଲେ।

# ପ୍ରଫୁଲ୍ଲ କୁମାର ରଥ ଡକ୍ଟରେଟ ପାଇବାରୁ ସ୍କୁଲ ତରଫରୁ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର, ୧୨।୬ (ପ୍ରସନ୍ନ କୁମାର ଦାଶ): ବହୁ ବର୍ଷ ପରେ ଜଣେ ବରିଷ୍ଠ ଶିକ୍ଷାବିତ, ହିନ୍ଦୀ ଭବନ ର କୁଳ ସଚିବ ତଥା ବରିଷ୍ଠ ନାଗରିକ କମିଟିର ଉପଦେଷ୍ଟା ପୁରୁଷୋତ୍ତମପୁରବ୍ଲକ ତଥା ଏନଏସିର ପ୍ରତିଷ୍ଠିତ ବ୍ୟକ୍ତି ପ୍ରଫୁଲ କୁମାର ରଥଙ୍କୁ ତାଙ୍କର ଶିକ୍ଷା କ୍ଷେତ୍ରରେ ଶିକ୍ଷଦାନ ସହିତ ବହୁ ସ୍କୁଲ, କଲେଜ ତିଆରି କରି ତାର ସଭାପତି ସମ୍ପାଦକ ରହି ଶିକ୍ଷକ୍ଷେତ୍ର ରେ ଯେଉଁ ବୈପ୍ଳବିକ ଦକ୍ଷତା ପ୍ରତିପାଦିତ କାର୍ଯ୍ୟ କରି ଆସିଛନ୍ତି ସେଥିପାଇଁ ତାଙ୍କୁ ବହୁ ବର୍ଷ ପରେ ଜ୍ଞାନଦାନ ହନରାରୀ ଡ଼କ୍ଟରେଟ ଆୱାର୍ଡସ ଫାଉଣ୍ଡେସନ ଦ୍ ?ାରା ଡ଼କ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ସେଥିପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ତାଙ୍କର ଛାତ୍ର ତଥା ସନ ସାଇନ ଇଂଲିଶ ମିଡ଼ିଏମ ସ୍କୁଲ ର ନିର୍ଦ୍ଦେଶକ ସୁନୀଲ ମହାନ୍ତି ଙ୍କ ଏବଂ ବୃନ୍ଦାବନ ପାଣ୍ଡୀ ମହିଳା କଲେଜ ର ଅଧକ୍ଷା ଙ୍କ ସଂଯୋଜନା ରେ ଏକ ବୈଠକ କରି ଅନ୍ୟ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପ୍ରଫୁଲ ରଥଙ୍କୁ



ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆତ୍ମାର ଅଧକ୍ଷ ଅରୁଣ କୁମାର ପଣ୍ଡା, ସମାଜସେବୀ ଅମୂଲ୍ୟ କୁମାର ଦାଶ, କୋଦଳା ବୃନ୍ଦାବନ ପାଣ୍ଡୀ ମହିଳା କଲେଜରଅଧକ୍ଷା,ସରୋଜିନୀ ବ୍ରହ୍ମା,କୋଦଳାଲକ୍ଷ୍ମୀନାରାୟଣକଳେଜର ଅଧକ୍ଷ ଦାଣ୍ଡା ରାମ ବିଷୋୟୀ, ଏବିଓ ବିଜୟ କୁମାର ବେହେରା, ଯୋଗଦେଇ ମଞ୍ଚାସିନ ଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ରଥ ସାରଙ୍କ ଜୀବନ ଶୈଳୀ ବିଷୟ ରେ ଯାହା କହିଲେ ତାହା ଲେଖିଲେ ଗୋଟିଏ ପୁରାଣ ହୋଇ ଯିବ। ତେଣୁ ଏହିଭଳି ବ୍ୟକ୍ତି ବିଶେଷ ଙ୍କୁ ସମସ୍ତେ ଅତୀବ ପ୍ରଶଂସା କରି ସମ୍ବର୍ଦ୍ଧିତ କରିଥିଲେ।

# ଘରୁ ଲୁଟିନେଲେ ସୁନା, ରୁପା, ଅଳଙ୍କାର

ଆଠଗଡ,୧୨।୬(ଅକ୍ଷର ଓଡ଼ିଶା): ନରସିଂହପୁର ଥାନା ଅନ୍ତର୍ଗତ ନିଜିଗଡ ଗ୍ରାମରେ ବୁଧବାର ରାତିରେ ଡ୍ରାମା ଚାଲିଥିବା ସମୟରେ ଦୁର୍ବୃତ୍ତ ମାନେ ପ୍ରକାଶ କରଙ୍କ ଘରେ ପସି ଗଡ଼ରେଜରୁ ସୁନା ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ବୁଧବାର ରାତିରେ ଗାଁରେ ଡ୍ରାମା ଚାଲିଥିବା ସମୟରେ କେହି ଦୁର୍ବୃତ୍ତ ଘର ପଛ ପଟ କବାଟ ଖୋଲି ଘରେ ପସି ଗଡ଼ରେଜରୁ ସୁନା ଚେନ୍, ସୁନା କାନଫୁଲ ହଳେ, ସୁନା ମୁଦି ୩ଟା, ସୁନା ଲକେଟ ୨ ଟା, ଦୁଇ ହଳ ରୁପା ପାଉଁଚି, ରୁପା ଖଡୁ ୨ଟା ସହିତ ଅଳ୍ପ କିଛି ଟଙ୍କା, ଓ ଏଟିଏମ କାର୍ଡ, ପୋଷ୍ଟାଲ ଓ ବ୍ୟାଙ୍କ ଖାତା, ଏଲଆଇସି ଖାତା, ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି ହୋଇଥିବା ନେଇ ନରସିଂହପୁର



ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ନରସିଂହପୁର ଥାନା ଅଧିକାରୀ ତପନ କୁମାର ପତିଙ୍କ ସହିତ ପୋଲିସ କର୍ମଚାରୀ ଓ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଁଞ୍ଚିବା ସହ ଅଭିଯୋଗ ଆଧାରରେ ୧୩୭/୨୬ ରେ ଏକ ମାମଲା ରୁଜୁ କରି ଘଟଣା ର ତଦନ୍ତ ଆରମ୍ଭ କରିଛି।ନିଜିଗଡ଼ ଗ୍ରାମରେ ବିଶେଷ ଚୋରି ନଜିର ନଥିବା ବେଳେ ଡ୍ରାମା ଚାଲିଥିବାରୁ ଗ୍ରାମରେ ହଜାର ହଜାର ଲୋକଙ୍କ ଉପସ୍ଥିତି କିଭଳି ଚୋରି ହେଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

# ଭାଙ୍ଗିଲା ଡାଳ, ବର୍ତ୍ତିଗଲା ବଡ଼ ଦୁର୍ଘଟଣା

କେସିଙ୍ଗା ୧୨।୬ (ଅକ୍ଷର ଓଡିଶା): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ମୁଖ୍ୟ ରାସ୍ତା ଜାତୀୟ ରାଜପଥ ଏନ୍ଏଚ୍-୨୬ର ଆମ୍ବେଦକର ଛକ ନିକଟରେ ଥିବା ଏକ ବୃହତକାୟ ପିପଳ ବୃକ୍ଷର ବଡ଼ ଗଣ୍ଡି (ଡାଳ) ଗୁରୁବାର ପ୍ରଭାତ ପ୍ରାୟ ୩ଟା



ସମୟରେ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ଜଣାପଡ଼ିଛି। ଘଟଣା ସମୟରେ ରାସ୍ତାରେ ଲୋକଙ୍କ ଚଳାଚଳ କମ୍ ଥିବାରୁ କୌଣସି ଜୀବନହାନି କିମ୍ବା ଆହତ ଘଟିନଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ଗଛ ତଳେ ପ୍ରତିଦିନ ସକାଳ ସମୟରେ ଅନେକ ଛୋଟ ଦୋକାନୀ ବ୍ୟବସାୟ କରିବା ସହିତ ଯାତ୍ରୀ ଓ ସ୍ଥାନୀୟ ଲୋକମାନେ ଠିଆ ହୋଇ ରହୁଥାନ୍ତି। ଯଦି ଏହି ବିଶାଳ ଡାଳଟି ସକାଳର ବ୍ୟସ୍ତ ସମୟରେ ପଡ଼ିଥାନ୍ତା, ତେବେ ବଡ଼ ଧରଣର ଦୁର୍ଘଟଣା ଘଟି ଜୀବନହାନି ହେବାର ଆଶଙ୍କା ଥିଲା।

ଖବର ପାଇବା ପରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗି ପଡ଼ିଥିବା ଡାଳକୁ ହଟାଇ ରାସ୍ତାକୁ ସଫା କରିଥିଲେ। ଫଳରେ କିଛି ସମୟ ପାଇଁ ବାଧାପ୍ରାପ୍ତ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଘଟଣା ପରେ ସହରରେ ଥିବା ଅନ୍ୟ ପୁରୁଣା ଓ ବିପଦସଙ୍କୁଳ ବୃକ୍ଷଗୁଡ଼ିକର ସୁରକ୍ଷା ଯାଞ୍ଚ କରି ଆବଶ୍ୟକ ଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

# ଭଉଣୀ ଭିଣୋଇଙ୍କ ସହ ଆସାମ ଯାଇ ଯୁବକ ନିଖୋଜ

ନନ୍ଦପୁର ୧୧।୬ (ସମୀର )କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧିନ ସେମିଳିଗୁଡା ବ୍ଲକ ପରଜା ମୁଠାଇ ପଞ୍ଚାୟତ ଲେକିଡିଗୁଡ଼ା ଗ୍ରାମର ଯୁବକ ସମୀର ଭତ୍ରା (୨୨) ନିଜ



ଭଉଣୀ ଭିଣୋଇଙ୍କ ସହ ଆସାମ ଯାଇ ସେଠାରେ ଗତ ୭ ତାରିଖ ଠାରୁ ନିଖୋଜ ହୋଇ ଯାଇଛନ୍ତି। ଏନେଇ ଆସାମ ବଙ୍ଗାଇଗାମ ଥାନାରେ ଭିଣୋଇ ରାଜୀବ ରାୟ ଏତଲା ଦେଇଥିଲେ ମଧ୍ୟ ଏଯାବତ୍ ସମୀରଙ୍କ ସନ୍ଧାନ ମିଳୁନଥିବାରୁ ପରିବାର ଲୋକେ ନାନା ଆଶଙ୍କାରେ ରହିଛନ୍ତି। ଗୁରୁବାର ସମୀରଙ୍କ ପରିବାର ଲୋକେ ନନ୍ଦପୁର ଥାନାରେ ନିଖୋଜ ସମୀରର ସନ୍ଧାନ କରିବାରେ ସହାୟତା କରିବାକୁ ଅନୁରୋଧ କରିବାକୁ ଆସିଥିଲେ। କିନ୍ତୁ ପୋଲିସ ଘଟଣା ଆସାମରେ ହୋଇଥିବା ଓ ସେଠିକା ଥାନାରେ ମାମଲା ରୁଜୁ ହୋଇଥିବାରୁ ଆଉ ଏକ ନିଖୋଜ ମାମଲା ରୁଜୁ କରାଯିବ ନାହିଁ। ସେଠାରେ ରୁଜୁ ମାମଲାରେ ସାରା ଭାରତର ପୋଲିସ ସନ୍ଧାନ କରିବ ବୋଲି କହିଥିଲେ। ସମୀର ଙ୍କ ମା ଓ ବାପାଙ୍କ ସୂଚନା ମୁତାବକ ସମୀର ମାନସିକ ଅସୁସ୍ଥ। ତାଙ୍କ ଝିଅ ସଞ୍ଜିତା ଓ ଜ୍ୱାଇଁ ରାଜୀବ ଛୁଟିରେ ଘରକୁ ବୁଲି ଆସି ଫେରିବା ସମୟରେ ତାଙ୍କ ସାଥୀରେ ସମୀର ମେ ୧୫ ତାରିଖରେ ଆସାମ ଯାଇଥିଲେ। କିନ୍ତୁ ଗତ ୭ ତାରିଖରେ ସେଠାରୁ କୁଆଡେ ନିଖୋଜ ହୋଇ ଯାଇଛନ୍ତି। ପରିବାର ଲୋକେ ସମୀର କାଳେ ଓଡ଼ିଶା ଆସିବ ଭାବି ଭୁଲରେ ଅନ୍ୟ କୌଣସି ଟ୍ରେନ୍ ରେ ବସି ଅଜଣା ଜାଗାକୁ ଚାଲି ଯାଇଥାଇ ପାରନ୍ତି ବୋଲି ଆଶଙ୍କା କରିଛନ୍ତି।

# ଭତ୍ତା ଟଙ୍କା ୩ ମାସ ହେଲା ନ ମିଳିବାରୁ ବ୍ଲକ କାର୍ଯ୍ୟାଳୟ ଧାରଣା

ରାଇଘର ୧୨/୦୬ (ଭୁବନେଶ୍ୱର ସୁନାନୀ) ପେନସନ ବିଳମ୍ବିତ ହେବା କାରଣରୁ ବରିଷ୍ଠ ନାଗରିକ ଓ ଅନ୍ୟାନ୍ୟ ହିତାଧିକାରୀମାନେ ପ୍ରତିବାଦ କରିଛନ୍ତି। ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ବୃଦ୍ଧ-ବୃଦ୍ଧମାନେ ଟଙ୍କା ନ ପାଇବା ଯୋଗୁଁ ନିଜର ଦୈନନ୍ଦିନ ଚଳଣିରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଇଘର ସରପଞ୍ଚ ଲମ୍ବୋଦର ମାଝୀ ବୃଦ୍ଧ ବୃଦ୍ଧା ମାନଙ୍କ ସହ ଆସି ପ୍ରତିବାଦ କରିଥିଲେ। ଯାହାଫଳରେ ଆଜି ବ୍ଲକ ପ୍ରଶାସନ ପ୍ରତିଶୃତି ପରେ ଧାରଣା ରୁ ଓହରିଥିଲେ।

# ମା ପାଖକୁ ପୁଅ ଫେରିଲା, ପୋଲିସକୁ ପ୍ରଶଂସାରେ ପୋତିଲେ ପରିବାର

ରାଜନଗର, ୧୨ /୬(ଅକ୍ଷର ଓଡ଼ିଶା) ବହୁ ଚର୍ଚ୍ଚିତ ରାଜନଗର ବ୍ଲକ ଡେରା ପଞ୍ଚାୟତ ଗୋଖଣୀ ଗାଁର ଅସ୍ମିନ ପରିଡା ୬ ବର୍ଷ ତଳେ କୋଇଲିପୁର ପଞ୍ଚାୟତ ବିଲ କାଳୁପଡା ଗାଁର ଅଭିରାମ ପରିଡା ଙ୍କୁ ବିବାହ କରିଥିଲେ, ବିବାହ ପରେ ସ୍ୱାମୀ ଙ୍କ ସହିତ ଅସ୍ମିନ ପରିଡା ଙ୍କ ପାରିବାରିକ ଦ୍ୱନ୍ଦ ଲାଗି ରହିଥିଲ। ବାହାଘରର ଗୋଟିଏ ବର୍ଷ ପରେ ସ୍ୱାମୀ ଅଭିରାମ ପରିଡା ଅସ୍ମିନଙ୍କୁ ନେଇ ଦିଲ୍ଲୀକୁ ଚାଲିଯାଇଥିଲେ। ସେତେବେଳେ ଅସ୍ମିନ ୪ ମାସର ଗର୍ଭବତୀ ଥିଲେ। ହଟାତ ଦିନେ ଅସ୍ମିନ ଛାତ ଉପରେ ଅଳିଆ ସଫା କରୁଥିବା ସମୟରେ ତାଙ୍କ ପଛରୁ ସ୍ୱାମୀ ଅଭିରାମ ଧକ୍କା ମାରି ଛାତ ତଳକୁ ପକେଇ ଦେଇଥିଲେ। ଫଳରେ ଏହି ଘଟଣାରେ ଅସ୍ମିନଙ୍କୁ ପକ୍ଷାଘାତ ମାଡି ବସିଥିଲା। ସେ ଏହି ଘଟଣାକୁ ଦିଲ୍ଲୀ ନୋଏଡା ପୋଲିସ ଷ୍ଟେସନରେ ଅଭିଯୋଗ ଦେବା ପରେ ସ୍ୱାମୀ ଅଭିରାମ ପରିଡା ତାଙ୍କର ସମସ୍ତ ରକ୍ଷଣାବେକ୍ଷଣର ଦାୟିତ୍ୱ ନେବା ପାଇଁ ପୋଲିସ ଷ୍ଟେସନରେ ଲେଖି ଦେଇ ଆସିଥିଲେ। ଏହାପରେ ଅସ୍ମିନ ସେହି ପକ୍ଷାଘାତ ଅବସ୍ଥାରେ ଏକ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ଅସ୍ମିନ ଙ୍କୁ ଧରି ସ୍ୱାମୀ ଅଭିରାମ ଓଡ଼ିଶା ଚାଲି ଆସିଥିଲେ। କିନ୍ତୁ ଦୁଃଖର କଥା ଅସ୍ମିନଙ୍କ ଏପରି ଅବସ୍ଥାରେ ତାଙ୍କର କୌଣସି ଯତ୍ନ ନେଇନଥିଲେ ସ୍ୱାମୀ ଅଭିରାମ ପରିଡା। ଫଳରେ ଅସ୍ମିନ ଙ୍କ ପରିବାର ଲୋକେ ଅସ୍ମିନ ଓ



ତାଙ୍କ ପୁଅକୁ ବାପ ଘରେ ରଖି ଚିକିତ୍ସା କରିବାକୁ କହିଥିଲେ। ପରେ ଅଭିରାମ ପରିଡା ଏବଂ ତାଙ୍କ ବଡ଼ ଭାଉଜ ପୁଅକୁ ଦେବା ପାଇଁ ମନା କରିବାରୁ ରାଜନଗର ଥାନାରେ ଅସ୍ମିନ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରାଜନଗର ପୋଲିସ ଅଭିରାମ ଙ୍କୁ ଡାକି ପୁଅକୁ ମା ପାଖରେ ଛାଡିବାକୁ କହିଥିଲା। ପ୍ରତି ବଦଳରେ ଅଭିରାମ ପୁଅକୁ ମା ପାଖରେ ଛାଡିବାକୁ ପୋଲିସ କୁ କଥା ଦେଇ ଥାନାରୁ ଚାଲିଗଲା ପରେ ପୁଅକୁ ନେଇ କୁଆଡେ ଗାଏବ ହୋଇଗଲେ। ଫୋନ ମଧ୍ୟ ସୁଇଚ ଅଫ କରିଦେଲେ, ଏପଟେ ରୋଗଶଯ୍ୟା ରେ ପଡି ଛଟପଟ ହୋଇ ପୁଅକୁ ପାଖରେ ରଖିବା ପାଇଁ ଅସ୍ମିନ ରାଜନଗର ଥାନା ଅଧିକାରୀଙ୍କୁ ବ୍ୟାକୁଳ ହୋଇ କହିଥିଲେ, ଜଣେ ମାଆ ଏଭଳି ବ୍ୟାକୁଳ ପଣ ଦେଖି ରାଜନଗର ପୋଲିସ ଅସ୍ମିନଙ୍କ ପୁଅକୁ ଫେରାଇବା ପାଇଁ ଆପ୍ରାଣେ ଚେଷ୍ଟା କରିଥିଲା। ଶେଷରେ ଏହି ଘଟଣାରେ ପୁଅକୁ ଭଗେଇ ଥିବା ମୁଖ୍ୟ ଖଳନାୟକ ଅସ୍ମିନଙ୍କ ପୁତୁରା ତଥା ତାଙ୍କ ବଡ଼ ଯାର ପୁଅ ରିତୁ ମୋହନ ପରିଡାଙ୍କ ମୋବାଇଲ ଫୋନକୁ ପୋଲିସ ଟ୍ରାକ୍ କରି କଟକର ଏକ ହଷ୍ଟେଲ ତାଙ୍କୁ କାବୁ କରି ଥାନାକୁ ଆଣି ଅଧିକ ପଚରା ଉଚରା କରିବା ପରେ ଅସ୍ମିନ ଙ୍କ ପୁଅର ପତ୍ତା ମିଳିଥିଲା ଶେଷରେ ପୁଅକୁ ରାଜନଗର ଥାନାରେ ଅଭିରାମ ପରିଡା ପରିବାର ଲୋକେ ଜିମା ଦେଇଥିଲେ। ପରେ ରାଜନଗର ଥାନା ଉପଜିଲ୍ଲାପାଳ ଙ୍କୁ ଅସ୍ମିନ ପରିଡା ଙ୍କ କୁନି ପୁଅକୁ ଜିମା ଦେବା ପରେ ଉପଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅସ୍ମିନ ଙ୍କ ପାଖରେ ତାଙ୍କ ପୁଅକୁ ଛାଡି ଦିଆଯାଇଥିଲା।

# ପିକନିକ୍ ସ୍ପଟ୍‌ରେ ସୁରକ୍ଷା ବ୍ୟବସ୍ଥା ଦାବି



ସମ୍ବଲପୁର ୧୨।୬ (ଅକ୍ଷର ଓଡ଼ିଶା): ବୁର୍ଲା ଅଠର ହଜାର ପିକନିକ୍ ସ୍ପଟ୍ ଠାରେ ପ୍ରାଣ ହରାଇଥିବା ସ୍ୱସ୍ତିକ ପାଢ଼ୀ(୧୬ ବର୍ଷ)ରଜନ୍ମଦିନ ଅବସରରେ ବୁଧବାର ସହଯୋଗ ନଗର ପଡା ବାସୀ ସମ୍ବଲପୁର ପ୍ରଶାସନକୁ ଭେଟି ପିକନିକ୍ ସ୍ପଟ୍‌ରେ ସୁରକ୍ଷା ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ୦୭ ତାରିଖ ରେ ସ୍ୱସ୍ତିକ ଟିଉସନର ସହପାଠୀଙ୍କ ସହ ଭୋଜି କରିବାକୁ ଯାଇ ଅଠର ହଜାର ଠାରେ ପାଣିରେ ବୁଡ଼ି ଆକସ୍ମିକ ମୃତ୍ୟୁ ହୋଇଯାଇଥିଲା। ସେଠାରେ କୈଣସି ସୁରକ୍ଷା ବ୍ୟବସ୍ଥା କମ୍ବା ପାଣିର ଗଭୀରତା ବିଷୟରେ ସୂଚନା ନଥିବା ଯୋଗୁଁ ଗାଧୋଇବା ପାଇଁ ଓହ୍ଲାଉଥିବା ବ୍ୟକ୍ତି ଏପରି ଅଘଟଣର ଶିକାର ହେଉଛନ୍ତି। ତେଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା କରିବା ନଚେତ୍ ଅଠର ହଜାର ଠାରେ ବଣଭୋଜି ସମ୍ପୂର୍ଣ୍ଣ ନିଷେଧ କରିବାକୁ ସହଯୋଗ ନଗର ବାସିନ୍ଦା ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସେଠାରେ ପ୍ରତିବର୍ଷ ଅଘଟଣ ଘଟି ଜୀବନ ଯାଉଥିବା ବେଳେ ସ୍ୱସ୍ତିକ ର ମୃତ୍ୟୁ ଶେଷ ଘଟଣା ହେଉ ବୋଲି ପ୍ରଶାସନ କୁ ଆଗ୍ରହ ପ୍ରକାଶ କରିଥିଲେ। ସହଯୋଗ ନଗର ରାଧାକୃଷ୍ଣ ମନ୍ଦିର ଠାରେ ପଡ଼ା ବାସିନ୍ଦା ଏକଜୁଟ ହେବା ପରେ ସେଠାରେ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏହାପରେ ସମସ୍ତେ ଜିଲାପାଳ କାର୍ଯ୍ୟାଳୟ ଯାଇ ଦାବିପତ୍ର ପ୍ରଦାନ କରି ସ୍ୱସ୍ତିକ ର ଜନ୍ମ ଦିନ ରେ ତାକୁ ଶ୍ରଦ୍ଧାଞ୍ଜଳି ଦେବା ସହ ତା'ର ପରିବାର ପ୍ରତି ନିଜ ସମ୍ବେଦନା ବ୍ୟକ୍ତ କରିଥିଲେ। ଏହାସହ ସମସ୍ତ ପିକନିକ୍ ସ୍ପଟ୍‌ରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମ୍ବଲପୁର ଏସପିଙ୍କୁ ମଧ୍ୟ ଭେଟି ଦାବି କରିଥିଲେ।

## ପୋଲିସ ନିର୍ଯ୍ୟାତନା ଅଭିଯୋଗ

# ଏସ୍‌ପି ଅଫିସରେ ଆଇନ ଛାତ୍ରଙ୍କ ଆତ୍ମହୁତି ଉଦ୍ୟମ, ଅଳ୍ପକେ ବର୍ତ୍ତିଲେ ବାପା-ପୁଅ

ଢେଙ୍କାନାଳ, ୧୨/୬: (ବିଜ୍ଞାନ ମହାନ୍ତି )ପୋଲିସ ନିର୍ଯ୍ୟାତନା ଓ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଅଭିଯୋଗ କରି ଜିଲ୍ଲା ପୋଲିସ ମୁଖ୍ୟାଳୟ ପରିସରରେ ଜଣେ ଆଇନ ଛାତ୍ର ଓ ତାଙ୍କ ବାପା ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହୁତି ପାଇଁ ଉଦ୍ୟମ କରିଛନ୍ତି। ଉପସ୍ଥିତ ପୋଲିସ କର୍ମଚାରୀଙ୍କ ତତ୍ପରତା ଯୋଗୁଁ ଏକ ବଡ ଅଘଟଣ ଟଳିଯାଇଛି। ଉଭୟଙ୍କୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭାପୁର ଫାଣ୍ଡି ଅନ୍ତର୍ଗତ ରାଣିପାଳ ଗ୍ରାମର ଆଇନ ଛାତ୍ର ସରୋଜ ରାଉତ ଓ ତାଙ୍କ ବାପା ପଦ୍ମନାଭ ରାଉତ ଆଜି ଢେଙ୍କାନାଳ ଏସ୍‌ପି କାର୍ଯ୍ୟାଳୟକୁ ଆସିଥିଲେ। ଅଭିଯୋଗ ଅନୁସାରେ, ସେମାନଙ୍କ ପୈତୃକ ସମ୍ପତ୍ତିକୁ ନେଇ ଦୀର୍ଘଦିନ ଧରି ପାରିବାରିକ ଜମିଜମା ବିବାଦ ଲାଗି ରହିଛି। ଏ ସମ୍ପର୍କରେ ଉଭୟ ପକ୍ଷ ଭାପୁର ଫାଣ୍ଡି ପୋଲିସକୁ ଲିଖିତ ଅବଗତ କରାଇଥିଲେ। ଆଇନ ଛାତ୍ର ସରୋଜ ରାଉତଙ୍କ ଅଭିଯୋଗ, "ଭାପୁର ଫାଣ୍ଡି ପୋଲିସ ଘଟଣାର ସଠିକ୍ ତଦନ୍ତ ନ କରି ସମ୍ପୂର୍ଣ୍ଣ ଏକପାଖିଆ ଭାବେ ବିଚାର କରିଛନ୍ତି ଓ ମୋ କ୍ୟାରିୟର ଖରାପ କରିବା ପାଇଁ ଲାଗି ପଡିଛନ୍ତି ବୋଲି କହିଥିଲେ । ମୋ ନାଁରେ ଓ ମୋ ପରିବାର ନାଁରେ ମିଥ୍ୟା ମାମଲା ରୁଜୁ କରିଛନ୍ତି । ମୁଁ ଜଣେ ଆଇନ ଛାତ୍ର। ଏହି ମିଥ୍ୟା ମାମଲା ଯୋଗୁଁ ମୋର ଶିକ୍ଷାଗତ କ୍ୟାରିୟର ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାକୁ ବସିଛି। ସେ ଆହୁରି କହିଛନ୍ତି, "ଆମେ ବାରମ୍ବାର ଥାନାକୁ ଯାଇ ନ୍ୟାୟ ଭିକ୍ଷା କରିଛୁ। ହେଲେ ପୋଲିସ ଆମ କଥା ଶୁଣିବା ପରିବର୍ତ୍ତେ ଓଲଟା ଆମକୁ ଧମକ ଦେଲା, ନିର୍ଯ୍ୟାତନା ଦେଲା। ପୋଲିସର ଏହି ଅତ୍ୟଧିକ ନିର୍ଯ୍ୟାତନା ଓ ଅନ୍ୟାୟ ସହି ନ ପାରି ଆଜି ମାନସିକ ଯନ୍ତ୍ରଣା ଅସହ୍ୟ ହେବାରୁ ଆମେ ଏପରି ଚରମ ପଦକ୍ଷେପ ନେବାକୁ ବାଧ ହେଲୁ ବୋଲି କହିଛନ୍ତି ଆଇନ ଛାତ୍ର ସରୋଜ। ପୂର୍ବାହ୍ନ ସମୟରେ ବାପା-ପୁଅ ହଠାତ୍ ନିଜ ବ୍ୟାଗରୁ ପେଟ୍ରୋଲ ବୋତଲ କାଢି ଦେହରେ ଢାଳି ହୋଇପଡିଥିଲେ। ଏସ୍‌ପି ଅଫିସ ପରିସରରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ଓ ହୋମଗାର୍ଡମାନେ ତୁରନ୍ତ ଦୌଡି ଯାଇ ସେମାନଙ୍କୁ କାବୁ କରିଥିଲେ ଏବଂ ନିଆଁ ଲଗାଇବା ପୂର୍ବରୁ ଉଦ୍ଧାର କରିଥିଲେ। ଏହା ପରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଡାକ୍ତରଙ୍କ ଅନୁଯାୟୀ, ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଅଛି।

**ଏସ୍‌ପିଙ୍କ ପ୍ରତିକ୍ରିୟ**
ଏ ସମ୍ପର୍କରେ ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଗଣମାଧ୍ୟମକୁ କହିଛନ୍ତି, "ଘଟଣା ଅତ୍ୟନ୍ତ ଦୁଃଖଦାୟକ। ପୁରା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ପାରିବାରିକ ଜମିବାଡ଼ି ଭାଗବଣ୍ଟାକୁ ନେଇ ଉଭୟ ପକ୍ଷଙ୍କ ନାମରେ ଭାପୁର ଫାଣ୍ଡିରେ ୪୪୬/୨୦୨୬ ରେ ଏକ ଏଫ. ଆଇ. ଆର ହୋଇଛି। ଏହାର ତଦନ୍ତ କରାଯିବା ସହିତ ଯାହା ସତ ତାହା ସାମ୍ନାକୁ ଆସିବ।

ଅଭିନ୍ବ ସୋନକର
ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଢେଙ୍କାନାଳ

**ଉକ୍ତ ଯୁବକ ସରୋଜଙ୍କ ପତିକ୍ରିୟା**
ମୁଁ ଜଣେ ଆଇନ ଛାତ୍ର, ମୋ ପୈତୃକ ଜମିରେ ମୋର ବଡବାପା ଜୋର ଜବରଦସ୍ତ ଘର ନିର୍ମାଣ କରୁଥିବାର ଆମେ ଜାଣିବା ପରେ ଭାପୁର ଫାଣ୍ଡିରେ ଅଭଯୋଗ କରିଥିଲି ଏବଂ ଏହାକୁ କିଛି ଦିନ ପାଇଁ ସ୍ଥଗିତ ରଖିବା ପାଇଁ ନିବେଦନ କରିଥିଲି। ମୁଁ ସିଭିଲ କୋର୍ଟରେ ସ୍ଥଗିତ ପାଇଁ ଆବେଦନ କରିବା କଥା ମଧ୍ୟ ଜଣେଇଥିଲି। ପରନ୍ତୁ ଫାଣ୍ଡିରେ ଥିବା ଜଣେ ଏ. ଏସ. ଆଇ ମତେ ଗାଳି ଗୁଲଜ କରିବା ସହିତ ସହଯୋଗ ପାଇଁ ମନା କରିଥିଲେ। ପରେ ଜାଣିବାକୁ ପାଇଥିଲି ଯେଉଁ ସମୟରେ ମୁଁ ପରୀକ୍ଷା ଦେଉଥିଲି ସେହି ସମୟରେ ମୁଁ ମାଡ଼ ମାରିବା ଭଳି ସଙ୍ଗିନୀ କଥା ଲେଖି ଉକ୍ତ ଏ. ଏସ. ଆଇଙ୍କ ପାଖରେ ମୋ ଅପର ପକ୍ଷ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ମୋ ନାମରେ ମିଛ କେସ କରି ମୋର କ୍ୟାରିଆରକୁ ନଷ୍ଟ କରିବା ପାଇଁ ସହଯୋଗ କରୁଛନ୍ତି ଉକ୍ତ ଏ. ଏସ. ଆଇ ବୋଲି କହିଛନ୍ତି ଆଇନ ଛାତ୍ର ସରୋଜ ରାଉତ।

ସରୋଜ ରାଉତ
ଆଇନ ଛାତ୍ର, ରାଣିପାଳ, ଢେଙ୍କାନାଳ



## ତାଣ୍ଡବ ରଚିଲା କାଳବୈଶାଖୀ, ଭାଙ୍ଗିଲା ଘର



ପରଜଙ୍ଗ,୧୨/୦୬(ଅକ୍ଷର ଓଡ଼ିଶା): ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ରେ ଭାଙ୍ଗିଲା ଘର ଧନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପରଜଙ୍ଗ ପଞ୍ଚାୟତ ବୃନ୍ଦାବନପୁର ସାହିରେ କାଳବୈଶାଖୀ ବର୍ଷା ଯୋଗୁଁ ବିରାଟକାୟ ବୃକ୍ଷ ଭାଙ୍ଗି ଯାଇଥିଲା। ଫଳରେ ଉକ୍ତ ସାହିର କୈଳାସ ସାହୁଙ୍କ ଘର ଉପରେ ପଡି ଆଂଶିକ କ୍ଷୟକ୍ଷତି ହେବା ସହ ପ୍ରଫୁଲ୍ଲ ସାହୁଙ୍କ ମୋଟରସାଇକେଲ ଭାଙ୍ଗି ଯାଇଥିଲା। ସାହି ରାସ୍ତାରେ ଯାତାୟାତ ଠପ୍ ହୋଇପଡିଥିଲା। ପରଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଭାଙ୍ଗି ଥିବା ଗଛକୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଥିଲେ।

## ପୂର୍ତ୍ତ ରାସ୍ତା କଡ଼ରେ ଶୁଖିଲା ଗଛ, ବିପଦରେ ପଥଚାରୀ



ପରଜଙ୍ଗ,୧୨/୦୬(ଅକ୍ଷର ଓଡ଼ିଶା): ପରଜଙ୍ଗ ବ୍ଲକ ଦେଇ ଯାଇଥିବା ବାରିହାପୁର-ପରଜଙ୍ଗ ବାଇପାସ୍ ପୂର୍ତ୍ତ ବିଭାଗ ରାସ୍ତା ଅନ୍ତର୍ଗତ ଡିହୋଡଳ ଛକ ନିକଟରେ ବିଶାଳ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତା ଦେଇ ବ୍ଲକ, ଥାନା, ତହସିଲ, ଅଦାଲତ, ମହାବିଦ୍ୟାଳୟ କୁ ସଂଯୋଗ ହୋଇଥିବାରୁ ଦୈନିକ ହଜାର ହଜାର ଲୋକ ଯାତାୟତ କରୁଥିବା ବେଳେ ଡିହୋଡଳ ନିକଟରେ ବିଶାଳ ଶୁଖିଲା ଗଛଟି ଦଣ୍ଡାୟମାନ ରହିଛି। ଗଛଟି ସମ୍ପୂର୍ଣ୍ଣ ରାସ୍ତା କଡ଼ରେ ଥିବାରୁ ତାହାର ଶାଖା ପ୍ରଶାଖା ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଯେକୌଣସି ସମୟରେ ଗଛଟି ଭାଙ୍ଗିପଡିଲେ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଗଛଟି ଭାଙ୍ଗିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋକଙ୍କ ଧନ ଜୀବନ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବିପଦପୂର୍ଣ୍ଣ ବିଶାଳ ଶୁଖିଲା ଗଛଟିକୁ ବନ ବିଭାଗ ପକ୍ଷରୁ କାଟିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଯାତ୍ରୀବାହି ବସ-କାର ମୁହାଁ ମୁହିଁ ଧକ୍କା, ୨ ଜଣ ଗୁରୁତର



କାମାକ୍ଷାନଗର:୧୨/୬(ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲା ମହାବିରୋଡ଼ ଥାନା କଙ୍କଡ଼ାହାଡ଼-ଗଡ଼ପଳାଶୁଣି ପୂର୍ତ୍ତ ବିଭାଗ ରାସ୍ତାର ଡୋଲିଆ କୌଶଲ୍ୟାପାଳ ଗାଁ ନିକଟରେ ଯାତ୍ରୀବାହୀ ବସ ଓ କାର ମୁହାଁ ମୁହିଁ ଧକ୍କା ହୋଇଛନ୍ତି, ଦୁର୍ଘଟଣାରେ ୨ ଜଣ କାର ଚାଳକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କଣ୍ଟାପାଳ ୪ ନଂ କଲୋନୀ ମେଡିକାଲରେ ଭର୍ତ୍ତି କରାଯାଇଛି।ତେବେ ଖୁସି ନାମକ ଏକ ଯାତ୍ରୀବାହୀ ବସ କାମାକ୍ଷାନଗରରୁ କେନ୍ଦୁଝର ଜଗମୋହନପୁରକୁ ଯାଉଥିବା ବେଳେ ଘଟିଛି ଦୁର୍ଘଟଣା। ବସରେ ଥିବା ପ୍ରାୟ ୨୫ ଜଣ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଘଟଣା ସ୍ଥଳରେ ମହାବିରୋଡ଼ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ବାରହା ଆକ୍ରମଣରେ ଯୁବକ ଗୁରୁତର

ପର୍ଜଙ୍ଗ ୧୨/୦୬(ଅକ୍ଷର ଓଡ଼ିଶା): ପର୍ଜଙ୍ଗ ଥାନା ଲୋଧଣୀ ଗ୍ରାମର ସୁରେଶ ରାଉତଙ୍କ ପୁଅ ସୁଦର୍ଶନ ରାଉତ (୪୮) ଗୁରୁବାର ଦିନ ରାତି ପ୍ରାୟ ୯ଟା ବେଳେ ସାଙ୍ଗ ରମେଶ ସାହୁଙ୍କ ସହ ପାଳସାହି ଗାଁକୁ ନାଚ ଦେଖିବାକୁ ଯାଉଥିବା ବେଳେ, ତାଙ୍କ ମୋଟର ସାଇକେଲ ଆଗକୁ ହଠାତ ବାରହା ଆସି ଯିବାରୁ ରାସ୍ତାରେ ପଡିଗଲେ କ୍ଷ ରମେଶ ସାହୁ ଆହତ ହୋଇଥିବା ବେଳେ, ସୁଦର୍ଶନଙ୍କ କାନ୍ଧ ହାଡ଼ ଭାଙ୍ଗି ଯାଇଛି । ଡାକ୍ତରଖାନାରେ ଭର୍ତି କରାଯାଇଥିଲା ଉଭୟଙ୍କୁ ପ୍ରଥମେ ପର୍ଜଙ୍ଗ ଡାକ୍ତରଖାନାରେ ଭର୍ତି କରାଯାଇଥିଲା କ୍ଷ ସୁଦର୍ଶନଙ୍କୁ ବଅଁରପାଳର ଏକ ଘରୋଇ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ଭର୍ତି କରାଯାଇଛି ।

## କାଳବୈଶାଖୀର ତାଣ୍ଡବ
# ଢେଙ୍କାନାଳ-ଭୁବନ ମୁଖ୍ୟ ରାସ୍ତା ଅବରୋଧ

ଗଁଦିଆ, ୧୨।୦୬ (ବେତୁଜୀ ପ୍ରସାଦ):ଆକାଶରେ ହଠାତ୍ ମାଡ଼ିଆସିଲା କଳାହାଣ୍ଡିଆ ମେଘ ଏବଂ ଏହା ସହିତ ଆରମ୍ଭ ହୋଇଗଲା ପ୍ରଳୟଙ୍କରୀ ରୂପ। ଗତକାଲି ଅଞ୍ଚଳରେ ପ୍ରଭାବିତ ହୋଇଥିବା ଏହି ଶକ୍ତିଶାଳୀ କାଳବୈଶାଖୀ ଯୋଗୁଁ ସମଗ୍ର ଗଁଦିଆ ବ୍ଲକ ସମେତ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ଢେଙ୍କାନାଳ-ଭୁବନ ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। କାଳବୈଶାଖୀର ପ୍ରଖର ବେଗ ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରାୟ ୧୦ରୁ ୧୫ଟି ବଡ଼ ବଡ଼ ଗଛ ମୂଳରୁ ଉପୁଡ଼ି ପଡ଼ିଛି, ଯାହାଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି।ଏହି ସବୁ ପ୍ରମୁଖ ଯେମିତି କି ବରପଦା,ଇଲେଇଜଙ୍ଗ, କୁସିଦା ଛକ, ଷଡ଼ଙ୍ଗୀ ଛକ ଆଦି ସ୍ଥାନରେ ପଡିଛି ଗଛ। ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହିଥିବା ବେଳେ ଯାତ୍ରୀମାନେ ଚରମ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏକ ଅଭାବନୀୟ ଦୁର୍ଘଟଣା ଦେଖିବାକୁ ମିଳିଥିଲା। ଆଙ୍କୁର୍ଦା ଗ୍ରାମର ପାଣ୍ଡବ ଦେହୁରୀ ନାମକ ଜଣେ ବ୍ୟକ୍ତି ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ହଠାତ୍ ଏକ ବିରାଟ ଗଛ ତାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ସେ ଗଛ ତଳେ ଚାପି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇବା ମାତ୍ରେ ଗଁଦିଆ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ପାଣ୍ଡବ ଦେହୁରୀଙ୍କୁ ଗଛ ତଳୁ ଅତି ସନ୍ତର୍ପଣରେ ଉଦ୍ଧାର କରାଯାଇ ତୁରନ୍ତ ଶ୍ରୀରାମଚନ୍ଦ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତରୀ ସୂତ୍ରରୁ ପ୍ରକାଶ କରିଥିବା ବେଳେ ଅନ୍ୟପଟେ ସମ୍ପ୍ରତି ଗଁଦିଆ ଅଗ୍ନିଶମ ବାହିନୀର କଟର ମେସିନ ସାହାଯ୍ୟରେ ମୁଖ୍ୟ ରାସ୍ତାରୁ ଗଛଗୁଡ଼ିକୁ କାଟି ହଟାଇବା କାମ ଜୋରସୋରରେ ଚାଲିଥିଲା। ଯଥାଶୀଘ୍ର ରାସ୍ତା ସଫା କରି ଯାନବାହନ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା କରାଯାଇଥିଲା।



# ସପ୍ତଶଯ୍ୟା ସମ୍ମାନ ୨୦୨୬ ରେ ସମ୍ମାନିତ ହେଲେ ମଣିପୁରୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଦର୍ଶନା ଜାଭେରୀ

ଢେଙ୍କାନାଳ : ୧୨/୬ ( ବିଜ୍ଞାନ ମହାନ୍ତି )ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଦେବାଂଶୀ ଡାନ୍ସ ଏକାଡେମି ଦ୍ୱାରା ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ସପ୍ତଶଯ୍ୟା ମହୋତ୍ସବ ଗତକାଲି ଉଦଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ମହୋତ୍ସବକୁ ଢେଙ୍କାନାଳ ରାଜା ବ୍ରିଗେଡ଼ିଅର ଶ୍ରୀ କାମାକ୍ଷା ପ୍ରସାଦ ସିଂ ଦେଓ ଏବଂ ରାଣୀ ସାବିତ୍ରୀ ଦେବୀ ଉଦଘାଟନ କରିଥିଲେ ସମ୍ମାନିତ ଅତିଥି ଭାବରେ ବିଧାୟକ ବାବୁସିଂ, ଓ ଆର ସି ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ, ହାଇଟେକ୍ ଗ୍ରୁପ୍ ଚେୟାରମ୍ୟାନ ଡ଼କ୍ଟର ତିରୁପତି ପାଣିଗ୍ରାହୀ, ଏମ୍ପାରସ୍ ହୋଟେଲ ଉପସଭାପତି ସଞ୍ଜୟ ମିଶ୍ର, ଦୃଷ୍ଟି ଟିଭି ର ଏମ. ଡି ବିନି ସାମଲ,ରଘୁପତି ହାଉସ ଓ ଇକୋ ଗାଡେନର ସି.ଇ.ଓ ତପନ କୁମାର ପ୍ରଧାନ,ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଆଡ଼ଭାଇଜର ତନ୍ମୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସପ୍ତଶଯ୍ୟା ମହୋତ୍ସବ ତଥା ଦେବାଂଶୀ ଡାନ୍ସ ଏକାଡେମୀର ନିର୍ଦ୍ଦେଶକ ଗୁରୁ ଶ୍ରୀ ଗୌରୀ ଶଙ୍କର ଦାଶ ଦୀର୍ଘ ବର୍ଷ ଧରି ଅନୁଷ୍ଠାନ ଚଳାଇ ରଖିବା ସହ ଏଭଳି ଏକ ଉତ୍ସବ ଆୟୋଜନ କରି ପ୍ରତିଷ୍ଠିତ ନୃତ୍ୟ ସଂଗୀତ ଗୁରୁ ତଥା ଯୁବ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ନିଜେ ଓଡିଶୀ ନୃତ୍ୟର ଦେଶ ବିଦେଶରେ ପ୍ରଚାର ପ୍ରସାର ଲାଗି ପ୍ରୟାଶ ରହିବାର ଭୁୟଶୀ ପ୍ରଶଂସା କରିଥିଲେ। ଏହି ମହୋତ୍ସବରେ ନୃତ୍ୟ କ୍ଷେତ୍ରରେ ଜୀବନ ବ୍ୟାପି ସାଧନା ପାଇଁ ମଣିପୁରୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଦର୍ଶନା ଜାଭେରୀଙ୍କୁ ସପ୍ତଶଯ୍ୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହାଛଡା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୁବ ପ୍ରତିଭା, ସବ୍ୟସାଚୀ ଶତପଥି,ଜୟା ବିଶ୍ୱାସ,ସଂଗ୍ରାମ ସମ୍ପର୍କ, ଡ଼.ନାଜିଆ ଆଲମ,ରାହୁଲ ଆଚାର୍ଯ୍ୟ,ରାମଚନ୍ଦ୍ର ବେହେରାଙ୍କୁ ସପ୍ତଶଯ୍ୟା ଯୁବପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଦେବାଂଶୀ ଡାନ୍ସ ଏକାଡେମୀ ଦ୍ୱାରା ପରିବେଷିତ ଗୁରୁ ଗୌରୀ ଶଙ୍କରଙ୍କ ଦ୍ୱାରା ନିର୍ଦ୍ଦେଶିତ ନୃତ୍ୟ ନାଟିକା ବାରମାସୀ ନୃତ୍ୟ ତଥା ପଦ୍ମଶ୍ରୀ ଜାଭେରୀଙ୍କ ମଣିପୁରୀ ନୃତ୍ୟ ବେଶ ଚିତାକର୍ଷକ ହୋଇଥିଲା। ସେଇଭଳି ଦ୍ୱିତୀୟ ସଂଧ୍ୟାରେ ଅତିଥି ଭାବରେ ଓଡିଶା ସାମାଜିକ କର୍ମୀ ତଥା ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଯୁଗଳ କୁମାର ମଲ୍ଲିକ ଅତିରିକ୍ତ ଡି.ଜି.ପି ,ସାମାଜିକ କର୍ମୀ ଅବିନାଶ ସାମଲ,ପୂର୍ବତନ ଆଇ ସି.ସି.ଆର ର ନିର୍ଦ୍ଦେଶକ ମିନାକ୍ଷୀ ମିଶ୍ର,ନାଟ୍ୟ ଗୁରୁ ପ୍ରଦୀପ ମିଶ୍ର,ଭୁବନେଶ୍ୱର ମାରୱାଡି ମହିଳା ସମିତିର ସଭାପତି ମଞ୍ଜୁ ଅଗ୍ରୱାଲ, ସାମାଜିକ କର୍ମୀ ଦେବବ୍ରତ ନାୟକ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ସ୍ୱାସ୍ଥ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ଡ଼.ଅଶୋକ ମହାପାତ୍ର, ଅଭିନେତ୍ରୀ ପ୍ରିୟଙ୍କା ମହାପାତ୍ର ,ସ୍ୱୀକୃତି ପଟ୍ଟନାୟକ, ଓଡିଶୀ ନୃତ୍ୟ ଗୁରୁ ସୁଶ୍ରୀ ଅନିତା ସିଂଦେଓ,ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଯାତ୍ରା ଅଭିନେତ୍ରୀ ଡଲି ଭୂୟାଁଙ୍କୁ ଜୀବନ ବ୍ୟାପି ସାଧନା ପାଇଁ ସମ୍ମାନିତ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ଦେବାଂଶୀ ଡାନ୍ସ ଏକାଡେମୀର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ,ମାହାରୀ ନୃତ୍ୟ ଜାଗୃତି ଅନୁଷ୍ଠାନ ଦ୍ୱାରା ଦଳଗତ 'ଆହେ ନୀଳ ଶଇଳ ' ଦ ବ୍ଲୁସ୍ ଦ୍ୱାରା ରାମ୍ପ ଶୋ,ପ୍ରଦର୍ଶିତ ହେବା ସହ ପ୍ରତିଷ୍ଠିତ କଣ୍ଠ ଶିଳ୍ପୀ ଅନସୂୟା ନାଥ, ପମି ମିଶ୍ର,ଆଦ୍ୟାଶା ଦାସ୍, ଛନ୍ଦା ମିଶ୍ର, ନାଜିଆ ଆଲମ, ଶୈଳଭାମା ମହାପାତ୍ର,ସୁସ୍ମିତା ଦାସ୍ ଦ୍ୱାରା ସୁମଧୁର ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶ୍ରୀ ସୌମ୍ୟା ମହାପାତ୍ର ସଂଯୋଜନା କରିଥିଲେ।



# OPTCL କର୍ମଚାରୀ ଙ୍କୁ ଆକ୍ରମଣ ଘଟଣା
## ପୂର୍ବଶତ୍ରୁତାକୁ ନେଇ ଯୋଜନାବଦ୍ଧ ଭାବେ ହତ୍ୟା କରିବା ନେଇ ସୁପାରୀକିଲରଙ୍କୁ ଦିଆଯାଇଥିଲା ଟଙ୍କା

କାମାକ୍ଷାନଗର:୧୨/୬(ସୁମନ୍ତ ଜେନା)ଗତ ୯ ତାରିଖ ଦିନ ଦ୍ୱିପ୍ରହର ସମୟରେ କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥ ର ଚୁଳିଆ ନିକଟରେ ଭୁବନ ଅଞ୍ଚଳ ର ରାକେଶ କୁମାର ଦାସ ନାମକ ଜଣେ ଓପିଟିସିଏଲ କର୍ମଚାରୀ ଙ୍କୁ ଚାରି, ପାଞ୍ଚ ଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଘଟଣା । ପୂର୍ବଶତ୍ରୁତା କୁ ନେଇ ରାକେଶ ଙ୍କୁ ହତ୍ୟା କରିବା ପାଇଁ ସୁପାରୀକିଲର ଙ୍କୁ ଦିଆଯାଇଥିଲା ଟଙ୍କା । ମୁଖ୍ୟ ଅଭିଯୁକ୍ତ ସମେତ ଚାରି ସୁପାରୀକିଲର ଙ୍କୁ ଗିରଫ କରିବା ପରେ ଏ ସମ୍ପର୍କ ରେ ପ୍ରେସମିଟ ରେ ସୂଚନା ଦେଇଛନ୍ତି ଢେଙ୍କାନାଳ ଏସପି ଅଭିନ୍ବ ସୋନକାର । ସୂଚନା ଅନୁସାରେ ଭୁବନ ଅଞ୍ଚଳର ରାକେଶ କୁମାର ଦାସ ଗତ ୯ ତାରିଖ ଦିନ ଭୁବନ ରୁ ବାହାରି ମେରାମଣ୍ଡଳୀ ଯାଉଥିବା ସମୟରେ କାମାକ୍ଷାନଗର ଥାନା ଚୁଳିଆ ନିକଟରେ ଦୁଇଟି ମୋଟରସାଇକେଲ ରେ ଚାରି, ପାଞ୍ଚ ଜଣ ଦୁର୍ବୃତ୍ତ ତାଙ୍କୁ ଧାରୁଆଅସ୍ତ୍ର ରେ ଆକ୍ରମଣ କରିଥିଲେ । ରାକେଶ ଗୁରୁତର ଅବସ୍ଥା ରେ କାମାକ୍ଷାନଗର ମେଡିକାଲ ରେ ଭର୍ତ୍ତି ହୋଇଥିବା ବେଳେ ପରେ କଟକ ସ୍ଥାନାନ୍ତର ହୋଇଥିଲେ କ୍ଷ ଘଟଣା କୁ ନେଇ ରାକେଶ ଙ୍କ ପରିବାର ତରଫରୁ କାମାକ୍ଷାନଗର ଥାନାରେ ଏକ ଅଭିଯୋଗ ହୋଇଥିଲା । ଅଭିଯୋଗ କୁ ଆଧାର କରି କାମାକ୍ଷାନଗର ପୋଲିସ ଘଟଣା ର ତଦନ୍ତ କରି ପର୍ଦ୍ଦାଫାସ କରିଛି କ୍ଷ ପୂର୍ବ ଶତ୍ରୁତା କୁ ନେଇ ରାକେଶ କୁ ଭୁବନ ସହର ସ୍ଥିତ ଅରାସାହି ର ଅରୁଣ କୁମାର ନାୟକ ହତ୍ୟା କରିବାକୁ ଯୋଜନା କରିଥିଲା କ୍ଷ ଏଥିପାଇଁ ଅରୁଣ ଚାରିଜଣ ସୁପାରୀକିଲର ଙ୍କୁ ମଧ୍ୟ ଟଙ୍କା ଦେଇଥିଲା । ତେବେ ପୋଲିସ ଆଜି ମୁଖ୍ୟ ଅଭିଯୁକ୍ତ ଅରୁଣ କୁମାର ନାୟକ ସମେତ ଚାରି ସୁପାରୀକିଲର ଙ୍କୁ ଗିରଫ କରିଛି । ଚାରି ସୁପାରୀକିଲର ହେଲେ ଅନଗୁଳ ଜିଲ୍ଲା ବନ୍ତଳା ଥାନା ଧକୋଠା ଗ୍ରାମର ଜିନୁ ପ୍ରଧାନ, ଅନଗୁଳ ସଦରଥାନା କାବୁଲିପାଳ ଗ୍ରାମର ଉତ୍ତମ ଭୋଇ, ବନ୍ତଳା ଥାନା ଜରାରପୁର ଗ୍ରାମର ରାଣାପ୍ରତାପ ଦେହୁରୀ ଓ ଢେଙ୍କାନାଳ ସଦରଥାନା ଗୋବିନ୍ଦପୁର ଗ୍ରାମର ସିପୁନନାୟକ । ରାକେଶ କୁ ହତ୍ୟା କରିବା ନେଇ ମୁଖ୍ୟ ଅଭିଯୁକ୍ତ ଅରୁଣ ଓ ସୁପାରୀକିଲର ଙ୍କ ମଧ୍ୟରେ ଏକଲକ୍ଷ ତିରିଶ ହଜାର ଟଙ୍କା ରେ ଡିଲ ହୋଇଥିଲା ବେଳେ ଅଗ୍ରୀମ ବାବଦ ରେ ୯୦, ହଜାର ଟଙ୍କା ଅରୁଣ, ଚାରି ସୁପାରୀକିଲର ଙ୍କୁ ଦେଇଥିଲା କ୍ଷ ତେବେ ପୋଲିସ ଏହି ଘଟଣା ରେ ପାଞ୍ଚଜଣ ଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ନଗଦ ୮୯ ହଜାର ୪୦୦ ଟଙ୍କା, ଚାରୋଟି ମୋବାଇଲ ଓ ଗୋଟିଏ ମୋଟର ସାଇକେଲ ଜବତ କରିଛି । ତେବେ ଏହି ଘଟଣା ରେ ସମ୍ପୃକ୍ତ ଥିବା ଅନ୍ୟ ତିନିଜଣ ସୁପାରୀକିଲର ଙ୍କୁ ଏପର୍ଯ୍ୟନ୍ତ ପୋଲିସ ଧରିପାରିନଥିବା ବେଳେ ସେମାନଙ୍କୁ ଧରିବାପାଇଁ ଉଦ୍ୟମ ଜାରି ରହିଛି କ୍ଷ ଏ ନେଇ କାମାକ୍ଷାନଗର ଏସଡିପିଓ ଙ୍କ କାର୍ଯ୍ୟାଳୟ ଠାରେ ପ୍ରେସମିଟ ରେ ଢେଙ୍କାନାଳ ଏସପି ଅଭିନ୍ବ ସୋନକାର ସୂଚନା ଦେଇଥିବା ବେଳେ କାମାକ୍ଷାନଗର ଏସ୍ଡିପିଓ ଚିତ୍ତରଞ୍ଜନ ବେହେରା, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ କ୍ଷ ଗିରଫ ପରେ ସମସ୍ତ ଅଭିଯୁକ୍ତ ଙ୍କୁ କୋର୍ଟଚାଲାଣ କରାଯାଇଛି ।



## ସାପୁଆ ଡ୍ୟାମରେ ବୁଡ଼ି ଯୁବକ ମୃତ,ପରିବାରର ହତ୍ୟା ସନ୍ଦେହ

ରାସୋଳ/ଖଜୁରିଆ କଟା ୧୨/୬(ନୀଳକଣ୍ଠ ଦାସ)(ଗୋକୁଳାନନ୍ଦ ପୃଷ୍ଟି)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାପୁଆ ଡ୍ୟାମରେ ବୁଡି ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି ।ଖବରର ତଥା ଅନୁସନ୍ଧାନରୁ ପ୍ରକାଶ ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ପଂଚାୟତସ୍ଥିତ ପର୍ଯ୍ୟଟନସ୍ଥଳ ସାପୁଆ ଡ୍ୟାମକୁ ରସୋଳଥାନା ଚିତ୍ତଲପୁର ପଂଚାୟତ ବେଡା ଗ୍ରାମର ଦିଲୀପ ବିଶ୍ୱାଳଙ୍କ ପୁଅ ରାଜେନ୍ଦ୍ର ବିଶ୍ୱାଳ(୧୮)ଙ୍କୁ ଓଡାପଡାବ୍ଲକ ମୋଟଙ୍ଗାଥାନା(ହିନ୍ଦୋଳରୋଡ଼ ଫାଣ୍ଡି)ଅଧୀନ ଗୋଡିଡ଼ିହି ଗ୍ରାମର ବିଶ୍ୱରଂଜନ ମହାରଣା ଓ ଏକଘରିକିଆ ଗ୍ରାମର ତନ୍ମୟ ବେହେରାଙ୍କ ସହ ମିଶି ଆଜି ପୂର୍ବାହ୍ନ ୧୧ଘ ବେଳେ ସାପୁଆଡ୍ୟାମ ବୁଲିବାକୁ ଯାଇ ଗାଧୋଉ ଥିବାବେଳେ ଡ୍ୟାମରେ ରାଜେନ୍ଦ୍ର ବୁଡ଼ିଯାଇଥିବା ଅନ୍ୟ ଦୁଇସାଙ୍ଗ ରସୋଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।ଖବରପାଇ ଅଗ୍ନିଶମ ବାହିନୀ ରାଜେନ୍ଦ୍ରକୁ ଉଦ୍ଧାରକରି ହିନ୍ଦୋଳ ସଦର ଡାକ୍ତରଖାନା ଆଣିବାରେ ଡାକ୍ତର ରାଜେନ୍ଦ୍ରକୁ ମୃତ ଘୋଷଣା କରିଥିଲେ। ଖବରପାଇ ରସୋଳ ପୋଲିସ ଶବଜବତ କରି ଇଉଡ଼ି(ଟଉ) କେଶନଂ-୧୨/୨୦୨୬ରେ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦପାଇଁ ପଠାଇ ରାଜେନ୍ଦ୍ରର ଦୁଇ ସାଙ୍ଗକୁ ପଚରାଉଚରା କରୁଛନ୍ତି ।ପରିବାର ରାଜେନ୍ଦ୍ରର ଦୁଇସାଙ୍ଗ ଉପରେ ସନ୍ଦେହ କରି ଅଭିଯୋଗ କରିଥିଲେ ହେଁ ତେବେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଓ ତଦନ୍ତପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଶିଶୁ ଶ୍ରମ ନିରାକରଣ ପାଇଁ ଗଡିଲା ଜିଲ୍ଲାସ୍ତରୀୟ ସଚେତନତା ରଥ

ଢେଙ୍କାନାଳ, ୧୨/୬: (ବିଜ୍ଞାନ ମହାନ୍ତି )ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୧୨ ଜୁନ୍ ୨୦୨୬ ଠାରୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ଶିଶୁ ଶ୍ରମ ନିରାକରଣ ସଚେତନତା ପକ୍ଷ ପାଳନ କରାଯାଉଛି। ଏହି କ୍ରମରେ ଢେଙ୍କାନାଳ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ ସଚେତନତା ରଥ ଓ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭା.ପ୍ର.ସେ. (ପ୍ରୋବେସନ) ସୁଧା ଚୌହାନ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରମେଶ ଚନ୍ଦ୍ର ସେଠୀ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସ ନାୟକ ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୁତାରଙ୍କ ସୂଚନା ଅନୁଯାୟୀ, ଏହି ସଚେତନତା ରଥ ଆସନ୍ତା ୧୫ ଦିନ ଧରି ଜିଲ୍ଲାର ସମସ୍ତ ୮ଟି ବ୍ଲକ, ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ଢେଙ୍କାନାଳ ପୌରପାଳିକା ଅଞ୍ଚଳ ପରିକ୍ରମା କରିବ। ରଥ ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ ଆଇନ, ଶିଶୁମାନଙ୍କ ଅଧିକାର, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁ ଶ୍ରମ ନିୟୋଜନ ଦ୍ୱାରା ହେଉଥିବା ଦଣ୍ଡବିଧାନ ସମ୍ପର୍କରେ ଅଡିଓ-ଭିଜୁଆଲ ମାଧ୍ୟମରେ ପ୍ରଚାର କରାଯିବ। ଏହାସହ ସଚେତନତା ପତ୍ର, ଲିଫଲେଟ୍ ଓ ପୋଷ୍ଟର ମଧ୍ୟ ବଣ୍ଟନ କରାଯିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଗୋଲେଖ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳାଇ, ବୈଜୟନ୍ତୀ ମାଳା ମଲ୍ଲିକ, ନିବେଦିତା ସ୍ୱାଇଁ, ଗଦାଧର ବେହେରାଙ୍କ ସମେତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଟ୍ରେଡ ୟୁନିଅନର ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ବିଭିନ୍ନ ବର୍ଗର ୧୦୦ରୁ ଅଧିକ ଲୋକ ଏହି ଶୋଭାଯାତ୍ରା ଓ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ଶୋଭାଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହରର ମୁଖ୍ୟ ରାସ୍ତା ପରିକ୍ରମା କରିଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରମେଶ ଚନ୍ଦ୍ର ସେଠୀ କହିଥିଲେ, "ଶିଶୁ ଶ୍ରମ ଏକ ଦଣ୍ଡନୀୟ ଅପରାଧ। ସମାଜର ସମସ୍ତ ବର୍ଗର ଲୋକ ସଚେତନ ହେଲେ ହିଁ ଆମେ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଗଠନ କରିପାରିବା। ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କାମରେ ନିୟୋଜିତ କରିବା ଆଇନତଃ ଅପରାଧ। କେଉଁଠି ଶିଶୁ ଶ୍ରମିକ ଦେଖିଲେ ତୁରନ୍ତ ଶ୍ରମ ବିଭାଗ ବା ଚାଇଲ୍ଡ ଲାଇନ୍ ୧୦୯୮କୁ ଜଣାନ୍ତୁ।"ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସ ନାୟକ କହିଥିଲେ ଯେ, ଶିଶୁମାନଙ୍କ ସ୍ଥାନ କାରଖାନା ବା ହୋଟେଲରେ ନୁହେଁ, ବରଂ ସ୍କୁଲରେ। ଏହି ୧୫ ଦିନିଆ ଅଭିଯାନ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ କୋଣକୁ ଏହି ବାର୍ତ୍ତା ପହଞ୍ଚାଇବା ଆମର ଲକ୍ଷ୍ୟ।





# ରଜ ସଂକ୍ରାନ୍ତି

'ରଜ' ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ। ଏହା ତିନିଦିନ ଧରି ପାଳନ କରାଯାଇଥାଏ। ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ହୁଏ। ରଜ ସଂକ୍ରାନ୍ତିର ପୂର୍ବ ଦିନ ପହିଲି ରଜ। ଦ୍ୱିତୀୟ ଦିବସଟି ରଜ ସଂକ୍ରାନ୍ତି। ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଏହା ଚାଷର ଆରମ୍ଭକୁ ସୂଚାଇଥାଏ। ରଜ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ରଜବତୀ ହେବା। ଏହା ପୃଥିବୀକୁ ମାତା ଭାବରେ ବିବେଚନା କରେ। ବର୍ଷାର ଆଗମନରେ ମାତା ପୃଥିବୀ ରଜସ୍ୱଳା ହୁଏ ଓ ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ବହନ କରିଥାଏ। ଏହି ଦିନ କୃଷକମାନେ ବସୁମତୀଙ୍କୁ ପୂଜା କରନ୍ତି। ହଳ ଲଙ୍ଗଳ କୁ ପୂଜା କରିବା ସହିତ ଚାଷ କାର୍ଯ୍ୟରୁ ତିନିଦିନ ପାଇଁ ବିରତି ନେଇଥାନ୍ତି।



ଡଃ ମାଙ୍ଗଳିକା ମହାପାତ୍ର
ରେଭେନସା ବିଶ୍ୱବିଦ୍ୟାଳୟ

ମେଘ ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ। ମାଟି ଓ ମୌସୁମୀର ମିଳନର ପର୍ବ ରଜ। ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇଉଠେ। ଶରୀର ପାଇଁ ବିଶ୍ରାମ ଓ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ। ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ ଆର୍ଦ୍ର ହୋଇଉଠେ ପୃଥିବୀ। ସବୁଆଡେ ଶୀତଳତା ଭରିଯାଏ। ଯେମିତିକି ବହୁଦିନୁ ପ୍ରତିକ୍ଷିତ ଏଇ ମାଟି-ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ। ଆଉ ଏହି ଶୁଭ ଅବସରରେ ମିଳନର ଗୀତ ଗାଉଛନ୍ତି ସମସ୍ତେ। ଦୋଳିରେ ଦୋଳିରେ ଛୁଟୁଛି କୁଆଁରୀଙ୍କ ରଜ ଗୀତର ଲହରୀ ସ୍ୱର। ପୋଡ଼ ପିଠା ଖିଆ, ପୁଅ ମାନଙ୍କ ତାସ୍ ଖେଳ, ବାଗୁଡ଼ି ଖେଳ, ଆଉ ଝିଅ ମାନଙ୍କ ଗାଁ ବୁଲା, ଅଳତା ଲଗା ସହ ରଜ ପାନ ଖାଇ ଓଠ ରଙ୍ଗେଇବା ଏକ ଭିନ୍ନ ମଉକା।

ମୌସୁମୀର ସ୍ୱର୍ଶରେ ଆର୍ଦ୍ର ମାଟିର ଭୁରୁଭୁରୁ ଗନ୍ଧରେ ମହକି ଯାଉଛି - ଗାଁ ଭୂଇଁ। ହଳଦୀ ମଖା ନିରିମାଖି ଦେହରେ ସରଳା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ। ଋତୁମତୀ ଧାରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହନୀୟା , ବନ୍ଦନୀୟା ହୋଇଉଠିଛି।

ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏହି ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳ। ଏବେ ଭୂଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା। ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରି କଳ୍ପନା। ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳ ଛୁଆଁ ଶିହରିତ କରେ ମତୀକୁ। କ୍ଲାନ୍ତ ଧୂସର ଆକାଶରେ ପଇଁତରା ମାରୁଛି ବାଦଲ। ଗଛର ସବୁଜିମା ଉପରେ ଆସ୍ତରଣ ଜମାଇଥିବା ବହଳ ଧୂଳି ଟୋପା ଟୋପା ମେଘରେ ଧୋଇ ହେଇଯାଉଛି। ପ୍ରକୃତିର ସ୍ୱପ୍ନ ଓ ସୃଜନ ରଚିଛନ୍ତି ମାଳମାଳ କଙ୍କି ଓ ପ୍ରଜାପତି।

ଅତଏବ ପ୍ରକୃତିକୁ ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ ?ାଗତ କରି ସୃଷ୍ଟି ହେଇଛି ରଜ ପର୍ବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ବୃଷ ରାଶିକୁ ତ୍ୟାଗ କରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରନ୍ତି, ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜ ପର୍ବ ପାଳନ କରାଯାଏ। ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ, ଲଙ୍ଗଳ, ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି ଭୋଗ ରାଗ ସହ ବସୁମତୀ ସ୍ନାନ କରାନ୍ତି। ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି। ଆଷାଢ଼ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମମାସ। ଏହି ଚାରିମାସ ମୁନି, ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥାନ୍ତି। ବିରହ ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କରଚିତ'ମେଘଦୂତ'ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା।

ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରା ଯାଇଥାଏ ରଜପର୍ବ। କୁମାରୀମାନଙ୍କ ପାଇଁ ରଜ ପର୍ବ ହେଉଛି ତାଲିମ୍ ପ୍ରଦାନକାରୀ ପର୍ବ। କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି , ଆଚାର ସଂହିତାକୁ ବିଧି ଭାବରେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଝିଅଟିଏ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ। ରଜ ତିନିଦିନ କଟା, ବଟା ଆଦି ଗୃହକର୍ମ ନ କରି କୁମାରୀ ମାନେ ବିଶ୍ରାମ କରନ୍ତି। ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇ ପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱ ଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ।

## ଆସୁଅଛି ରଜ

କେତେ ଖୁସିନେଇ ଆସୁଅଛି ରଜ
ଆଉବା କେତେଯେ ଦିନ
କିପରି ପାଳିବେ ଝିଅବୋହୁମାନେ
ଦେଖୁଛନ୍ତି ସବୁ ସ୍ୱପ୍ନ ।।
ଗାଆଁଠୁ ସହର ଚାରିଦିନ ଧରି
ରଜ ପରବକୁ ପାଳି
ଝିଅବୋହୁ ଯେତେ ଖୁସି
ଆନନ୍ଦରେ
ହୋଇବେ ଯେ କୋଳାକୋଳି ।।
କୁଆଁରୀ ଯେତେକ ପାଳିବାକୁ ରଜ
ପାଦତଳେ ଲାଗୁନାହିଁ
କେମିତି ପାଳିବେ ନଈ ତୁଠରେ ସେ
ଆଲୋଚନା କରୁଥାଇ ।।
ବିଦେଶରେ ଥିବା ସ୍ୱାମୀକୁ ନିଇତି
ଡାକେ ଭାରି ସରଧାରେ
ଚାରିଦିନଯାକ କେମିତି ପାଳିବେ
ପଡ଼ିଛନ୍ତି ଭାବନାରେ ।।
ସ୍ୱାମୀର କୋଳରେ ବସିକି ଭିଡ଼ିଓ
କରିବ କେମିତି ଭାବେ
ଏଇକଥା ଭାବି ରାତିସାରା ଯମା
ନିଦ ତାହାକୁ ନ ଲାଗେ
ନିଦ ତାହାକୁ ନ ଲାଗେ ।।

-ଦୀପକ କୁମାର ନାୟକ
ଯୁବ ସାମ୍ବାଦିକ, ଗଣ୍ଡାନାଳୀ,
ହିନ୍ଦୋଳ, ଢେଙ୍କାନାଳ,
ମୋ୮୬୩୭୨୬୧୮୨୮



## ରଜଦୋଳି ଖେଳ

ଏହି ପର୍ବପାଳନ ବେଳରେ ଘରଣୀ ମାନେ ସଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ମାତିଥାଆନ୍ତି। ଅଭିଆଡି ଝିଅମାନେ ନୂଆ ଶାଢୀ ଆଦି ପିନ୍ଧି ରଜଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି। ଏହି ଦିନ ଧରିତ୍ରୀ ମାଙ୍କୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲି ନଥାନ୍ତି। ପତ୍ର/ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ଅଛି। ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି।

## ରଜ ପାନ



ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା। ପ୍ରୀତିର ବନ୍ଧନ ହେଉଛି ପାନ। ପ୍ରୀତି, ପ୍ରେମ, ବନ୍ଧୁତାର ଛ' ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କୁହେ ଓ ପଚାରେ, ଏ ଛ' ଟି ଆନ୍ତରିକତା ଓ ନିବିଡ଼ତାର କଥା। ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ପାନ ହେଉଛି ମୁଖବାସ, ପରିତୋଷ। ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ। ରଜର ଆଭୂଷଣକୁ ଆହୁରି ମୁଗ୍ଧକର କରିଦିଏ।

## ପିଠାପଣା

ଯେହେତୁ ରଜରେ ଧରତୀମାତାଙ୍କୁ ବିଶ୍ରାମ ଦିଆଯାଏ। ତେଣୁ ରଜର ପୂର୍ବଦିନ ପହିଲି ରଜରେ ବହୁରକମ ପିଠାପଣା, ବିଶେଷ କରି ପୋଡ଼ ପିଠା ତିଆରି କରାଯାଇଥାଏ, ଯାହା ସହଜରେ ନଷ୍ଟ ହୁଏ ନାହିଁ ଏବଂ ଅଧିକ ଦିନ ରହିଥାଏ। ଭାତ ବଦଳରେ ଫଳମୂଳ ଓ ବିଭିନ୍ନ ପ୍ରକାର ପିଠାପଣା ଖାଇ ସମସ୍ତେ ମଜା କରିଥାନ୍ତି।



## ରଜ ମଉଜ

ଗ୍ରୀଷମ ଋତୁର ଶେଷ ଲଗନରେ
ଧରାକୁ ଆସିଛି ରଜ
ଦୋଳି ଖେଳୁଖେଳୁ କୁମାରୀ
ଗାଆନ୍ତି
ବନସ୍ତେ ଡାକିଲା ଗଜ ।

ଓଡ଼ିଶା ମୁଲକେ ଗଣପର୍ବ ନାମେ
ରଜର ରହିଛି ଯଶ
'ରଜ ମଉଜ'ର ନାମରେ ବିଖ୍ୟାତ
ସଭିଙ୍କ ଓଠରେ ହସ
ରଜରେ ଟିକିଏ ଦୋଳି ଖେଳିବାକୁ
ମନ ହୁଏ ଖଜଖଜ ।

କୃଷିଭିତ୍ତିକ ଏ ପରବ ଆଣଇ
ମନରେ ବହୁତ ଖୁସି
ରାଜା ଠାରୁ ରଙ୍କ ସଭିଏଁ ଆନନ୍ଦ
କେହି ନ ବସନ୍ତି ରୁଷି
ରଜ ପାଳିବାକୁ ପଲ୍ଲୀରୁ ନଗର
ସଭିଏଁ ହୁଅନ୍ତି ସଜ ।

ପ୍ରତି ଘରେଘରେ ପୋଡ଼ପିଠା ହୁଏ
ମହମହ ବାସୁଥାଏ
ରସାଳ, ପଣସ, କଦଳୀ, ଦହିର
ସାଥେ ପିଠା ଖିଆଯାଏ
ତିନି ଦିନ ଧରି ବୁଲାବୁଲି ସାଥେ
ବନ୍ଧୁ ଗହଣରେ ହଜ ।

କୁମାରୀମାନେ ଯେ ନୂଆବସ୍ତ୍ର ପିନ୍ଧି
ନିଜକୁ ସଜାଇ ଦେଇ
ସାହିସାହି ବୁଲି ଦୋଳି ଖେଳୁଥାନ୍ତି
ମନରେ ଆନନ୍ଦ ନେଇ
ଯୁବକେ କବାଡି ଖେଳରେ ମାତନ୍ତି
ଗୁଡ଼ି ଉଡ଼ା କଥା ଭଜ ।

● ନିରଞ୍ଜନ ସାହୁ

ନିହଳ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ, ୭୫୯୦୧୬
ମୋ: ୯୯୩୮୭୪୧୫୮୩



**ଆସନ୍ତୁ.. ମିଳିମିଶି ଖୁସିର ସହିତ ସମସ୍ତେ ଏକାଠି ରଜ ପର୍ବକୁ ପାଳନ କରିବା..**

ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ
ଘେନି ନୂଆ ସଜବାଜ...



# ବାରହା ମାରିବାକୁ ବିଛାଇଥିଲେ ଫାସ ଚାଲିଗଲା ନିରୀହ ଯୁବକଙ୍କ ଜୀବନ

ବଲାଙ୍ଗିର ୧୨/୦୬ (ଦେବେନ୍ଦ୍ର) : ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ମୃତ୍ୟୁର ଫାସ ଶେଷରେ ଜଣେ ନିରୀହ ଯୁବକଙ୍କ ଜୀବନ ନେଇଯାଇଛି । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ନାନ୍ଦୁପଲା ପଞ୍ଚାୟତର କୁଠୁର୍ଲା ଗ୍ରାମରେ ଘଟିଥିବା ଏହି ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ସୂଚନା ଅନୁଯାୟୀ, କୁଠୁର୍ଲା ଗ୍ରାମର ଗଦାଧର ମଲ୍ଲିକ (୩୩) ଗୁରୁବାର ରାତି ପ୍ରାୟ ଆଠଟା ସମୟରେ ଗ୍ରାମ ନିକଟସ୍ଥ ଛୋଟିଆ କେନାଲକୁ ମାଛ ଧରିବା ଉଦ୍ଦେଶ୍ୟରେ ଘରୁ ବାହାରିଥିଲେ । କିନ୍ତୁ ସେ ଜାଣି ନଥିଲେ ଯେ, ତାଙ୍କ ପାଇଁ ଅପେକ୍ଷା କରୁଛି ଏକ ଭୟଙ୍କର ମୃତ୍ୟୁର ଫାସ । ଗ୍ରାମର କିଛି ଅସାମାଜିକ ଲୋକ ବାରହା ଶିକାର ପାଇଁ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ନେଇ ଜମି ନିକଟରେ ତାର ବିଛାଇ ରଖିଥିଲେ । ଅନ୍ଧାର ରାତିରେ ଗଦାଧର ସେହି ତାର ଦେଖି ନପାରି ସେଥିରେ ଫସି ଯାଇଥିଲେ ଏବଂ ବିଦ୍ୟୁତ ଆଘାତରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଅଭିଯୋଗ ଅନୁସାରେ, ଘଟଣା ପରେ ନିଜ ଅପରାଧ ଲୁଚାଇବା ପାଇଁ ଦୁର୍ବୃତ୍ତମାନେ ମୃତଦେହକୁ ପ୍ରାୟ ୨ରୁ ୩ କିଲୋମିଟର ଦୂର ଜଙ୍ଗଲ ଭିତରକୁ ବୋହି ନେଇ ପୋତି ଦେଇଥିଲେ । ଏହି ଅମାନବିକ କାଣ୍ଡ ଜନସାଧାରଣଙ୍କ ମଧ୍ୟରେ ଘୋର କ୍ଷୋଭ ଏବଂ ଆକ୍ରୋଶ ସୃଷ୍ଟି କରିଛି । ସବୁଠାରୁ ବେଶୀ ଦୁଃଖଦାୟକ ଦୃଶ୍ୟ ହେଉଛି ମୃତକଙ୍କ ପରିବାରର ଅବସ୍ଥା । ଗଦାଧରଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ କୁନି ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସେମାନଙ୍କ ଭବିଷ୍ୟତ ଆଜି ଅନିଶ୍ଚିତତାର ଅନ୍ଧକାରରେ ଠିଆ ହୋଇଛି । ପରିବାରର କାନ୍ଦଣା ଏବଂ ଛୋଟ ଝିଅଟିର ଅସହାୟ ଚାହାଣି ପ୍ରତ୍ୟେକ ସମ୍ବେଦନଶୀଳ ମଣିଷଙ୍କ ହୃଦୟକୁ ବିଦୀର୍ଣ୍ଣ କରୁଛି । ଘଟଣାର ଖବର ପାଇ ଖପ୍ରାଖୋଲ ପୋଲିସ ତତ୍ପରତା ଦେଖାଇ ଗ୍ରାମରେ ପହଞ୍ଚି ଚାରିଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବାବେଳେ ଆଉ ଦୁଇଜଣ ଫେରାର ଥିବା ଜଣାପଡ଼ିଛି ।

# ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ଦାବି

ଫିରିଙ୍ଗିଆ, ୧୨ /୦୬ (ଅକ୍ଷର ଓଡ଼ିଆ): କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଗାଁକୁ ଗାଁ ରାସ୍ତା ସଂଯୋଗ କରୁଥିବା ବେଳେ ଆଜି ମଧ୍ୟ କିଛି ଗାଁ ପକ୍କା ରାସ୍ତା ସୁବିଧାରୁ ବଞ୍ଚିତ ରହିଛି । ବିଭାଗୀୟ ଅବହେଳା ଯୋଗୁଁ ଅନେକ ଦୁର୍ଗମ ଅଞ୍ଚଳକୁ ଏପର୍ଯ୍ୟନ୍ତ ରାସ୍ତା ପହଞ୍ଚି ପାରିନଥିବାରୁ ସେଠାକାର ଲୋକେ ଖାଲଖମା ଓ ମାଟି ରାସ୍ତା ଉପରେ ନିର୍ଭର କରି ଜୀବନଯାପନ କରୁଛନ୍ତି ।ଏଭଳି ସମସ୍ୟା କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଭୃଙ୍ଗିଯୋଡି ପଞ୍ଚାୟତର କଡୁରାହା ଛକରୁ କରୁକଜା ଓ ଗାଜୁରୁଘାଟି ପର୍ଯ୍ୟନ୍ତ ରାସ୍ତାରେ ଦେଖିବାକୁ ମିଳିଛି । କଡୁରାହା ଛକରୁ ପ୍ରାୟ ୪ କିଲୋମିଟର ଦୂର ଏହି ରାସ୍ତା ଉପରେ ଡହିଙ୍ଗିଆ, ଡାଡିଲାଇ, ମହଲିଙ୍ଗିଆ, କରୁକଜା, ଗଣିବାଲି ଓ ଗାଜୁରୁଘାଟି ଭଳି ଗାଁ ଓ ସାହିର ଲୋକେ ବର୍ଷସାରା ଯାତାୟାତ କରିଥାନ୍ତି ।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଭତ୍ତା, ରାସନ ସାମଗ୍ରୀ ଆଣିବା, ପଞ୍ଚାୟତ କିମ୍ବା ବ୍ଲକ କାର୍ଯ୍ୟାଳୟକୁ ଯିବା ସହ ଅନ୍ୟାନ୍ୟ ଜରୁରୀ କାମ ପାଇଁ ଏହି ରାସ୍ତା ହିଁ ଏକମାତ୍ର ଭରସା । ବିଶେଷକରି



ବର୍ଷା ଦିନେ ରାସ୍ତା କାଦୁଅ ଓ ପଚପଚ ହୋଇଯାଉଥିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼େ । ଅନେକ ସମୟରେ ବାଇକ୍ ଚଳାଚଳ ତ ଦୂରର କଥା, ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଫଳରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ଗ୍ରାମଗୁଡ଼ିକରେ ଠିକ୍ ସମୟରେ ପହଞ୍ଚି ପାରୁନାହିଁ । ଏହି ପରିପ୍ରେକ୍ଷୀରେ କଡୁରାହା ଛକରୁ କରୁକଜା ଓ ଗାଜୁରୁଘାଟି ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ଚଗଏଝଣ) ଅଧୀନରେ ସାମିଲ କରି ପକ୍କା ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି ।

# ନିମ୍ନମାନର ରାସ୍ତା କାମ ପାଇଁ ଭିଜିଲାନ୍ସକୁ ଅଭିଯୋଗ ଆଇନ ଗତ କର୍ଯ୍ୟାନୁଷ୍ଠାନ ପାଇଁ ଦାବି



କାକଟପୁର ୧୨/୬ (ଅକ୍ଷର ଓଡ଼ିଶା)ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଚାଲିଥିବା ସଙ୍ଗଠିତ ଦୁର୍ନୀତି ଏବଂ ସରକାରୀ ଅର୍ଥ ହରିଲୁଟ୍‌ର ସୀମା ପାର ହୋଇଛି । କାମ ନ ଦେଖି ଏବଂ କାର୍ଯ୍ୟକ୍ଷେତ୍ରରେ କୌଣସି ପ୍ରକାରର ବାସ୍ତବ ମାପ ନ ନେଇ, କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ଆଖିବୁଜି ମିଥ୍ୟା ବିଲ୍ ପ୍ରସ୍ତୁତ କରୁଥିବା ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । କୁଣ୍ଢେଇ ପଞ୍ଚାୟତର ସିମେଣ୍ଟ ରାସ୍ତା ନିର୍ମାଣରେ ହୋଇଥିବା ମହାଘୋଟାଲା ବିରୁଦ୍ଧରେ ଗତକାଲି କୁଣ୍ଢେଇ ପଞ୍ଚାୟତ ବାସୀ ଙ୍କ ତରଫରୁ ସିଧାସଳଖ ଭିଜିଲାନ୍ସ ବିଭାଗ ନିକଟରେ ଫେରାଦ ହେବା ପରେ, ସାରା ବ୍ଲକ ପ୍ରଶାସନରେ ହଲଚଲ ସୃଷ୍ଟି ହୋଇଛି । ଭୟରେ ସକାଳୁ ସକାଳୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟସ୍ଥଳୀକୁ ଦୌଡ଼ି ଆସି ତରବରିଆ ଭାବେ ରାସ୍ତାର ପୁନଃ-ମାପ ନେଉଥିବା ଦେଖିବାକୁ ମିଳିଛି,ଉପରିସ୍ଥ ଅଧିକାରୀ ଓ ସତର୍କତା ବିଭାଗର ଆକ୍ରୋଶରୁ ବଞ୍ଚିବା ପାଇଁ, ଅସମ୍ପୂର୍ଣ୍ଣ କାମକୁ ପୁନର୍ବାର କରାଯିବ ବୋଲି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ସ୍ଥାନୀୟ ଲୋକଙ୍କ ଆଗରେ ସଫେଇ ଦେଉଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ବାସ୍ତବରେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇନଥିଲା, ତେବେ କେଉଁ ନିୟମ ଆଧାରରେ କାଗଜପତ୍ରରେ ଏହାକୁ ସମ୍ପୂର୍ଣ୍ଣ ଦର୍ଶାଯାଇ ଚୂଡ଼ାନ୍ତ ବିଲ୍ ପାସ୍ କରାଗଲା ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି,ଏହି ଘଟଣା ପଛରେ କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଭୂମିକାକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବ୍ଲକରେ ଯେତେବେଳେ ବି କୌଣସି ଦୁର୍ନୀତିର ଅଭିଯୋଗ ଆସୁଛି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାହାର ନିରପେକ୍ଷ ତଦନ୍ତ କରିବା ବଦଳରେ, କିଭଳି ଭାବେ ସେହି ଦୁର୍ନୀତିକୁ ଚାପି ଦିଆଯିବ ଏବଂ ଭ୍ରଷ୍ଟ ଅଧିକାରୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ, ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି, ଏହି ସଙ୍ଗଠିତ ଚୋରିର ମୂଳୋତ୍ପାଟନ ପାଇଁ ଭିଜିଲାନ୍ସ କର୍ତ୍ତୃପକ୍ଷ ତୁରନ୍ତ କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ପିଇଓଙ୍କ ବିରୁଦ୍ଧରେ ମାମଲା ରୁଜୁ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

ପୁରୀ,୧୨।୬(ଅକ୍ଷର ଓଡ଼ିଶା):ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏହାର ଶୁଭାରମ୍ଭ କରିଥିଲେ । ଏହି




କାର୍ଯ୍ୟକ୍ରମରେ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ବୃନ୍ଦ, ରୁଚିକା ସାମାଜିକ ସେବା ସଂଗଠନର ସଦସ୍ୟ ଓ ସଦସ୍ୟା ,ଗ୍ରୀନସିଟି ଅଟୋ ଚାଳକ ସଂଘ ଓ ପୁରୀ ପୌରପାଳିକା ଅଟୋ ଚାଳକ ସଂଘର ସଦସ୍ୟମାନେ ଉପସ୍ଥିତଥିଲେ ।ଏହି ରଥ ସମଗ୍ର ଜିଲ୍ଲା ବୁଲି ଶିଶୁ ଶ୍ରମିକ ନିୟୋଜନ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ସହିତ ଶିଶୁ ଶ୍ରମିକଙ୍କୁ ନାଁ ବୋଲି ବାର୍ତ୍ତା ଦେବ । ଏହି ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ସହିତ ଏକ ପଦଯାତ୍ରା ମଧ୍ୟ ଆୟୋଜିତ ହୋଇଥିଲା । ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଚୈତନ୍ୟ ଛକ ଦେଇ ସମୁଦ୍ରକୂଳ ପର୍ଯ୍ୟନ୍ତ ଯାଇଥିଲା । ପଦଯାତ୍ରାରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ,ଜିଲ୍ଲାରେ ନିୟୋଜିତ ସହକାରୀ ଶ୍ରମ ଅଧିକାରୀ ବୃନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା,ନିର୍ମାଣ ଶ୍ରମିକ ଓ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ । ଖୁବ ଶୀଘ୍ର ଶିଶୁ ଶ୍ରମିକ ସମ୍ପର୍କିତ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ କରାଯାଇ ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡା ପ୍ରସ୍ତୁତ ହେବ । ବିଭିନ୍ନ ସଂସ୍ଥାରେ ଚଢାଉ କରାଯାଇ ଶିଶୁ ଶ୍ରମିକ ନିୟୋଜିତ କରିଥିବା ମାଲିକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା ।

# ଆସିକା ବନାଞ୍ଚଳରେ ବାରହା ଆତଙ୍କ

ଆସିକା :-୧୨/୦୬(ଅକ୍ଷର ଓଡିଶା )ଆସିକା ବନାଞ୍ଚଳ ର ହରିଡ଼ାପଦର ପଂଚାୟତରେ ବାରହା ଆକ୍ରମଣ ରେ ୦୬ ଜଣ ଆହତ ହୋଇଥିବା ସୂଚନା ହସ୍ତଗତ ହୋଇଛି କ୍ଷ ଆଜି ସକାଳ ସମୟରେ ଗ୍ରାମ ର ଲୋକ ମାନେ ସ୍ନାନ ଶୌଚ ଏବଂ ବିଲ କାମକୁ ଯିବା ବେଳେ ଏକ ବାରହା ଲୋକ ମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲା କ୍ଷ ଏହି ଆକ୍ରମଣ ରେ କୁମ୍ଭାରି ଦଣ୍ଡପାଣି ସାହୁ, ହରିଡ଼ାପଦର ର ସରୋଜିନୀ ଗୌଡ଼, ଟୁକୁନା ଗୌଡ଼, ସୁରେନ୍ଦ୍ର ରଣା, ସୂର୍ଯ୍ୟ ନାରାୟଣ ନାହାକ,ଭେଙ୍କଟରାଇପଲ୍ଲୀ ର ଲକ୍ଷ୍ମୀ ମହାନ୍ତି,ପ୍ରମୁଖ ଆହତ ହୋଇଛନ୍ତି କ୍ଷ ସେମାନଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଅଣାଯାଇଥିଲା କ୍ଷ ଏମାନଙ୍କ ମଧ୍ୟରୁ ସଜନୀ ଗୌଡ଼ ଏବଂ ଦଣ୍ଡ ପାଣି ସାହୁ ଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ କୁ ଚିକିତ୍ସା ପାଇଁ ନିଆଯାଇଛି କ୍ଷ ଖବର ପାଇଁ ଘଟଣା ସ୍ଥଳ ଏବଂ ମେଡିକାଲ ରେ ବନ ଅଧିକରୀ ଶରତ ଚନ୍ଦ୍ର ବେହେରା ପହଂଚି ଲୋକ ମାନଙ୍କୁ ସାକ୍ଷାତ କରିଛନ୍ତି କ୍ଷ ବନ ବିଭାଗ ପକ୍ଷରୁ ବାରହା କୁ ଘଉଡ଼ାଇବା ଚେଷ୍ଟା ଚାଲୁ ରହିଛି ।

# ଅନିଲ ସ୍ୱାଇଁ ଭାଜପା ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି

ଆସିକ ୧୨/୦୬(ଅକ୍ଷର ଓଡ଼ିଶା) ଆସିକା ବିଜେପି ଯୁବମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର କାର୍ଯ୍ୟକାରିଣୀ ଘୋଷଣା ରେ ଆସିକା ନିର୍ବାଚନ ମଣ୍ଡଳୀର ଯୁବ ନେତା ଅନିଲ କୁମାର ସ୍ୱାଇଁ ଙ୍କୁ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି



ଦାୟିତ୍ୱ ପ୍ରଦାନ କରାଯାଇଛି । ଛାତ୍ର ଜୀବନରୁ ଏବିଭିପି ସହିତ ଜଡିତ ରହି ରାଷ୍ଟ୍ରୀୟ ବିଚାରକୁ ପାଥେୟ କରି ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଅନେକ ପଦପଦବୀରେ ରହି ନିଜର ଦକ୍ଷତା ପ୍ରତିପାଦନ କରିସାରିଛନ୍ତି । କାର୍ଯ୍ୟଶୈଳୀ ସହ ଦୃଢ଼ ସଂଗଠକ ଭାବେ ସବୁବେଳେ ଚର୍ଚ୍ଚିତ ରହିଥିବା ଅନିଲ ଙ୍କୁ ଏହି ଦାୟିତ୍ୱ ନିଜର ରାଜନୈତିକ ଜୀବନରେ ଅନେକ ଆଗକୁ ବଢ଼ିବାର ପଥ ଦେଖାଇବ ବୋଲି ଚର୍ଚ୍ଚା ହେଉଛି । ବିଜେପି ଯୁବମୋର୍ଚ୍ଚା ଉପସଭାପତି ଦାୟିତ୍ୱ ମିଳିଥିବାରୁ ସେ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ,ଆସିକାର ମାନ୍ୟବର ବିଧାୟକ ସରୋଜ କୁମାର ପାଢ଼ୀ, ଯୁବ ମୋର୍ଚ୍ଚା ରାଜ୍ଯ ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ଉପସଭାପତି ତୁତୁନ ପାତ୍ର , ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଜିତ ପଣ୍ଡାଙ୍କ ସହ ରାଜ୍ୟ ଓ ଜିଲ୍ଲାର ଜ୍ୟେଷ୍ଠ ଶ୍ରେଷ୍ଠ ନେତା ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଗାମୀ ଦିନରେ ଯୁବଶକ୍ତି ଙ୍କୁ ସୁଦୃଢ଼ ସହ ବିକାଶ ଧାରାରେ ଅଗ୍ରାଧିକାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ବାଲିଗୁଡା ଏନଏସି କାଉନସିଲ ବୈଠକ



ବାଲିଗୁଡା ୧୨/୬/(ଅକ୍ଷର ଓଡିଶା )ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହ ଠାରେ ପନ୍ଦର ତମ ସ୍ୱତନ୍ତ୍ର କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି ।ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଙ୍କ ସଭାପତିତ୍ୱ ରେ ବୈଠକ ଅନୁଷ୍ଠିତ ହୋଇଛି ।ଏହି ବୈଠକ ରେ ଅଧ୍ୟକ୍ଷ ସମେତ ଉପାଧ୍ୟକ୍ଷା ଶାନ୍ତି କୁମାରୀ ନାୟକ ବିଧାୟକ ପ୍ରତିନିଧି ଅବନୀ କାନ୍ତ ନାୟକ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ ସମେତ ଦଶ ଜଣ କାଉନସିଲର ଯୋଗ ଦେଇଥିଲେ । ଏନଏସି ଅଧ୍ୟକ୍ଷ ଙ୍କ ଅନୁମତି କ୍ରମେ ପୂର୍ବ କାଉନସିଲ ବୈଠକ ର ବିବରଣୀ ପାଠ କରିବା ସହିତ ଦୃଢ଼ି କରଣ କରାଯାଇ ଥିଲା । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ କାଉନସିଲ ବୈଠକ ରେ ସମସ୍ତ ଙ୍କୁ ସ୍ୱାଗତ କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କ ରେ ଅଭିବ୍ୟକ୍ତ ରଖି ଥିଲେ । ଏହି ବୈଠକ ରେ ଦଶ ଜଣ କାଉନସିଲର ଉପସ୍ଥିତ ରହି ବାଲିଗୁଡା ଏନଏସି ର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କ ରେ ଆଲୋଚନା କରାଯାଇଥିଲା ।ଏହି ବୈଠକ ରେ ୧୩ ଟି ୱାର୍ଡ ର ରାସ୍ତା ଘାଟ, ଡ୍ରେନେଜ ସମସ୍ୟା, ସହର ପରିମଳ ବ୍ୟବସ୍ଥା ସୌନ୍ଦର୍ଯ୍ୟ କରଣ, ଆଲୋକିକରଣ ସମେତ ସହର ରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ବିଷଦ ଆଲୋଚନା ହୋଇ ଥିଲା । ଏଥି ସହିତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ନେଇ ଏହି ସ୍ୱତନ୍ତ୍ର କାଉନସିଲ ବୈଠକ ରେ ନିଷ୍ପତି ଗ୍ରହଣ କରାଯାଇ ଆଲୋଚନା ହୋଇଥିଲା ।ଏହି ବୈଠକ ରେ କାଉନସିଲର ସମେତ ସମସ୍ତ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ ।।

# ୧୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ବଲାଙ୍ଗିର୧୨/୦୬ ( ଦେବେନ୍ଦ୍ର) : ବଙ୍ଗୋମୁଣ୍ଡା ଅଞ୍ଚଳର ବିଭିନ୍ନ ଜନସମସ୍ୟାର ସମାଧାନ ଦାବି କରି ରାଜ୍ୟ ଯୁବ ବିଜୁଜନତା ଦଳ ପକ୍ଷରୁ ଯୁବ ସାଧାରଣ ସମ୍ପାଦକ ଅଜିତ ଯୋଶୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଏହି ସ୍ମାରକପତ୍ର ପ୍ରେରଣ କରାଯାଇଥିବା ସୂଚନା ମିଳିଛି । ଏହି ଅବସରରେ ଅତିଥି ଭାବେ ଯୋଗଦେଇ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଉପସ୍ଥିତ ରହି ଜନସାଧାରଣଙ୍କ ଦାବି ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଦାବି ମଧ୍ୟରେ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୀଘ୍ର କାର୍ଯ୍ୟକାରିତା, ବିଧବା, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାସିକ ଭତ୍ତା, ବଙ୍ଗୋମୁଣ୍ଡାକୁ ଏନ୍‌ଏସି ମାନ୍ୟତା, ପ୍ରକୃତ ଚାଷୀଙ୍କୁ ମାଗଣା ସାର ଓ ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ ପ୍ରମୁଖ ରହିଛି ।

# ଠାକୁରଗଡ଼ ମଣ୍ଡଳରେ ବିଜେପିର ଶକ୍ତି ବୃଦ୍ଧି ୪୦ରୁ ଉର୍ଦ୍ଧ୍ୱ କର୍ମୀ ପଦ୍ମ ଶିବିରରେ ସାମିଲ

ଆଠମଲ୍ଲିକ, ୧୨/୦୬ (ଅକ୍ଷର ଓଡ଼ିଶା): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ମଣ୍ଡଳର ପାଇକସାହି ଗ୍ରାମ ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଏକ ବୃହତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଡ଼ିସିଙ୍ଗି ସ୍ଥିତ ଶ୍ରୀ



ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ଓ କଂଗ୍ରେସ ଦଳର ୪୦ରୁ ଉର୍ଦ୍ଧ୍ୱ ସକ୍ରିୟ କର୍ମୀ ଓ ନେତା ଦଳୀୟ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଥିଲେ ।କାର୍ଯ୍ୟକ୍ରମରେ ଠାକୁରଗଡ଼ ମଣ୍ଡଳ ସଭାପତି ସୁଜିତ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ସଦସ୍ୟମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଏହାସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ମଣ୍ଡଳ ସମ୍ପାଦକ ଯୁଗେଶ୍ୱର ପ୍ରଧାନ, ପଞ୍ଚାୟତ ସଭାପତି କ୍ଷୀରୋଦ ସାହୁ, ଉପସଭାପତି ପ୍ରଶାନ୍ତ କୁମାର ପ୍ରଧାନ ଏବଂ ଯୁବନେତା ପ୍ରଭାତ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ ।ସମସ୍ତ ନେତୃବୃନ୍ଦଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ମିଶ୍ରଣ ପର୍ବ ସଫଳତାର ସହ ସମ୍ପନ୍ନ ହୋଇଥିଲା । ନୂତନ କର୍ମୀମାନଙ୍କ ଯୋଗଦାନ ଦ୍ୱାରା ଠାକୁରଗଡ଼ ଅଞ୍ଚଳରେ ବିଜେପି ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ମଣ୍ଡଳ ନେତୃତ୍ୱ ମତ ପ୍ରକାଶ କରିଛନ୍ତି ।

# ଉନ୍ନତ ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ



ବୋଡ଼େନ,୧୨/୦୬(ଅକ୍ଷର ଓଡିଶା )ନୂଆପଡା ଜିଲ୍ଲା ବୋଡେନସ୍ଥିତ କୃଷକ ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଓ ଏ ଏଫ୍ ଓ ଡ ସୁଚିସ୍ମିତା ପୃଷ୍ଟିଙ୍କ ସଂଯୋଜନାରେ 'ଉନ୍ନତ ମତ୍ସ୍ୟଚାଷ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ" ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ସଂଗୀତା ମାଝୀ, ପ୍ରାଧ୍ୟାପକ ଗୟାଧର ମହାନ୍ତି,ଭି ଏ ଏସ ଡା ସସ୍ମିତା ବିଶ୍ୱାଳ,ଖରୀଆର ଏ ଏ ଏଫ ଓ ସହଦେବ ଭୋଇ, ଗୋଷ୍ଠୀ କୃଷି ଅଧିକାରୀ ଦୁଃଖୀଶ୍ୟାମ ଟୁଡୁ ମଞ୍ଚାସିନ ଥିଲେ । ବୋଡେନ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ମାଛଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଅନ୍ୟାନ୍ୟ ହିତାକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରଶିକ୍ଷଣରେ ପୋଖରୀ ପ୍ରସ୍ତୁତି ଓ ପରିଚାଳନା, ଜଳ ଗୁଣବତ୍ତା ପରିଚାଳନା, ମାଛର ରୋଗ ନିୟନ୍ତ୍ରଣ, ବୈଜ୍ଞାନିକ ମତ୍ସ୍ୟଚାଷ ପଦ୍ଧତି, ସରକାରୀ ଯୋଜନା ଓ ଜୀବିକା ଉନ୍ନୟନ ସମ୍ବନ୍ଧୀୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ମାଛଚାଷୀଙ୍କୁ ଆଧୁନିକ ପ୍ରଯୁକ୍ତିକୁ ଆପଣାଇ ଉତ୍ପାଦନ ବୃଦ୍ଧି ସହିତ ଆକ ସ୍ୱାବଲମ୍ବନ ହାସଲ କରିବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ, ବୋଡେନଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜନ କରାଯାଇଥିଲା ।

# ମାଲକାନଗିରିରେ ଜିଲ୍ଲା ସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ



ମାଲକାନଗିରି,୧୨/୬(ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା ସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ମହାସମାରୋହରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଏହାକୁ ସମାନ୍ତରାଳ ଭାବେ ମାଲକାନଗିରି ଜିଲ୍ଲାରେ ମଧ୍ୟ କାର୍ଯ୍ୟକାରୀ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଯୋଜନାର ମହତ୍ତ୍ୱ ଉପରେ ଆଲୋକପାତ କରି ବିଧାୟକ ଶ୍ରୀ ମାଡକାମୀ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ହେଉଛି ଗରିବ ଓ ଅସହାୟ ଶ୍ରେଣୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ସ୍ମାର୍ଟ ରାସନ କାର୍ଡ ଏବଂ ସ୍ମାର୍ଟଫୋନ୍ ବଣ୍ଟନ ଦ୍ୱାରା ଦୁର୍ଗମ ଅଞ୍ଚଳର ଲୋକମାନେ ଡିଜିଟାଲ୍ ସ୍ତରରେ ସଶକ୍ତ ହେବେ ଏବଂ କୌଣସି ବି ହିତାଧିକାରୀ ସେମାନଙ୍କର ହକ୍‌ରୁ ବଞ୍ଚିତ ହେବେ ନାହିଁ । ଆମେ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ପରିବାର ପାଖରେ ଏହି ସୁବିଧା ପହଞ୍ଚାଇବାକୁ ସଂକଳ୍ପବଦ୍ଧ ।' ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗା ସୋଡ଼ି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ଉପସ୍ଥିତ ଥିଲେ ।ଜିଲ୍ଲାର ସାମଗ୍ରିକ ପ୍ରଶାସନିକ ପ୍ରସ୍ତୁତି ଏବଂ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ସରକାରୀ ଯୋଜନାରେ ସ୍ୱଚ୍ଛତା ଆଣିବା ଏବଂ ଲୋକଙ୍କ ନିକଟରେ ସିଧାସଳଖ ସେବା ପହଞ୍ଚାଇବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ । ସ୍ମାର୍ଟଫୋନ୍ ମାଧ୍ୟମରେ ମହିଳାମାନେ ଡିଜିଟାଲ୍ ଦୁନିଆ ସହ ଯୋଡ଼ି ହେବା ସହ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର ସୂଚନା ସହଜରେ ପାଇପାରିବେ, ଯାହା ସେମାନଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ।' ଏହି ସମାରୋହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସରାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସଫଳତାର ସହ ମଞ୍ଚ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ମୋଟ ୧,୫୯,୫୧୧ ପରିବାରର ୫,୧୮,୬୭୯ ଜଣ ସଦସ୍ୟ ପଞ୍ଜୀକୃତ ହୋଇଛନ୍ତି । ସମସ୍ତ ହିତାଧିକାରୀଙ୍କୁ ପ୍ରତି ମାସରେ ମାଗଣାରେ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି ଏବଂ ଏଥିପାଇଁ ମାସିକ ମୋଟ ୨୫,୯୩୩.୦୦ କ୍ୱିଣ୍ଟାଲ ଚାଉଳ ବରାଦ କରାଯାଇଛି । ବର୍ତ୍ତମାନ ଏପ୍ରିଲ, ମେ ଏବଂ ଜୁନ୍ ମାସ ପାଇଁ ଏହି ଚାଉଳ ବଣ୍ଟନ ପ୍ରକ୍ରିୟାକୁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ।ଏହି ଯୋଜନା ଅଧୀନରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ନୂତନ ସ୍ମାର୍ଟ ରାସନ କାର୍ଡ ଓ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସ୍ମାର୍ଟଫୋନ୍ ବଣ୍ଟନ କରାଯାଇଛି । ସ୍ମାର୍ଟ ରାସନ୍ କାର୍ଡ ମାଧ୍ୟମରେ ହିତାଧିକାରୀ ମାନେ ରାସନ ଦୋକାନରୁ ସେମାନଙ୍କର ଅତିରିକ୍ତ ପ୍ରାପ୍ୟ ସହଜରେ ପାଇପାରିବେ ।

# ହାଇୱା ଦୁର୍ଘଟଣା ପରେ ଗାଡି ଭିତରେ ଚାପି ହୋଇ ରହିଗଲେ ଡ୍ରାଇଭର

ବାଲିଗୁଡା ୧୨/୬(ବିଭୂତି ଲହରିଆ )ଘାଟିରେ ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ହାଇୱା କ୍ଷ କନ୍ଧମାଳ ଜିଲ୍ଲା କଛ.ନୂଆଗାଁ ଥାନା କୁରୁଙ୍ଗୁଲି ଘାଟି ରେ ଘଟିଛି ଦୁର୍ଘଟଣା କ୍ଷ ଦୁର୍ଘଟଣା ପରେ ହାଇୱା ଭିତରେ ଚାପି ହୋଇଗଲେ ଡ୍ରାଇଭର କ୍ଷ ଫୁଲବାଣୀ ରୁ ସିମେଣ୍ଟ ବୋଝେଇ ହାଇୱା ଟି କ.ନୂଆଗାଁ ଅଭିମୁଖେ ଆସୁଥିବା ବେଳେ କୁରୁମୁଲି ଘାଟି ବୁଲାଣି ରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା କ୍ଷ



କ.ନୂଆଗାଁ ପୋଲିସ ଓ ସାରଙ୍ଗଡ଼ ଅଗ୍ନିଶମ ବାହିନୀ ର ଉଦ୍ୟମ ପରେ ଚାପି ହୋଇ ରହିଥିବା ଡ୍ରାଇଭର ଙ୍କୁ ଉଦ୍ଧାର କରାଯାଇ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଯାଇଛି କ୍ଷ ଗୁରୁତର ଡ୍ରାଇଭର ସାରଙ୍ଗଡ଼ ଥାନା ଦଣ୍ଡିମାହା ର ବାଞ୍ଛା ପରିଜା ହୋଇଥିବା ଜଣା ପଡିଛି କ୍ଷ ତେବେ ମୁଖ୍ୟ ରାସ୍ତାରେ ହାଇୱା ଦୁର୍ଘଟଣା ପରେ କ.ନୂଆଗାଁ ରୁ ସାରଙ୍ଗଡ଼ -ଫୁଲବାଣୀ କୁ ଯାତାୟାତ ଠପ ରହିଥିଲା କ୍ଷ ରାସ୍ତା ଜାମ ଫଳ ରେ ଉଭୟ ପାର୍ଶ୍ୱ ରେ ବହୁ ଗାଡି ମୋଟର ଅଟକି ରହିଥିବା ବେଳେ ଦୀର୍ଘ ସାତ ଘଣ୍ଟା ପରେ ଦୁର୍ଘଟଣା ଗ୍ରସ୍ତ ହାଇୱା କୁ ହଟାଯିବା ପରେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ମାଛ ମାରିବାକୁ ଯାଇ ବ୍ରାହ୍ମଣୀ ନଦୀରେ ବୁଡି ଯୁବକ ମୃତ୍ୟୁ

ଅନୁଗୋଳ ୧୨/୦୬ (ଅକ୍ଷର ଓଡିଶା )ଅନୁଗୁଳ ଜିଲ୍ଲା ସମଲ ଥାନା ସିଲିଂ ଠାରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବ୍ରାହ୍ମଣୀ ନଦୀ ରେ ବୁଡି ଯୁବକ ମୃତ୍ୟୁ ହୋଇଥିବା ଜଣାପଡିଛି । ସୁଚନା ମୁତାବକ ସିଲିଂ ଗ୍ରାମର ମିଟୁ ଦେହୁରୀ ରାତିରୁ ବ୍ରାହ୍ମଣୀ ନଦୀକୁ ଡଙ୍ଗା ସାହାଯ୍ୟରେ ମାଛ ମାରିବାକୁ ଯାଇ ଘରକୁ ଆଉ ନଫେରିବାରୁ ପରିବାର ଲୋକ ଖୋଜିଥିଲେ ।ବହୁ ଖୋଜାଖୋଜି ପରେ ମିଟୁଙ୍କ କୌଣସି ଖୋଜଖବର ମିଳି ନଥିବାରୁ ପରିବାର ପକ୍ଷରୁ ସ୍ଥାନୀୟ ପୋଲିସ ଏବଂ ଦମକଳବାହିନୀଙ୍କୁ ଖବର ଦେଇଥିଲେ ।ଘଟଣାସ୍ଥଳରେ ସମଲ ପୋଲିସ ଓ କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି ପରେ ମୃତଦେହ ଉଦ୍ଧାର କରିଥିବା ଦେଖିବାକୁ ମିଳିଥିଲା ।ପରେ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ଜଣାପଡିଛି ।ବ୍ରାହ୍ମଣୀ ନଦୀରେ ବାରମ୍ବାର ଜନସାଧାରଣଙ୍କଠୁ ଆରମ୍ଭ କରି ମାଛଧରାଳୀ ବୁଡି ଏପରି ମୃତ୍ୟୁ ଘଟୁଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ନଦୀର ବିଭିନ୍ନ ସ୍ଥାନରେ ସଚେତନତା ବୋର୍ଡ ଲଗାଯାଇଛି ।



# 'ରଜ ମହୋତ୍ସବ' ପାଇଁ ଶେଷ ବୈଠକ ୧୨ ଜୁନ୍ କୁ ଘୁଞ୍ଚିଲା ଫର୍ମର ଅବେଦନ



କଟକ୧୨/୦୬(ଅକ୍ଷର ଓଡ଼ିଶା) : କଟକ ସଦର ୪୨ ମୌଜା ଅନ୍ତର୍ଗତ କଳପଡ଼ାସ୍ଥିତ କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ୧୪, ୧୫ ଓ ୧୬ ତାରିଖ ୩ ଦିନ ଧରି 'ରଜ ମହୋତ୍ସବ' ପାଳନ କରାଯିବ। ଏ ନେଇ ଏକ ଶେଷ ପ୍ରସ୍ତୁତି ବୈଠକ କଳପଡ଼ା ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୧୧ଟି ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି 'ରଜ ମହୋତ୍ସବ' ପ୍ରସ୍ତୁତି ବୈଠକରେ ସଭାପତି ତଥା ଶିକ୍ଷାବିତ ମନୋଜ କୁମାର ନାୟକ ଜଣାଇଛନ୍ତି। ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟ ଦ୍ୱାରା ଆୟୋଜିତ 'ରଜ ମହୋତ୍ସବ' ୨୦୨୬ ର ଅଫ ଲାଇନ୍ ଓ ଅନ ଲାଇନ ଫର୍ମ ଅବେଦନ ର ଶେଷ ତାରିଖ ୧୦ ବଦଳରେ ୧୨ ଜୁନ୍ କୁ ବଢେଇ ଦିଆଯାଇଛି। ଏହି ଫୋନ୍ ନମ୍ବର ରେ ୯୮୫୩୯୨୪୬୦୭ ଯୋଗା ଯୋଗ କରିପାରିଲେ ଭାଗ ନେବାକୁ ଥିବା ପ୍ରତିଯୋଗୀ ମାନେ ବିଭିନ୍ନ ତଥ୍ୟ ପାଇ ପାରିବେ ବୋଲି ସଙ୍ଗଠନର ଉପଦେଷ୍ଟା ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି ।

# ବାଲ୍ୟ ବିବାହ ରୋକିବା ଉପରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର:୧୨।୬(ସଂଗ୍ରାମ ମହାପାତ୍ର) ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗର ସମନ୍ୱୟରେ ସୁବର୍ଣ୍ଣପୁର ଜିଲ୍ଲାରେ କିପରି ଭାବରେ ବାଲ୍ୟ ବିବାହ ରୋକାଯାଇପାରିବ, ସେ ବିଷୟରେ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଅଧ୍ୟକ୍ଷତା ଆୟୋଜିତ ହୋଇଥିଲା। କିଶୋରୀ ଗର୍ଭଧାରଣ ଭଳି ଗୁରୁତର ସମସ୍ୟାର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୟୁନିସେଫ ଭୁବନେଶ୍ୱରର ସହଯୋଗରେ ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୟୁନିସେଫର ସମ୍ବଳ ବ୍ୟକ୍ତି ଘାସିରାମ ପଣ୍ଡା ଶିକ୍ଷା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼. ସାହୁ କହିଥିଲେ ଯେ, ବାଲ୍ୟ ବିବାହ ସମ୍ବନ୍ଧୀୟ ଘଟଣାରେ ଆଇନ ପ୍ରୟୋଗ ସହିତ ମାନବିକ ଦୃଷ୍ଟିକୋଣକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ଯଦିଓ ଯୁବକ-ଯୁବତୀଙ୍କ ବୟସ ବିବାହ ପାଇଁ ଅନୁମତିପ୍ରାପ୍ତ ବୟସରେ ପହଞ୍ଚି ନଥାଏ, ସେମାନଙ୍କ ଭାବନା, ପରିବାରର ପରିସ୍ଥିତି ଏବଂ ସେମାନଙ୍କ ଭବିଷ୍ୟତକୁ ବିଚାର କରି ନିଷ୍ପତ୍ତି ନେବା ଉଚିତ। କେବଳ ଆଇନଗତ ପଦକ୍ଷେପ ନୁହେଁ, ବରଂ ସଚେତନତା, ପରାମର୍ଶ ଓ ସମନ୍ୱୟ ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ବୈଠକରେ କିଶୋରୀ ଗର୍ଭଧାରଣ ହାର ହ୍ରାସ କରିବା ଏବଂ ଜିଲ୍ଲାର କିଶୋରୀମାନଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବ୍ୟାପକ କୌଶଳ ଉପରେ ଆଲୋଚନା କରାଯାଇଥିଲା। ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ସମୁଦାୟ ସ୍ତରରେ ସଚେତନତା ବୃଦ୍ଧି, ପାଠପଢ଼ା ଛାଡ଼ିବା ଘଟଣାକୁ ରୋକିବା ଏବଂ




କିଶୋରୀମାନଙ୍କ ସଶକ୍ତିକରଣ ପାଇଁ 'ଅଦ୍ୱିକା' ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ବହୁ-ବିଭାଗୀୟ ପ୍ରୟାସ ଜିଲ୍ଲାର ଯୁବପିଢ଼ୀ ପାଇଁ ଏକ ସୁରକ୍ଷିତ ଓ ସୁସ୍ଥ ଭବିଷ୍ୟତ ଗଢ଼ି ତୋଳିବ ବୋଲି କାର୍ଯ୍ୟକ୍ରମରେ ଆଶା ପ୍ରକାଶ ପାଇଥିଲା ।

# ପ୍ରାଣଦେଈପୁର ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ବାଲୁଗାଁ ୧୨/୦୬ (ଅକ୍ଷର ଓଡିଶା ): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅନ୍ତର୍ଗତ ପ୍ରାଣଦେଈପୁର ଛକରେ ଆଜି ଦିନ ୧୧ ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗାମୀ କାର ଧକ୍କାରେ ବାଇକ୍ ଆରୋହୀ ଆହତ ହୋଇଛନ୍ତି.ମିଳିଥିବା ସୂଚନା ଅନୁଯାୟୀ, ପାରିକୁଦ ମାଲୁଦର କବିତା ବିଶ୍ୱାଳ, ୪୨ ବର୍ଷ ଏବଂ ଲକ୍ଷ୍ମୀଚରଣ ବିଶ୍ୱାଳ, ୫୨ ବର୍ଷ ବାଇକ୍ ଯୋଗେ ବାଲୁଗାଁରୁ କାମ ସାରି ସରଳସିଂହ ଆଡ଼କୁ ଯାଉଥିଲେ.ପ୍ରାଣଦେଈପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ କାର ତାଙ୍କ ବାଇକକୁ ଜୋରରେ ଧକ୍କା ଦେଇଥିଲା।ଦୁର୍ଘଟଣା ପରେ କାର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି.ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଭାବରେ ଉଦ୍ଧାର କରାଯାଇ ପ୍ରଥମେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତରଙ୍କ ପରାମର୍ଶରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି

# ଦାରିଙ୍ଗବାଡ଼ି ବ୍ଲକ YMCA ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଦାରିଙ୍ଗବାଡ଼ି :୧୨/୬(ମୃତ୍ୟୁଞ୍ଜୟ ପ୍ରଧାନ).ଦାରିଙ୍ଗବାଡି ବ୍ଲକ ଣଗଉଇ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ୟୁଙ୍ଗ ମାନ ଖ୍ରୀଷ୍ଟିଆନ ଆସୋସିଏସନ ଉପଦେଷ୍ଟା ପାଷ୍ଟର ସୁନିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ସାଫେଇ କାର୍ଯ୍ୟ କରିଥିଲେ। ସାଫେଇ କାର୍ଯ୍ୟରେ ଆସୋସିଏସନର ସମସ୍ତ ସଦସ୍ୟ ସଦସ୍ୟା ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମପ୍ଲାନର ପ୍ରତିନିଧି ଯୋଗଦେଇ ଦାରିଙ୍ଗବାଡ଼ି ବଜାର ସହିତ ବିଭିନ୍ନ ସ୍ଥାନକୁ ସଫା ସୁତୁରା କରି ପରିବେଶକୁ ନିର୍ମଳ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରି ସଚେତନ ଦେଇଥିଲେ ।

# ପାରଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇଲା

ପାରଳାଖେମୁଣ୍ଡି, ୧୨/୬(ତାରିଣୀ ପ୍ରସାଦ ପଣ୍ଡା): ପ୍ରସିଦ୍ଧି ଲାଭ କରିଥିବା ପାରଳାଖେମୁଣ୍ଡି ପବିତ୍ର ରଥଯାତ୍ରା ନିମନ୍ତେ ପାରଳା ରାଜଦାଣ୍ଡରେ



ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇଛି। ବର୍ତ୍ତମାନର ଉତ୍ତପ୍ତ ଖରାକୁ ଖାତିର ନକରି ପାରଳା ରାଜଦାଣ୍ଡ ସ୍ଥିତ ରଥଖଳାରେ ରଥ ନିର୍ମାଣ କରୁଥିବା କାରିଗରମାନେ ଦିନରାତି ରଥ ନିର୍ମାଣରେ ଲାଗି ପଡିଛନ୍ତି. ବର୍ତ୍ତମାନ ୩ ଗୋଟି ରଥର ଚକ, ଅଖ, ଦଣ୍ଡା ଓ ଅନ୍ୟାନ୍ୟ ଅଂଶ ନିର୍ମାଣ କାମ ଚାଲିଛି। ରଥ ନିର୍ମାଣର ମୁଖ୍ୟ କାରିଗର ଅଶୋକ ମହାରଣା କହିଛନ୍ତି ଯେ, ଆମ୍ଭମାନଙ୍କ ପୂର୍ବପୁରୁଷ ଅମଳରୁ ତିନି ଠାକୁରଙ୍କ ପବିତ୍ର ରଥ ନିର୍ମାଣ କାର୍ଯ୍ୟ ତୁଲାଇ ଆସୁଅଛୁ । ଚଳିତ ବର୍ଷ ମଧ ଠିକ ସମୟରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ରଥଯାତ୍ରା ଦିନ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହେବ. ଗଜପତି ପ୍ରଶାସନ ଚଳିତ ବର୍ଷର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସଫଳ ରୂପାୟନ ପାଇଁ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

# ଓଡିଶାରେ ବିଜେପି ସରକାରକୁ ଦୁଇ ବର୍ଷ ବ୍ୟବସ୍ଥା ବଦଳିଛି

କବିସୂର୍ଯ୍ୟନଗର,୧୨/୬(ବିବେକାନନ୍ଦ ସାହୁ): ବିକାଶ ଅପେକ୍ଷା ନେତାଙ୍କ ଆତ୍ମପ୍ରଚାର ବଢିଯାଇଛି।ସରକାରଙ୍କ ଦୁଇ ବର୍ଷ ଶାସନର ରିପୋର୍ଟକାର୍ଡରେ ରହୁଛି ଦୁସ୍ଥ କବିସୂର୍ଯ୍ୟନଗର। ଦୁଇ ବର୍ଷ ସରକାରରେ ରିପୋର୍ଟ କାର୍ଡ କେତେ ସଫଳତା ଆଉ କେତେ ବିଫଳତା ଲୋକେ ହିସାବ କରୁଥିବା ବେଳେ ୨୪ ବର୍ଷ ବିଜେଡି ସରକାରକୁ ହରାଇ ବିଜେପିକୁ ଜିତାଇ ଆଣି ଲୋକେ ଯାହା ଭାବିଥିଲେ ଠିକ ଓଲଟା ହେଲା। ଦୁଇ ବର୍ଷ ପୂର୍ତ୍ତି ଅବସରରେ କଣ କରିଛି ବିଜେପି ସରକାର ଆଜିଠୁ ୩୦ ଯାଏଁ ଉତ୍ସବ ପାଳନ କରିବାକୁ ସ୍ଥିର ହୋଇଛି। ହେଲେ କବିସୂର୍ଯ୍ୟନଗରରେ ବିକାଶ ହୋଇଛି କଣ ।ଆମେ ଲେଖିଛୁ ୧୨୫ ବିଧାନସଭା କ୍ଷେତ୍ର କବିସୂର୍ଯ୍ୟନଗର ଅଂଚଳର କଥା।ଗତ ସାଧାରଣ ନିର୍ବାଚନ ପର ଠାରୁ ଲାଗି ରହିଛି ରାଜନୈତିକ ଅସ୍ଥିରତା, ତିକ୍ତତା,ମନାନ୍ତର।କବିସୂର୍ଯ୍ୟନଗର ମୁନ୍ସିପାଲଟି ବ୍ଲକ ରେ ଲାଗିରହିଛି ଅଚଳାବସ୍ଥା।ବିନା ଅଧକ୍ଷରେ ଚାଲିଛି ଦୁଇଟି କାର୍ଯ୍ୟାଳୟ।ପୂର୍ତ୍ତ ବିଭାଗ ଓ ବ୍ଲକରେ ନାହାନ୍ତି ସହକାରୀ ନିର୍ବାହୀ ଯନ୍ତ୍ରୀ। ମେଡିକାଲରେ ଆବଶକୀୟ ଡାକ୍ତର ନାହାନ୍ତି। ସରକାରୀ ପାଠାଗାର ଅଛି କିନ୍ତୁ ଦୀର୍ଘ ଆଠ ମାସ ହେଲା ତାଲା ଝୁଲୁଛି। ନେତା, କୁଜି ନେତା କହୁଛନ୍ତି ଆମେ ସହର ର ବିକାଶ କରୁଛୁ।ଅବାକାରୀ ବିଭାଗ ଅଛି ଝୁଲିଛି ତାଲା,ସବୁଠି ଚାଲିଛି ବେଆଇନ ମଦ ପସରା, ବନ ବିଭାଗ ଅଧିକାରୀ ନାହାନ୍ତି, ଏପଟେ ବନ ବିଭାଗ କାର୍ଯ୍ୟାଳୟ ଫାଟକରେ କଳଙ୍କି ଲାଗିଲାଣି ଲଟାବୁଦାରେ ବୁଡିଗଲାଣି ସରକାରୀ ଘର। ମୃତିକା ସଂରକ୍ଷଣ ବିଭାଗ ଅଧିକାରୀ କିଏତାର କାର୍ଯ୍ୟାଳୟ କେଉଁଠି ଆଜି ଯାଏଁ ଲୋକ ଜାଣିପାରିଲେନି।ଉଦ୍ୟାନ ବିଭାଗ ଅଛି, କିନ୍ତୁ ଚାଷୀ ପାଉନାହାନ୍ତି ଲାଭ।କାଗଜ ପତ୍ରରେ ଚାଲିଛି ବିକାଶ।ସେହିପରି କବିସୂର୍ଯ୍ୟନଗର ଏନଏସିରୁ ମୁନ୍ସିପାଲଟି ଘୋଷଣା ହେଲା କିନ୍ତୁ ଅବସ୍ଥା ଦୟନୀୟ ସ୍ଥିତି ରେ ରହିଛି।ପୌର ନିର୍ବାଚନ ପରେ ଆଉ କୌଣସି ସାହିରେ ଝୁଡିଏ ମାଟି ପଡିନି। କୋଟି କୋଟି ଟଙ୍କା ଦୁର୍ନୀତିର ତଦନ୍ତ ଦାବୀ କରୁଥିବା ବିଜେପି ବିଧାୟକ ମୁହଁରେ ତୁଣ୍ଡି ବାନ୍ଧି ଦେଇଛନ୍ତି। ସରକାରୀ କଳର ଦୁର୍ବଳଲତା ପଦାରେ ପଡ଼ିଥିଲେ ମଧ୍ୟ ଶାସକ ଦଳର ନେତାଙ୍କ ଅହଂକାର ଓ ଆତ୍ମ ପ୍ରଚାର ଯୋଗୁଁ ଅଞ୍ଚଳର ବିକାଶ ଦେଖିବା ସମ୍ଭବପର ନୁହେଁ ବୋଲି ଲୋକେ କହିଲେଣି। ଦୁଇ ବର୍ଷ ପୂର୍ତ୍ତି ଅବସରରେ ଲୋକଙ୍କ ପାଖକୁ ଯାଇ ବିଜେପି ଦୁଇ ବର୍ଷର ହିସାବ ଦେବା ସରକାରୀ ସ୍ତରରେ ନିଷ୍ପତି ହୋଇଥିବାରୁ ବିଜେପି ରିପୋର୍ଟ କାର୍ଡରେ ଏ ସବୁ ସ୍ଥାନ ପାଇବ କି ବୋଲି ସାଧାରଣରେ ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

## ଚାମେଲି ଓଝାଙ୍କୁ ପୋଲିସ ଉଠାଇବା ଘଟଣା

# ପ୍ରତିବାଦରେ ଏସପି ଅଫିସ ଘେରାଉ କରିବ ଜିଲ୍ଲା ସରପଞ୍ଚ ସଂଘ

କେନ୍ଦ୍ରାପଡ଼ା।୧୨।୬।(ଗଗନ କୁମାର ପ୍ରଧାନ ): ଭାଇରାଲ ସରପଞ୍ଚ ଚାମେଲି ଓଝାଙ୍କୁ ପୋଲିସ ଉଠାଇବା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା । ଏହା ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ସମର୍ଥନରେ ଏବେ ବାହାରିଛି ଜିଲ୍ଲା ସରପଞ୍ଚ ସଂଘ।ଏହାର ପ୍ରତିବାଦରେ ଏସପି ଅଫିସ ଘେରାଉ କରିବ ସଂଘ। ତେବେ



ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଭେଟିବା ପାଇଁ ଯାଇଥିବା ସରପଞ୍ଚ ଚାମେଲି ଓଝା ଓ ବିଡିଓଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହି ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ଭାଇରାଲ ସରପଞ୍ଚ ଚାମେଲି ଓଝାଙ୍କୁ ଉଠାଇ ନେଇଥିଲା ପୋଲିସ ।ମହାକାଳପଡ଼ା ପୋଲିସ ତାଙ୍କୁ ନେବା ବେଳେ ସୋସିଆଲ ମିଡିଆରେ ଲାଇଭ କରି ନିଜେ ଚାମେଲି ଏକଥା ଜଣାଇଥିଲେ । କେବଳ ଚାମେଲି ନୁହଁନ୍ତି ତାଙ୍କ ଭାଇଙ୍କୁ ମଧ୍ୟ ପୋଲିସ ଉଠାଇ ନେଇଥିବା ଭିଡିଓ ସେ ସେୟାର କରିଥିଲେ । ଉଦ୍ଦେଶ୍ୟମୂଳକ ଭାବେ ପୋଲିସ ଏହା କରିଥିବା ଚାମେଲି ଅଭିଯୋଗ କରିଛନ୍ତି । ଏଥିରେ ଚାମେଲିଙ୍କୁ ଦୁର୍ବ୍ୟବହାର କରାଯିବା ଓ ମାଡ ମରାଯିବା ଅଭିଯୋଗ ହୋଇଥିଲା । ଏଥିରେ ଅସୁସ୍ଥ ହୋଇ ଚାମେଲି ଜିଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ସେପଟେ ସାନ ଭାଇ ସୂର୍ଯ୍ୟକାନ୍ତ ଓଝାଙ୍କୁ ଗିରଫ କରିଛି ମହାକାଳପଡ଼ା ପୋଲିସ । ମହାକାଳପଡ଼ା ବିଡିଓଙ୍କ ଚାମ୍ବରରେ ପଶି ତାଙ୍କ ଭିଡିଓ ରେକର୍ଡ କରିବା, ବିଡିଓଙ୍କୁ ଦୁର୍ବ୍ୟବହାର କରିବା ଏବଂ ପୋଲିସକୁ ମାଡ ମାରିବା ଅଭିଯୋଗରେ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ସେପଟେ ଚାମେଲିଙ୍କ ବିରୁଦ୍ଧରେ ମହାକାଳପଡା ବିଡିଓ ରବିନାରାୟଣ ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିଛନ୍ତି ।

# ବିନୋଦ ଦାସଙ୍କୁ ମିଳିଲା ନ୍ୟାୟ, ଥାର୍ଡ ଡିଗ୍ରୀ ଅଭିଯୋଗରେ ସସ୍ପେଣ୍ଡ

କେନ୍ଦ୍ରାପଡ଼ା ୧୨/୦୬(ଅକ୍ଷର ଓଡ଼ିଶା) ପଟ୍ଟାମୁଣ୍ଡାଇ ଅବକାରୀ ଥାନାରେ ଥାର୍ଡ ଡିଗ୍ରୀ ପ୍ରୟୋଗ ଅଭିଯୋଗରେ ଅବକାରୀ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ରାଜନଗର ଅଞ୍ଚଳର ବିନୋଦ ଦାସଙ୍କୁ ଅବୈଧ ଭାବେ ନିର୍ଯାତନା ଦିଆଯାଇଥିବା ଅଭିଯୋଗର ତଦନ୍ତ ପରେ ସମ୍ପୃକ୍ତ ଦୁଇ ଅଧିକାରୀଙ୍କୁ ସସ୍ପେଣ୍ଡ କରାଯାଇଛି। ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ଅବକାରୀ ଥାନାର SI ଛାୟାକାନ୍ତ ନାୟକ ଏବଂ ASI ପ୍ରଦୀପ ମଲ୍ଲିକଙ୍କୁ ତୁରନ୍ତ ପ୍ରଭାବରୁ ନିଲମ୍ବିତ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ବିଭାଗୀୟ ତଦନ୍ତ ପରେ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାରୁ ବିନୋଦ ଦାସଙ୍କୁ ନ୍ୟାୟ ମିଳିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ସହରାଞ୍ଚଳ ଜନସମ୍ପର୍କ ଓ ଭାଗିଦାରି କାର୍ଯ୍ୟକ୍ରମ



ସମ୍ବଲପୁର ୧୨/୦୬(ଅକ୍ଷର ଓଡ଼ିଶା) ହୀରାକୁଦ ମ୍ୟୁନିସିପାଲିଟି ବ୍ରାଞ୍ଚ ଅଫିସଠାରେ ସହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ଶ୍ରୀ ଭିକ୍ଟର ସୋରେନ,ନୋଡାଲ ଅଧିକାରୀ ମହାନଗର ନିଗମ ସମ୍ବଲପୁର, ଶ୍ରୀ ଶଙ୍କର ସାହୁ ଅତିରିକ୍ତ କମିସନର ସମ୍ବଲପୁର, ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ କାର୍ତ୍ତିକ କଲେତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ଥାନିୟ ଜନସାଧାରଣଙ୍କ ସମସ୍ୟା ଯଥା ନାଳି,ନର୍ଦ୍ଦମା, ରାସ୍ତା, ଲାଇଟ୍ ଏହିଭଳି ବହୁ ମୌ।ଳିକ ସମସ୍ୟା ସମ୍ବଲପୁର ମହାନଗର ଅଧିକାରୀ ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଅଧିକାରୀ ମାନେ ଏହି ବିଷୟର ଗୁରୁତ୍ୱ ଉପଲବ୍ଧି କରି ଶିଘ୍ର ସମାଧାନ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ସମସ୍ତ ଅଭିଯୋଗ ଶୁଣାଯାଇ ସ୍ଥଳ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ଯଥାଶୀଘ୍ର କାର୍ଯ୍ୟ ହେବାପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଗଜପତିରେ କାଳବୈଶାଖୀର ତାଣ୍ଡବ, ଉଡିଲା ୧୫ ଘରର ଛପର

ପାରଳାଖେମୁଣ୍ଡି, ୧୨/୬(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାର ମୋହନା ବ୍ଲକ୍ ପି. ଗୋବିନ୍ଦପୁର ଅଞ୍ଚଳରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ଏହି ଗ୍ରାମର ୧୫ ଜଣଙ୍କ ଘର ଟିଣ ଓ ଚାଳ ଛପର ଉଡିଯାଇଛି. ଫଳରେ ଖୋଲା ଆକାଶ ତଳେ ରହିଛନ୍ତି ଏହି ୧୫ ପରିବାରର ଲୋକେ। ଗତକାଲି ଅପରାହ୍ନ ୫ ଘଣ୍ଟା ସମୟରେ ଅଚାନକ କାଳ ବୈଶାଖୀଜନିତ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ଫଳରେ ଗୋବିନ୍ଦପୁର ଗାଁର ୧୫ ଜଣଙ୍କ ଘର ଛପର ଉଡ଼ିଯାଇଥିବା ଅଭିଯୋଗ ହୋଇଛି। ଛପର ଉଡି ଯାଇଥିବା ଅସହାୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ସେମାନେ ନିବେଦନ କରିଛନ୍ତି। ଘଟଣା ନେଇ ମୋହନା ତହସିଲଦାର ଚକ୍ରଧର ପାଢ଼ୀ ଅନୁଧ୍ୟାନ କରାଯାଇ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ





ଲୋକଙ୍କୁ ନିଶ୍ଚିତ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି. କାଳବୈଶାଖୀର ଏହି ତାଣ୍ଡବ ଯୋଗୁଁ ଏହି ଗ୍ରାମରେ କେତେକ ପୁରାତନ ବଡ଼ ବଡ଼ ଗଛ ଭାଙ୍ଗି ପଡିଛି. ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିବା ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ରହିଛି ।

# ଜିଲ୍ଲାପାଳଙ୍କ ଦ୍ୱାରା 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ'ର ଶୁଭାରମ୍ଭ

ନୂଆପଡ଼ା, ୧୨/୦୬( ଅକ୍ଷର ଓଡିଶା ) ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସ ଅବସରରେ ନୂଆପଡ଼ା ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ନିମନ୍ତେ ୧୫ ଦିନିଆ ସ୍ୱତନ୍ତ୍ର ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି କ୍ଷ ଏହି ଅଭିଯାନ ୧୨ ଜୁନରୁ ୨୬ ଜୁନ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ପାଳନ କରାଯିବ।ଏହି ଅବସରରେ ଜ୍ଲିଲ୍ଲା ମୁଖ୍ୟାଳୟ ପରିସରରୁ ଜିଲ୍ଲାପାଳ ମଧୁସୂଦନ ଦାଶ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲ୍ଲା ଏବଂ ବ୍ଲକ ମୁଖ୍ୟାଳୟ ସମେତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିଭ୍ରମଣ କରି ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରିବ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା, ଜିଲ୍ଲା ଶ୍ରମ ଅଧିକାରୀ



ଜସ୍ମିନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।ଅନ୍ୟପକ୍ଷରେ ଖଡ଼ିଆଳଠାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଛାତ୍ରଛାତ୍ରୀ, ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ଏକ ବିଶାଳ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।ପରବର୍ତ୍ତୀ ସମୟରେ ଖଡ଼ିଆଳସ୍ଥିତ କ୍ଷତ୍ରିୟ ସମାଜ ଭବନରେ ଏକ ଜିଲ୍ଲାସ୍ତରୀୟ ସଚେତନତା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ର କଡ଼ାକଡ଼ି କାର୍ଯ୍ୟକାରିତା, ଶିଶୁ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର, ପୁନର୍ବାସ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଅଭିଯାନ ଅବଧି ମଧ୍ୟରେ ଜିଲ୍ଲା ଶିଶୁ ଶ୍ରମ ଟାସ୍କଫୋର୍ସ ପକ୍ଷରୁ ରାସ୍ତାକଡ଼ ହୋଟେଲ, ଢାବା, ରେଷ୍ଟୁରାଣ୍ଟ, ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ଚଢ଼ାଉ ଓ ଯାଞ୍ଚ କରାଯିବ। ଶିଶୁ ଓ କିଶୋର ଶ୍ରମିକ ନିୟୋଜନ ହୋଇଥିବା ଜଣାପଡ଼ିଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଶିଶୁ ଶ୍ରମ ବିରୋଧରେ ସଚେତନ ହେବା ସହ ଶିଶୁ ଶ୍ରମମୁକ୍ତ ନୂଆପଡ଼ା ଏବଂ ଶିଶୁ ଶ୍ରମମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି।

# ରଣ ପ୍ରଦାନକାରୀ ସଂସ୍ଥା 'ମୁଥୁଟ୍ ଫିନକର୍ପ' ଉଦଘାଟିତ



ବୁଗୁଡା : ୧୧/୦୬(ଅକ୍ଷର ଓଡିଶା ) : ବୁଗୁଡ଼ା ସହର ବ୍ଲକ ଛକ ନିକଟରେ ଅବସ୍ଥିତ ରଣ ପ୍ରଦାନକାରୀ ସଂସ୍ଥା 'ମୁଥୁଟ୍ ଫିନକର୍ପ'ର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ତାପସ ରାଉତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ମୁଥୁଟ୍ ଫିନକର୍ପ' ସଂସ୍ଥାର ୭୩ତମ ଶାଖାକୁ ଉଦଘାଟନ କରିଥିବା ବେଳେ ଏଥିରେ ଶାଖା ପରିଚାଳକ ସାଇ ପ୍ରସାଦ ବେହେରା, ରିଜିଓନାଲ ମ୍ୟାନେଜର ମଥୁରାନନ୍ଦ ଲେଙ୍କା, ଜୋନାଲ ମ୍ୟାନେଜର ବିବିଲ୍ ଜାକବ୍, ଏରିଆ ମ୍ୟାନେଜର ବି.ସୁରଜ କୁମାର ପାତ୍ରଙ୍କ ସମେତ ଦେବାଶିଷ ଷଡଙ୍ଗି, କୁଳଦୀପ ହୋତା, ପ୍ରମୋଦ ଲେଙ୍କା, ଚିତ୍ରସେନ ଭୂୟାଁ, ରାକେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ଅବସରରେ ଅତିଥିଗଣ ସଂସ୍ଥା ପକ୍ଷରୁ ଯୋଗା ଯାଉଥିବା ବିଭିନ୍ନ ରଣ ପ୍ରଦାନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଲୋକେ କିଭଳି ଏହାର ସୁଫଳ ପାଇପାରିବେ ସେନେଇ ସୂଚନା ଦେଇଥିଲେ ।

# ଆପ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି

ପୁରୀ ୧୨/୦୬(ଅକ୍ଷର ଓଡ଼ିଶା) କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବହିଷ୍କାର ଦାବିରେ ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଗୁରୁବାର ଅପରାହ୍ନରେ ପୁରୀ ଭକ୍ତ ସାଲବେଗ ପୀଠ ସମ୍ମୁଖରେ ବିଭିନ୍ନ ସ୍ଲୋଗାନ ଦେଇ ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଜୋରଦାର ବିରୋଧ ପ୍ରଦର୍ଶନ କରିବା ସହ ଇସ୍ତଫା ଦାବି କରିଛନ୍ତି । ଦେଶର ନିଟ ପ୍ରଶ୍ନ ପତ୍ର ଲିକ୍ ଏବଂ ସିବିଏସଇ ପରୀକ୍ଷା ପତ୍ର ମୂଲ୍ୟାଙ୍କନରେ ତ୍ରୁଟି, ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାର କରିଦେଇଛି । ନିଟ୍ ପରୀକ୍ଷା ବାତିଲ୍ ହେବାପରେ ପ୍ରାୟ ୧୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି ।ବାରମ୍ବାର ପେପର୍ ଲିକ୍ ଏବଂ ଛାତ୍ରଛାତ୍ରୀ ମାନେ ଅସହ୍ୟ ଯନ୍ତ୍ରଣା ପାଉଥିଲେ ମଧ୍ୟ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ହେଇ ବସିଛନ୍ତି ବୋଲି ରାଜ୍ୟ ଲିଗାଲ ସେଲ୍ ସଭାପତି ସିଦ୍ଧାର୍ଥ ପରିଡ଼ା କହିଛନ୍ତି ।

# ନୃତ୍ୟ ପ୍ରତିଭା ଅନୁଷ୍ଠାନ ଦ୍ୱାରା ୧୪ ତମ ରଜ ପ୍ରତିଭା ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର ୧୨/୦୬ (ଅକ୍ଷର ଓଡିଶା ): ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ୧୪ ତମ ରଜ ପ୍ରତିଭା ଉତ୍ସବ ୨୦୨୬ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅତିଥିମାନଙ୍କ ଦ୍ୱାରା ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ତିନୋଟି ଶୈଳୀରେ ଏକକ, ଦ୍ୱୈତ୍ୟ ଓ ଦଳଗତ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ପ୍ରତିବର୍ଷ ଏହି ଅନୁଷ୍ଠାନ ଓଡ଼ିଶାର ଏକ ପାରମ୍ପରିକ ଧାର୍ମିକ ଉତ୍ସବ ରଜ ଉତ୍ସବର ଆୟୋଜନ ସହିତ ଓଡ଼ିଆ ଧର୍ମ ସଂସ୍କୃତିକୁ ଗତିଶୀଳ କରିବା ପାଇଁ ତଥା ଯୁବ ପିଢ଼ିଙ୍କୁ ନିଜ ପରମ୍ପରା ସଂସ୍କୃତିକୁ ଗ୍ରହଣ କରିବା ପାଇଁ ଏହି ଉତ୍ସବ ପ୍ରେରଣା ଯୋଗାଇଥାଏ । ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଅନିରୁଦ୍ଧ ଦାସ, ଟାଟା ଗ୍ରୁପ୍ ର ବିଷୟବସ୍ତୁ ସୃଷ୍ଟିକର୍ତ୍ତା (କଣ୍ଟେଣ୍ଟ କ୍ରିଏଟର) ଅନୁଭବ ଦାସ, ଓଡ଼ିଆ ଗୀତିକାର ପଞ୍ଚାନନ ନାୟକ, ବାସ୍ତୁବିଦ୍ ଡଃ ମନୋଜ ଲେଙ୍କା, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର



ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡା । ଏହି ଅଧିବେଶନରେ ପ୍ରାୟ ୨୦୦ରୁ ଉର୍ଦ୍ଧ ନୃତ୍ୟଶିଳ୍ପୀ ଅଂଶ ଗ୍ରହଣ କରି ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ସନ୍ଧ୍ୟାର ଅତିଥି ଭାବେ ସମୀର ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଓଲିମ୍ପିକ୍ ଆସୋସିଏସନ୍, ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ କଥାକାର, ଜଗନ୍ନାଥ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଭାଜପା, ଡା. ଇତି ସାମନ୍ତ, ସମ୍ପାଦିକା, କାଦମ୍ବିନୀ, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ଚଳିତ ବର୍ଷ ରଜ ପ୍ରତିଭା ସମ୍ମାନ ୨୦୨୬ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଆ ଅଭିନେତ୍ରୀ କୁମାରୀ ଦିବ୍ୟା ମହାନ୍ତିଙ୍କୁ ସଂଧ୍ୟାର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଦିନ ଅଧିବେଶନରେ ପରିଚାଳନା କରିଥିଲେ ରାଜଶ୍ରୀ, ଦେବବ୍ରତ ଓ ପ୍ରୀଥା ଏବଂ ସନ୍ଧ୍ୟା ଅଧିବେଶନରେ ପରିଚାଳନା କରିଥିଲେ ଡ଼. (ଇଂ) ଶ୍ରୀନିବାସ ଘଟୁଆରୀ ଏବଂ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା । ଏହି କାର୍ଯ୍ୟକ୍ରମଟିକୁ ପ୍ରସ୍ତୁତିରେ ସହଯୋଗ କରିଥିଲେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ।



# ଆଜି ଭାରତ-ଆଫଗାନିସ୍ତାନ ପ୍ରଥମ ଦିନିକିଆ

ଧର୍ମଶାଳା ୧୨/୦୬ : ଭାରତ ଓ ଆଫଗାନିସ୍ତାନ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଶନିବାରଠୁ ଆରମ୍ଭ ହେବ। ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଧରମଶାଳାସ୍ଥିତ ହିମାଚଳପ୍ରଦେଶ କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚ୍‌ରେ ଘରୋଇ ଦଳ ଏକାଧିକ ଖେଳାଳିଙ୍କୁ ପଦାର୍ପଣ ସୁଯୋଗ ଦେଇପାରେ। ଧରମଶାଳାରେ ନହେଲେ ବି ଶୃଙ୍ଖଳା ମଧ୍ୟରେ ଗୁରନୁର ବ୍ରାର, ହର୍ଷ ଦୁବେ ଓ ପ୍ରିନ୍ସ ଯାଦବ ନିଶ୍ଚିତ ଭାରତୀୟ ଦିନିକିଆ ଟୋପି ପିନ୍ଧି ପାରନ୍ତି। ଘରୋଇ ଦଳ ଏହି ଶୃଙ୍ଖଳାରେ ଅଭିଜ୍ଞ ବୋଲିଂ ଲାଇନ୍ ଏବଂ ବ୍ୟାଟିଂରେ ବିରାଟ କୋହଲି ଓ ଅଲରାଉଣ୍ଡର ହାର୍ଦିକ ପାଣ୍ଡ୍ୟାଙ୍କ ବିନା ଖେଳିବ। ତେଣୁ ଶୁବମନ ଗିଲ୍ ଏକ ଅନଭିଜ୍ଞ ଦଳକୁ ନେଇ ପଡ଼ିଆକୁ ଓହ୍ଲାଇଲେ ମଧ୍ୟ ଯୁବ ଖେଳାଳି ଚମତ୍କାରିତା ଦେଖାଇ ନିଜ ନିଜ ସ୍ଥାନ ପକ୍କା କରିବା ଆଶାରେ ରହିବେ। ଏହି ଶୃଙ୍ଖଳାରେ ୩୯ ବର୍ଷୀୟ ରୋହିତ ଶର୍ମାଙ୍କୁ ଫିଟ୍‌ନେସ୍ ଓ ନୀତୀଶ ରେଡ୍ଡୀଙ୍କୁ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପରୀକ୍ଷା ହେବ। ଅନ୍ୟପକ୍ଷରେ ଭାରତ ବିପକ୍ଷରେ ଆଫ୍‌ଗାନିସ୍ତାନ ପ୍ରଥମ ବିଜୟ ଆଶାରେ ରହିବ। ଉଭୟ ଦଳ ମୋଟ ୪ ଦିନିକିଆ ଖେଳିଥିଲା ବେଳେ ଭାରତ ୩-୦ରେ ଆଗରେ ରହିଛି। ଗୋଟିଏ ମ୍ୟାଚ୍ ଫଳଶୂନ୍ୟ ରହିଥିଲା। ହସ୍‌ମାତୁଲ୍ଲା ସାହିଦି ଭାରତରେ ଭାରତକୁ ହରାଇ ଇତିହାସ ରଚିବା ଯୋଜନାରେ ଅଛନ୍ତି।ଭାରତର ସମ୍ଭାବ୍ୟ ଏକାଦଶ: ରୋହିତ ଶର୍ମା, ଶୁବମନ ଗିଲ୍ (ଅଧିନାୟକ), ଈଶାନ କିଶନ, ଶ୍ରେୟସ ଆୟର, କେଏଲ୍ ରାହୁଲ (ୱିକେଟ୍‌କିପର), ନୀତୀଶ କୁମାର ରେଡ୍ଡୀ, ହର୍ଷ ଦୁବେ, ପ୍ରସିଦ୍ଧ କୃଷ୍ଣ, ପ୍ରିନ୍ସ ଯାଦବ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ।ଆଫଗାନିସ୍ତାନ ସମ୍ଭାବ୍ୟ ଏକାଦଶ: ରହମନୁଲ୍ଲା ଗୁରବାଜ (ୱିକେଟ୍‌କିପର), ଇବ୍ରାହିମ ଜଦ୍ରାନ, ସେଦିକୁଲ୍ଲା ଅଟଳ, ହସ୍‌ମାତୁଲ୍ଲା ସାହିଦି (ଅଧିନାୟକ), ରହମତ ଶାହ, ଅଜମାତୁଲ୍ଲା ଓମାରଜାଇ, ମହମ୍ମଦ ନବି, ରସିଦ ଖାନ, ମହମ୍ମଦ ସଲିମ, ଏଏମ୍ ଘଜନଫର, ଜିଆଉର ରହମାନ।

### ଭାରତରେ ବଢ଼ିଲା ବିଶ୍ୱକପ୍ ଉତ୍ସାହ

# ଫୁଟ୍‌ବଲ୍‌ପ୍ରେମୀ ବଦଳାଇଲେ ଘର ରଙ୍ଗ

ନୂଆଦିଲ୍ଲୀ ୧୨/୦୬ : ଭାରତରେ କ୍ରିକେଟ୍‌କୁ କ୍ରୀଡ଼ାର ଧର୍ମ ବୋଲି କୁହାଯାଏ। ତଥାପି ପ୍ରତି ଚାରି ବର୍ଷରେ ଥରେ ଆୟୋଜିତ ହେଉଥିବା ଫିଫା ବିଶ୍ୱକପ୍ ସମୟରେ ସାରା ଭାରତରେ ଅପୂର୍ବ ଉତ୍ସାହ ଓ ଉନ୍ମାଦନା ଦେଖିବାକୁ ମିଳେ। ଆର୍ଜେଣ୍ଟିନା, ବ୍ରାଜିଲ୍ ଓ ପର୍ତ୍ତୁଗାଲ୍ ଭଳି ଦଳଗୁଡ଼ିକର ଲକ୍ଷ ଲକ୍ଷ ଭାରତୀୟ ସମର୍ଥକ ଫିଫା ବିଶ୍ୱକପ୍‌କୁ ଏକ ବଡ଼ ପର୍ବ ଭାବେ ପାଳନ କରନ୍ତି। ଚଳିତ ବିଶ୍ୱକପ୍‌ର ସିଧା ପ୍ରସାରଣ ଭାରତରେ ହେବା, ନହେବାର ସଂଶୟ ଦୂର ହେବା ସହ ବିଭିନ୍ନ ରାଜ୍ୟ ଓ ପ୍ରଦେଶରେ ବିଶ୍ୱକପକୁ ନେଇ ଉତ୍ସାହ ଓ ଉନ୍ମାଦନା ଚରମ ସୀମାରେ ପହଞ୍ଚିଛି। ସୁଦୂର ଆମେରିକା, କାନାଡା ଓ ମେକ୍ସିକୋରେ ବିଶ୍ୱକପ୍ ଆୟୋଜିତ ହେଉଥିଲେ ମଧ୍ୟ ଭାରତରେ ମାହୋଲ ବେଶ୍ ସରଗରମ ରହିଛି। ଭାରତୀୟ ଫୁଟବଲ୍ ଦଳ ଫିଫା ମାନ୍ୟତା ତାଲିକାର ୧୩୯ତମ ସ୍ଥାନରେ ଥିଲେ ମଧ୍ୟ ଦେଶରେ ଏହି ମେଗା ଇଭେଣ୍ଟକୁ ନେଇ ଉତ୍ସାହ କମ୍ ନାହିଁ। ଏକ ଅନୁମାନ ଅନୁସାରେ ଭାରତରରେ ୧୧ କୋଟିରୁ ଅଧିକ ଡିଜିଟାଲ୍ ଦର୍ଶକ ଏଥର ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକୁ ଅନୁସରଣ କରିବେ।ଅନିଦ୍ରାରେ କଟିବ ରାତିଲିଓନେଲ୍ ମେସି, କ୍ରିଷ୍ଟିଆନୋ ରୋନାଲଡୋ, ନେମାର ଜୁନିୟର ଓ କିଲିଆନ୍ ଏମ୍‌ବାପେଙ୍କ ଖେଳ ଦେଖିବା ପାଇଁ ଦେଶର ଅନେକ ଫୁଟବଲ୍ ପ୍ରେମୀ ରାତି ଅନିଦ୍ରାରେ କାଟିବାକୁ ପ୍ରସ୍ତୁତ ଅଛନ୍ତି। କାରଣ ଏଥର ବିଶ୍ୱକପ୍‌ର ଅଧିକାଂଶ






ମ୍ୟାଚ୍ ଭାରତୀୟ ସମୟ ମଧ୍ୟରାତ୍ରରୁ ଆରମ୍ଭ ହେବାର ଅଛି। କିଛି ମ୍ୟାଚ୍ ସକାଳେ ବି ଖେଳାଯିବ। ପ୍ରଶଂସକଙ୍କ ପାଇଁ ବିଶ୍ୱକପ୍ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏକ ଭାବନା ଓ ସଂପର୍କର ବିଷୟ। ଏଥର ମେସି ଓ ରୋନାଲଡୋଙ୍କର ଶେଷ ବିଶ୍ୱକପ୍ ହୋଇପାରେ ବୋଲି ଚର୍ଚ୍ଚା ଚାଲିଥିବାରୁ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଯାଉଛି।ଗୋଆ, ପଶ୍ଚିମବଙ୍ଗରେ ଉତ୍ସବର ମାହୋଲପଶ୍ଚିମବଙ୍ଗ, କେରଳ, ଗୋଆ, ପଞ୍ଜାବ ଓ ତାମିଲନାଡୁ ଭଳି ଫୁଟବଲ୍ ପ୍ରେମୀ ରାଜ୍ୟଗୁଡ଼ିକରେ ବିଶ୍ୱକପ୍‌କୁ ନେଇ ଉତ୍ସବର ମାହୋଲ ଦେଖାଯାଉଛି। ରାସ୍ତାଘାଟରେ ବିଭିନ୍ନ ଦେଶର ପତାକା, ଜର୍ସି, ବ୍ୟାନର ଓ ଖେଳାଳିମାନଙ୍କ ବିଶାଳ କଟ୍-ଆଉଟ୍ ଲଗାଯାଇଛି। ସମର୍ଥକମାନେ ନିଜ ନିଜ ପ୍ରିୟ ଦଳର ରଙ୍ଗରେ ଅଞ୍ଚଳକୁ ସଜାଇ ଦେଇଛନ୍ତି। ଉତ୍ତରପ୍ରଦେଶର କାନପୁର ଏବଂ ପଶ୍ଚିମବଙ୍ଗର କୋଲକାତାରେ ଆର୍ଜେଣ୍ଟିନା ଜର୍ସି ଓ ପତାକାର ଲମ୍ବା ମାଳ ଝୁଲୁଥିବା ଦେଖିବାକୁ ମିଳୁଛି। ଫୁଟ୍‌ବଲ୍‌ପ୍ରେମୀ ବଦଳାଇଲେ ଘର ରଙ୍ଗସିଲିଗୁଡ଼ିର ଦୋକାନଗୁଡ଼ିକରେ ବିଭିନ୍ନ ଦଳର ଜର୍ସିର ଚାହିଦା ବଢ଼ିଥିବା ବେଳେ, କେରଳର କିଛି ପରିବାର ନିଜ ଘରକୁ ବ୍ରାଜିଲ୍‌ର ହଳଦିଆ-ସବୁଜ ରଙ୍ଗରେ ରଙ୍ଗାଇ ଦେଇଛନ୍ତି। ଅନେକ ସ୍ଥାନରେ ମେସି ଓ ରୋନାଲଡୋଙ୍କ ବିଶାଳ କଟ୍-ଆଉଟ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।ଏମ୍‌ଏଲ୍ ଆଲଗୋରିଦମର ପୂର୍ବାନୁମାନସ୍ପେନ୍ ଜିତିବ ବିଶ୍ୱକପ୍ !ଲଣ୍ଡନ: ଫିଫା ବିଶ୍ୱକପ୍‌ର ବିଜେତାଙ୍କୁ ନେଇ ସଠିକ୍ ପୂର୍ବାନୁମାନ କରି ଅତୀତରେ ଅକ୍ଟୋପସ୍ 'ପଲ୍' ସାରା ବିଶ୍ୱରେ ଚର୍ଚ୍ଚିତ ହୋଇଥିଲା। ଏବେକାର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍‌ଏଲ୍) ଯୁଗରେ କିନ୍ତୁ ଏଭଳି ଜନ୍ତୁ କିମ୍ବା ଭବିଷ୍ୟବକ୍ତାଙ୍କର ବିଶେଷ ପ୍ରାସଙ୍ଗିକତା ନାହିଁ। ଏବେ ସବୁକିଛି ତଥ୍ୟ ବିଜ୍ଞାନ (ଡାଟା ସାଇନ୍ସ) ଓ ଆଲଗୋରିଦମ ଉପରେ ନିର୍ଭରଶୀଳ। ଏଣୁ ଚଳିତ ଫିଫା ବିଶ୍ୱକପ୍‌ର ୪୮ ଅଂଶଗ୍ରହଣକାରୀ ଦଳର ପୂର୍ବ ରେକର୍ଡ, ସାଂପ୍ରତିକ ପ୍ରଦର୍ଶନ ଓ ଦକ୍ଷତାକୁ ସଂଗ୍ରହ କରି ମେସିନ ଲର୍ଣ୍ଣିଂ ଜରିଆରେ ଅଷ୍ଟ୍ରିଆର ଇନ୍‌ସବ୍ରୁକ୍ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ପ୍ରଧାପକ ଆଚିମ ଜେଲିସ୍ ରୋଚକ ପୂର୍ବାନୁମାନ କରିଛନ୍ତି। ତାଙ୍କ ଅନୁସାରେ ଏଥର ଆର୍ଜେଣ୍ଟିନା ନୁହେଁ ୟୁରୋପୀୟ ଶକ୍ତି ସ୍ପେନ୍ ବିଜେତା ହେବାର ସମ୍ଭାବନା ଅଧିକ ରହିଛି। ଏଆଇ ଓ ମେସିନ ଲର୍ଣ୍ଣିଂ ପ୍ରଯୁକ୍ତି ବିଦ୍ୟାରୁ ମିଳିଥିବା ଫଳାଫଳ ଅନୁଯାୟୀ ଏଥର ସ୍ପେନ୍ ବିଜେତା ହେବାର ୧୪.୫ ପ୍ରତିଶତ ସମ୍ଭାବନା ଥିଲା ବେଳେ ଇଂଲଣ୍ଡ ଓ ଫ୍ରାନ୍ସ ବିଜେତା ହେବାର ୧୨.୪ ପ୍ରତିଶତ ସମ୍ଭାବନା ରହିଛି। ଜର୍ମାନୀ କ୍ଷେତ୍ରରେ ଏହା ରହିଛି ୧୧.୨ ପ୍ରତିଶତ। ପର୍ତ୍ତୁଗାଲ ଓ ଆର୍ଜେଣ୍ଟିନା ବିଜେତା ହେବାର ସମ୍ଭାବନା ପ୍ରତିଶତ ହେଉଛି ଯଥାକ୍ରମେ ୮.୯ ଓ ୮.୨।

## ଅଷ୍ଟ୍ରେଲୀୟ ଓପନ୍ ସେମିରେ ସିନ୍ଧୁ



ସିଡ୍‌ନି ୧୨/୦୬ : ଦୁଇ ଥର ଅଲିମ୍ପିକ୍ସପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ଅଷ୍ଟ୍ରେଲୀୟ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଖେଳାଳିତଥା ଭାରତୀୟ ତାରକା ଶୁକ୍ରବାର ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଚାଇନିଜ୍ ତାଇପେର ଚେନ୍ ସୁ ୟୁଙ୍କୁ ୨୧-୬, ୨୧-୯ରେ ପରାସ୍ତ କରିଛନ୍ତି।ସିନ୍ଧୁ ଫାଇନାଲ୍ ପ୍ରବେଶ ଆଶାରେ ଅଛନ୍ତି ଏହି ମ୍ୟାଚ୍ ଜିତିବାକୁ ତୃତୀୟ ମାନ୍ୟତାପ୍ରାପ୍ତ ସିନ୍ଧୁଙ୍କୁ ମାତ୍ର ୨୭ ମିନିଟ୍ ଲାଗିଥିଲା। ଫାଇନାଲ୍ ସ୍ଥାନ ପାଇଁ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଜାପାନର ଅକାନେ ୟାମାଗୁଚିଙ୍କୁ ଭେଟିବେ। ବିଶ୍ୱର ୩ ନମ୍ବର ୟାମାଗୁଚି ୨୧-୧୪, ୨୧-୧୪ରେ ଭାରତୀୟ ଯୁବତୀ ତନ୍ୱୀ ଶର୍ମାଙ୍କୁ ପରାସ୍ତ କରିଥିଲେ। ୟାମାଗୁଚିଙ୍କ ବିପକ୍ଷରେ ବିଜୟ ବ୍ୟବଧାନ ୧୫-୧୩ ଥିବାରୁ ସିନ୍ଧୁ ଫାଇନାଲ୍ ପ୍ରବେଶ ଆଶାରେ ଅଛନ୍ତି।

## ଇଣ୍ଡୋ-ଫିଲିପାଇନ୍ସ ଓପନ୍ କିକ୍‌ବକ୍ସିଂ

ଭୁବନେଶ୍ୱର ୧୨/୦୬ : ଅନ୍ତର୍ଜାତୀୟସ୍ତରରେ ଦେଶ ଓ ରାଜ୍ୟ ପାଇଁ ଗେରବ ଆଣିଛନ୍ତି ଦୁଇ ଓଡ଼ିଆ କିକ୍‌ବକ୍ସିଂ ଖେଳାଳି ମଧୁପ୍ରିୟା ବାଇ ଓ ସାଇରାଜ ପଟ୍ଟନାୟକ। ଫିଲିପାଇନ୍ସର ଲାପୁଲାପୁ ସିଟିରେ ଆୟୋଜିତ ଡବ୍‌ଲ୍ୟୁକେଏ ଇଣ୍ଡୋ-ଫିଲିପାଇନ୍ସ କିକ୍‌ବକ୍ସିଂ ଓପନ୍ ପ୍ରତିଯୋଗିତାର କେ-୧ ମହିଳା ୫୪ ବର୍ଷରୁ କମ୍‌ରେ ମଧୁପ୍ରିୟା ସ୍ୱର୍ଣ୍ଣ ପଦକ କରାୟତ୍ତ କରିଛନ୍ତି। ସେ ଫାଇନାଲ୍‌ରେ ସ୍ଥାନୀୟ ଖେଳାଳି କ୍ରିଷ୍ଟିନ୍ ଏମ୍‌କୁ ପରାସ୍ତ କରିଥିଲେ।ମହାସଚିବ ପୃଥ୍ୱୀରାଜ ଅଭିନନ୍ଦନ ଜଣାଇଛନ୍ତି ତେବେ ପୁରୁଷ ୭୪ କେଜି କମ୍ ବର୍ଗର ଫାଇନାଲ୍‌ରେ ସାଇରାଜ ହାରି ରେପ୍ୟ ପଦକ ପାଇଥିଲେ। ଉଭୟ ଅଚ୍ୟୁତ ମାର୍ଶାଲ ଆର୍ଟସ୍ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଭାରତୀୟ କିକ୍‌ବକ୍ସିଂ ସଂଘ (ଆଇଏକେଓ) ମହାସଚିବ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଏହି ସଫଳତା ଲାଗି ଖେଳାଳିମାନଙ୍କୁ ଭାରତୀୟ କିକ୍‌ବକ୍ସିଂ ସଂଗଠନ ପ୍ରତିଷ୍ଠାତା, ଅଧ୍ୟକ୍ଷ ଗ୍ରାଣ୍ଡମାଷ୍ଟର ଏସ୍‌ଏସ୍ ହରିଚନ୍ଦନ ଓ ସଭାପତି ପ୍ରବୋଧ ମହାନ୍ତି ଓ ମହାସଚିବ ପୃଥ୍ୱୀରାଜ ଅଭିନନ୍ଦନ ଜଣାଇଛନ୍ତି।

### ନ୍ୟୁଜିଲାଣ୍ଡ କ୍ରିକେଟ୍‌ରେ ଏକ ଯୁଗର ଅନ୍ତ !

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ନେଲେ ମହାନ ଖେଳାଳି

ନୂଆଦିଲ୍ଲୀ ୧୨/୦୬ : ବିଶ୍ୱ କ୍ରିକେଟ୍‌ରେ ଅନ୍ୟତମ ସମ୍ମାନିତ ଏବଂ ସଫଳ ବ୍ୟାଟର କେନ୍ ୱିଲିୟମ୍‌ସନ୍ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ନେଇଛନ୍ତି। ୧୬ ବର୍ଷ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ପରିଚିତ ନାମ ଥିବା ଏହି ଲୋକପ୍ରିୟ ଖେଳାଳି ତତ୍‌କାଳ ପ୍ରଭାବରେ ସନ୍ୟାସ ଘୋଷଣା କରି ଖେଳପ୍ରେମୀଙ୍କୁ ଭାବୁକ କରିଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତିରେ ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ଏକ ସୁବର୍ଣ୍ଣ ଅଧ୍ୟାୟ ଶେଷ ହୋଇଛି। ୱିଲିୟମସନ ଚଳିତ ମାସ ନ୍ୟୁଜିଲାଣ୍ଡ ତରଫରୁ ଇଂଲଣ୍ଡ ବିପକ୍ଷରେ ଲର୍ଡସ ଟେଷ୍ଟ ମ୍ୟାଚ୍‌ରେ ଓହ୍ଲାଇଥିଲେ। ୱିଲିୟସମସନଙ୍କ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ସହିତ ସଂପର୍କ ରହିଛି। ଉଭୟ ଖେଳାଳି ୧୯ବର୍ଷରୁ କମ୍ କ୍ରିକେଟ୍‌ରେ ଏକ ସମୟରେ ପଡ଼ିଆକୁ ଓହ୍ଲାଇଥିଲେ। ୩୫ ବର୍ଷୀୟ କେନ୍ ୱିଲିୟମସନ୍ ନିଜର କ୍ୟାରିୟର ଶେଷ ନ୍ୟୁଜିଲାଣ୍ଡର ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ କରିଛନ୍ତି। ସେ ୩୭୮ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୯,୩୪୭ ରନ୍ କରିଛି, ଯେଉଁଥିରେ ସେ ୪୮ଟି ଶତକ ସାମିଲ କରିପାରିଛନ୍ତି। ତଥ୍ୟ ଅନୁସାରେ ସେ କେବଳ ନ୍ୟୁଜିଲାଣ୍ଡରେ ନୁହେଁ, ବରଂ ନିଜର ଗସ୍ତର ସବୁଠାରୁ ଜଣେ ଭଲ ବ୍ୟାଟର ମଧ୍ୟ ହୋଇପାରିଛନ୍ତି। ଆକ୍ରମଣ କମ୍, ଧୈର୍ଯ୍ୟ ବେଶୀ୨୦୧୦ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ରଖିଥିବା କେନ୍ ୱିଲିୟମସନ୍ କମ ସମୟ ମଧ୍ୟରେ ନିଜର କେଶଳ, ଧୈର୍ଯ୍ୟ ହାସଲ କରିଥିଲେ। ତାଙ୍କର ବ୍ୟାଟିଂରେ ଆକ୍ରମଣାତ୍ମକ କମ ଦେଖାଯାଉଥିଲା। କିନ୍ତୁ ପ୍ରଭାବ ଏବଂ ନିରନ୍ତରତା ସର୍ବାଧିକ ଦୃଶ୍ୟମାନ ହେଉଥିଲା। ଯେଉଁ ସମୟରେ ନ୍ୟୁଜିଲାଣ୍ଡକୁ ବିଶ୍ୱର ମଜବୁତ ଟିମ୍ ଭାବେ ଦେଖାଯାଉଥିଲା, ସେହି ସମୟରେ ୱିଲିୟମସନ ପ୍ରମୁଖ ମୁହଁ ଭାବେ ଦେଖାଯାଇଥିଲେ। ସେ କେବଳ ଜଣେ ରନ ସଂଗ୍ରହକାରୀ ଖେଳାଳି ନଥିଲେ, ବରଂ ଦଳକୁ ବିଜୟୀ କରିବାରେ ବଡ଼ ଭୂମିକା ତୁଲାଉଥିଲେ। ୨୦୨୧ରେ ବଡ଼ ସଫଳତାବ୍ୟାଟିଂ ବ୍ୟତୀତ ଅଧିନାୟକ ଭାବେ କେନ୍ ୱିଲିୟମସନଙ୍କ ଯୋଗଦାନ ସ୍ମରଣୀୟ ରହିବ। ତାଙ୍କର ନେତୃତ୍ୱରେ ନ୍ୟୁଜିଲାଣ୍ଡ ୨୦୧୯ର ଦିନିକିଆ ବିଶ୍ୱକପ ଫାଇନାଲ ପର୍ଯ୍ୟନ୍ତ ପହଞ୍ଚି



ପାରିଥିଲା। କିନ୍ତୁ ତାଙ୍କର କ୍ୟାରିୟରର ସବୁଠାରୁ ବଡ଼ ଉପଲବ୍ଧି ୨୦୨୧ରେ ଅନୁଭୂତ ହୋଇଥିଲା। ସମୟ ଥିଲା ଭାରତକୁ ପରାସ୍ତ କରି ନ୍ୟୁଜିଲାଣ୍ଡ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଟାଇଟଲ ହାସଲ କରିଥିଲା। ଏହି ବିଜୟ ଉଭୟ ନ୍ୟୁଜିଲାଣ୍ଡ ଏବଂ କେନ୍ ୱିଲିୟମସନଙ୍କୁ ବଡ଼ ପରିଚୟ ଦେଇଥିଲା। ଉତ୍ତମ ବ୍ୟବହାର ପାଇଁ ଜଣାଶୁଣାକେନ୍ ୱିଲିୟମସନ୍ କେବଳ ନିଜର ରେକର୍ଡସ ପାଇଁ ନୁହେଁ, ବରଂ ତାଙ୍କର ବ୍ୟବହାର ଏବଂ ଖେଳାଳି ଭାବନା ପାଇଁ ମଧ୍ୟ କ୍ରିକେଟପ୍ରେମୀ ଏବଂ ପ୍ରଶଂସକଙ୍କ ହୃଦୟରେ ରହିବେ। ପଡ଼ିଆରେ ଯଦି ସେ କେବେକେବେ ରାଗିଲା ପରି ଦେଖାଯାଇଛନ୍ତି, କିନ୍ତୁ ବିଜୟ ଅଥବା ପରାଜୟରେ ତାଙ୍କର ମୁହଁରେ ସବୁବେଳେ ଶାନ୍ତି ଏବଂ ବିନମ୍ରତା ଦେଖାଯାଏ। ଏହି କାରଣରୁ ତାଙ୍କୁ ବିପକ୍ଷ ଦଳ ସମ୍ମାନ କରିଥାନ୍ତି। ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ୍ ରବ ୱାଲ୍ଟର କହିଛନ୍ତି, କେନ୍ ୱିଲିୟମସନ ଭଳି ଖେଳାଳି ଏବଂ ମଣିଷ ବହୁତ କମ ଦେଖାଯାଆନ୍ତି। କେନ୍ ୱିଲିୟମସନଙ୍କ ପ୍ରଭାବ ଅନେକ ବର୍ଷ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ କ୍ରିକେଟର ସଂସ୍କୃତିରେ ଦେଖାଯିବ।

## ଜନ ଶିକ୍ଷଣ ସଂସ୍ଥାନ ନୟାଗଡରେ ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସ



ନୟାଗଡ ୧୨/୦୬(ଅକ୍ଷର ଓଡ଼ିଶା) : ବାରମାସୀ ଲେନ ରେ ଥିବା ଜନ ଶିକ୍ଷଣ ସଂସ୍ଥାନ ଅନୁଷ୍ଠାନ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ କାମାକ୍ଷା ପ୍ରସାଦ ଦାସ, ଅଧକ୍ଷ ଶିଶୁ କଲ୍ୟାଣ ସମିତି ନୟାଗଡ, ସମ୍ମାନୀତ ଅତିଥି ଭାବେ ଆବିନାଶ ସାହୁ, ସମ୍ପାଦକ ରୋଟାରୀ କ୍ଲବ ନୟାଗଡ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ମନୋଜ କୁମାର ସେଠି ସଭାପତିତ୍ୱ କରିଥିଲେ । ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସନ୍ଧ୍ୟାରାଣୀ ସାହୁ ଏହି ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ, ସହ କାର୍ଯ୍ୟକ୍ରମ ଅଧିକାରୀ ସତ୍ୟନାରାୟଣ ମହାନ୍ତି, ପ୍ରଦୀପ୍ତ ରଞ୍ଜନ ପ୍ରଧାନ, ଶୁଭେନ୍ଦ୍ର କୁମାର ଦାସ, ହୃଦୟ ରଞ୍ଜନ ନାୟକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କମ୍ପ୍ୟୁଟର ସହକାରୀ ବିଷ୍ଣୁ ପ୍ରସାଦ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜନ ଶିକ୍ଷଣ ସଂସ୍ଥାନର ୫୦ରୁ ଅଧିକ ତାଲିମ ନେଉଥିବା ହିତାଧିକାରୀ ମାନେ ଯୋଗଦେଇଥିଲେ । ଉପସ୍ଥିତ ଅତିଥି ମାନେ ଶିଶୁ ଶ୍ରମକୁ ନା କହିବା ସହିତ ପ୍ରତ୍ୟେକ ଶିଶୁକୁ ସ୍କୁଲ୍ ପଠାଇବା ଉପରେ ଆଲୋଚନା କରିଥିଲେ । ଗରିବୀ, ଅଶିକ୍ଷା ଏବଂ ସଚେତନତାର ଅଭାବ ଯୋଗୁଁ ଆଜି ଅନେକ ଶିଶୁ ନିଜର ଶୈଶବକୁ ହରାଉଛନ୍ତି। ଏହି ସମସ୍ୟାର ସମାଧାନ କେବଳ ସରକାରୀ ଆଇନ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ଆମ ସମାଜର ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଓ ସଚେତନତା ଜରୁରୀ ବୋଲି ଉପସ୍ଥିତ ଅତିଥିମାନେ ମତ ଉପସ୍ଥାପନ କରିଥିଲେ ।

## ସମ୍ବର୍ଦ୍ଧିତ ହେଲେ ଖଣ୍ଡପଡ଼ା ମାଟିର ପୁଅ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ

ଖଣ୍ଡପଡ଼ା ୧୨।୬ (ଅକ୍ଷର ଓଡ଼ିଶା) ଭାରତ ସରକାରଙ୍କ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ବାଲେଶ୍ୱର ସହରସ୍ଥିତ 'ଅମୃତ ବାଣୀ ଆଦର୍ଶ ଶୋଧ ସଂସ୍ଥାନ' ପରିସରରେ ଆୟୋଜିତ ଆବାସୀୟ ସଂସ୍କୃତ ଦକ୍ଷତା ବିକାଶ କର୍ମଶାଳାର ୯ ମ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ତଥା ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ 'ଅମୃତ ବାଣୀ ସାରସ୍ୱତ ସାଧକ' ଉପାଧିରେ ସମ୍ମାନିତ କରାଯାଇଥିବା ଜଣାଯାଇଛି। ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର କରିବା ଦିଗରେ ପ୍ରଫେସର ସତ୍ୟନାରାୟଣଙ୍କ ଅନେକ କିଛି ଅବଦାନ ରହିଛି। ଦିର୍ଘ ବର୍ଷ ଧରି ପ୍ରଫେସର ଶ୍ରୀ ଆଚାର୍ଯ୍ୟ ସୁଦୁର ଆନ୍ଧ୍ରପ୍ରଦେଶ ରାଜ୍ୟର ତିରୁପତିସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପଦବୀରେ ରହି ଦକ୍ଷତାର ସହ ସୁଚାରୁ ରୁପେ ଦାୟୀତ୍ୱ ତୁଲାଇବା ପରେ ଏବେ ସେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଦାୟୀତ୍ୱ ତୁଲାଉଥିବା ଜଣାପଡିଛି ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧକ୍ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାସଂଦ ଡକ୍ଟର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଅନୁଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର କୁମାର ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

### କୁସ୍ତିରେ ବୟସ ଜାଲିଆତି

# ଜାତୀୟ ପ୍ରତିଯୋଗିତାରେ ପ୍ରାୟ ୫୦୦ ଅଯୋଗ୍ୟ

ଗୋଣ୍ଡା ୧୨/୦୬ : ଏଠାରେ ଆୟୋଜିତ ୧୭ ବର୍ଷରୁ କମ୍ ଜାତୀୟ ଓପନ୍ ପ୍ରତିଯୋଗିତାରେଭାରତୀୟକୁସ୍ତି ମହାସଂଘ (ଡବ୍‌ଲ୍ୟୁଏଫ୍‌ଆଇ) ପକ୍ଷରୁ ଆଧାର ଯାଞ୍ଚରେ ବୟସ ଜାଲିଆତି ଧରାପଡ଼ିଛି। ଏଥିରେ ଧରାପଡ଼ି ପ୍ରାୟ ୫୦୦ କୁସ୍ତିବିତ୍ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଚଳିତ ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାର ପୁରୁଷ ଫ୍ରିଷ୍ଟାଇଲ୍, ଗ୍ରିକୋ ରୋମାନ ଓ ମହିଳା କୁସ୍ତି ବର୍ଗରେ ପ୍ରାୟ ୧୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ବାଧ୍ୟତାମୂଳକ ଜନ୍ମ ପ୍ରମାଣପତ୍ର ସହ କୁସ୍ତିବିତ୍‌ଙ୍କୁ ସେମାନଙ୍କ ମୋବାଇଲ୍ ଲିଙ୍କ୍ ଆଧାର କାର୍ଡ ପ୍ରଦାନ କରିବାକୁ କୁହାଯାଇଥିଲା। ଏଥିସହ ଆଧାର ଆପ୍‌ରେ ଓଟିପି ଦ୍ୱାରା ଯାଞ୍ଚ ବାଧ୍ୟତାମୂଳକ ହୋଇଥିଲା।ମହିଳା କୁସ୍ତିରେ ପ୍ରାୟ ୫୦ ଜଣ ଅଯୋଗ୍ୟ ହୋଇଛନ୍ତି ଏହି ଯାଞ୍ଚରେ ପୁରୁଷ ଫ୍ରିଷ୍ଟାଇଲ୍ ୩୦୦, ଗ୍ରିକୋ-ରୋମାନରେ ୧୨୫ ଏବଂ ମହିଳା କୁସ୍ତିରେ ପ୍ରାୟ ୫୦ ଜଣ ଅଯୋଗ୍ୟ ହୋଇଛନ୍ତି। ଏମାନଙ୍କ ଜନ୍ମ ପ୍ରମାଣପତ୍ର ସହ ଆଧାର କାର୍ଡ ରେକର୍ଡ ମେଳ ଖାଇ ନଥିଲା। ଜଣଙ୍କର ଜନ୍ମ ପ୍ରମାଣପତ୍ରରେ ରହିଛି ଜନ୍ମ ତାରିଖ ୨୦୦୭ ସ୍ଥାନ ଦିଲ୍ଲୀର ନରେଲା ରହିଛି। କିନ୍ତୁ ତାଙ୍କର ଆଧାର କାର୍ଡରେ ଜନ୍ମ ମସିହା ୨୦୦୪ ଓ ସ୍ଥାନ ହରିୟାଣା ରହିଛି। ଏହିଭଳି ତ୍ରୁଟି ଏମାନଙ୍କ ରହିବାରୁ ବାଦ୍ ଦିଆଯାଇଛି। ଯାଞ୍ଚରେ ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡର ରେକର୍ଡ ସମାନ ଥିବାରୁ ପୁରୁଷ ଫ୍ରିଷ୍ଟାଇଲ୍‌ରେ ୩୫୦, ମହିଳାରେ ୧୮୫ ଓ ଗ୍ରିକୋ-ରୋମାନରେ ୧୬୦ ଜଣଙ୍କୁ ଖେଳିବାକୁ ଅନୁମତି ମିଳିଥିଲା।



## ନନ୍ଦାହାଣ୍ଡିରେ ୧୩୭ ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ

ନବରଙ୍ଗପୁର୧୨/୦୬ (ଅକ୍ଷର ଓଡିଶା )ଡିଜିଟାଲ ସେବାରେ ମାତୃ ଓ ଶିଶୁ କଲ୍ୟାଣକୁ ମିଳିବ ଗତି କ୍ଷ ମହିଳା ସଶକ୍ତିକରଣ ଓ ଡିଜିଟାଲ ଇଣ୍ଡିଆର ସ୍ୱପ୍ନକୁ ସାକାର କରିବା ଦିଗରେ ଆଜି ନନ୍ଦାହାଣ୍ଡି ବ୍ଲକର ୧୩୭ ଜଣ ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ମାତୃ ଓ ଶିଶୁ କଲ୍ୟାଣ ସେବାକୁ ଅଧିକ ଦ୍ରୁତ, ସ୍ୱଚ୍ଛ ଓ ପ୍ରଭାବଶାଳୀ ଭାବେ ଲୋକଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି।ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଓ ସ୍ଥାନୀୟ ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଙ୍ଗନୱାଡି କର୍ମୀମାନଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ କରିଥିଲେ। ଏହି ଅବସରରେ ପ୍ରଶାସନିକ ଅଧିକାରୀ, ବ୍ୟାଙ୍କିଙ୍ଗ କ୍ଷେତ୍ରର ବରିଷ୍ଠ ପଦାଧିକାରୀ ଏବଂ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।ଏହି ପଦକ୍ଷେପ ମହିଳାମାନଙ୍କୁ ଡିଜିଟାଲ ଭାବେ ସଶକ୍ତ କରିବା ସହିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ପୋଷଣ ସେବାକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଥିଲା। ସଶକ୍ତ ମହିଳା, ସଶକ୍ତ ସମାଜ ଏବଂ ସଶକ୍ତ ଭାରତ ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅତିଥିମାନେ ମଧ୍ୟ ମତବ୍ୟକ୍ତ କରିଥିଲେ।



## ତାରାତାରିଣୀ ମହାବିଦ୍ୟାଳୟରେ ଖୁସିର ବାତାବରଣ

ପୁରୁଷୋତ୍ତମପୁର୧୨/୦୬(ଅକ୍ଷର ଓଡ଼ିଶା) : ତାରାତାରିଣୀ ମହାବିଦ୍ୟାଳୟରେ ବର୍ତ୍ତମାନ ଖୁସିର ବାତାବରଣ ଖେଳିଯାଇଛି। ଚଳିତ ବର୍ଷ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ +୨, +୩, ତଥା ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।ସମ୍ପ୍ରତି ରସାୟନ ବିଜ୍ଞାନ ସମ୍ମାନର ଛାତ୍ରୀ ଚିନ୍ମୟୀ ପାଣିଗ୍ରାହୀ ଜାମ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୦୩୮ତମ ସ୍ଥାନ ଅଧିକାର କରି ଏନ୍‌ଆଇଟି ରାଉରକେଲାରେ ନାମଲେଖା କରିବାର ସୁଯୋଗ ପାଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ମହାବିଦ୍ୟାଳୟ ପରିବାର ମଧ୍ୟରେ ଉତ୍ସାହ ଦେଖାଦେଇଛି ।ଅଧକ୍ଷ ଡଃ ପ୍ରଦୀପ କୁମାର ସାହୁ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ନିରନ୍ତର ସଫଳତା ମହାବିଦ୍ୟାଳୟର ଶିକ୍ଷାର ମାନ ଓ ଅଧ୍ୟାପକମାନଙ୍କ ନିଷ୍ଠାର ପ୍ରତିଫଳନ। ରସାୟନ ବିଭାଗର ମୁଖ୍ୟ ଡଃ ଅଜିତ କୁମାର ମିଶ୍ର ମଧ୍ୟ ଚିନ୍ମୟୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।ଉଲ୍ଲେଖଯୋଗ୍ୟ ଯେ, ତାରାତାରିଣୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିକଟ ଅତୀତରେ ଦ୍ୱାରା ପରିଚାଳିତ ବିଭିନ୍ନ ପରୀକ୍ଷାରେ ସଫଳତା ହାସଲ କରି ମହାବିଦ୍ୟାଳୟର ସୁନାମକୁ ଆହୁରି ବୃଦ୍ଧି କରିଛନ୍ତି।



ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by BHARAT KUMAR BEHERA, Published at -99/6, Kalinga Vihar, Bhubaneswar-751019. Printed at PRINT-TECH OFFSET PVT. LTD., F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera